R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୮୫
ତିଥି : ଦ୍ୱାଦଶୀ
୨୨ ଜୁଲାଇ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 285
22 July 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା




ଭୁବନେଶ୍ୱର, ୨୧।୭ (ସବ୍ୟୁ): ରାଜ୍ୟର ବିଜେପି ସରକାର ବର୍ଷେ ପୂରିଛି। ବର୍ଷପୂର୍ତ୍ତି ପରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜଭବନରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିବା ନେଇ ଏହି ପ୍ରସଙ୍ଗ ପୁଣି ଜୋର ଧରିଛି। ଯଦିଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ସୌଜନ୍ୟମୂଳକ ସାକ୍ଷାତ ବୋଲି ବର୍ଣ୍ଣନା କରାଯାଇଛି। ତେବେ ଏହି ସାକ୍ଷାତ ଆଲୋଚନା ରାଜନୈତିକ ମହଲରେ ବେଶ ଗୁରୁତ୍ୱବହନ କରିଛି।

ମୁଖ୍ୟମନ୍ତ୍ରୀ ଆଜି ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିଥିଲେ। ଉଭୟଙ୍କ ମଧ୍ୟରେ ବେଶ କିଛି ସମୟ ଆଲୋଚନା ହୋଇଛି। ରାଜ୍ୟ ମନ୍ତ୍ରିମଣ୍ଡଳରେ ୬ ମନ୍ତ୍ରୀ ପଦବୀ ଖାଲିପଡିଛି। ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଧରିଛି। କେବଳ ରାଜନୈତିକ ମହଲ ନୁହେଁ, ବିଜେପି ମହଲରେ ମଧ୍ୟ ଆଲୋଚନା ରହିଛି। କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ

### ୬ ମନ୍ତ୍ରୀ ପଦ ଖାଲି ରହିଛି

ଚରଣ ମାଝୀ ଓ ରାଜ ବିଜେପି ସଭାପତି ମନମୋହନ ସାମଲ ଉଭୟ ଦିଲ୍ଲୀଗସ୍ତରେ ଯାଇଥିଲେ। ଦିଲ୍ଲୀଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଆଲୋଚନା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲା ସମୟରେ ରାଜ୍ୟ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ନେଇ କୁଆଡେ ସବୁଜ ସଂକେତ ମିଳିଛି। ସେହିଭଳି ରାଜ୍ୟ ସଭାପତି ମଧ୍ୟ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନ କରିଛି। ବର୍ଷେରୁ ଅଧିକ ହେଲାଣି ୬ ମନ୍ତ୍ରୀ ପଦବୀ ଖାଲି ରହିଛି। କେତେକ ମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ ନେଇ ମୁଖ୍ୟମନ୍ତ୍ରୀ ଓ ଦଳର ଶୀର୍ଷ ନେତୃତ୍ୱ ଅସନ୍ତୁଷ୍ଟ ଥିବାର ଜଣାପଡିଛି। ଆଲୋଚନା (୯ ପୃଷ୍ଠାରେ)

# ଉପ-ରାଷ୍ଟ୍ରପତିଙ୍କ ଇସ୍ତଫା



### କାର୍ଯ୍ୟକାଳ ସରିବା ପୂର୍ବରୁ ପଦ ଛାଡ଼ିଲେ

ନୂଆଦିଲ୍ଲୀ, ୨୧।୭ : ଉପରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡ ଇସ୍ତଫା ଦେଇଛନ୍ତି। ସଂସଦର ମୌସୁମୀ ଅଧିବେଶ ଆରମ୍ଭର ପ୍ରଥମ ଦିନଗରୁ ଉପରାଷ୍ଟ୍ରପତିଙ୍କ ଇସ୍ତଫା ଘୋଷଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ତାଙ୍କ ଇସ୍ତଫା ପ୍ରଦାନ କରିଛନ୍ତି। ସମ୍ବିଧାନର ୬୭-ଏ ଧାରା ଅନୁଯାୟୀ ରାଷ୍ଟ୍ରପତିଙ୍କୁ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ତୁରନ୍ତ ଏହାକୁ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି।

୨୦୨୨ରୁ ସେ ଉପରାଷ୍ଟ୍ରପତି ଭାବେ କାର୍ଯ୍ୟ କରୁଥିଲେ। ୭୪ ବର୍ଷୀୟ ଶ୍ରୀ ଧନଖଡ ଡାକ୍ତରଙ୍କ ପରାମର୍ଶ ଓ ନିଜର ନିଜର ସ୍ୱାସ୍ଥ୍ୟର ଯତ୍ନ ପାଇଁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି । ତାଙ୍କ କାର୍ଯ୍ୟକାଳ ସମୟରେ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିବାରୁ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାଛଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମନ୍ତ୍ରିମଣ୍ଡଳର ସମର୍ଥନ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହଯୋଗ ଅମୂଲ୍ୟ ଥିଲା ବୋଲି ସେ ଉଲ୍ଲେଖ କରିବା ସହ ସାଂସଦମାନଙ୍କ ପକ୍ଷରୁ ତାଙ୍କୁ ସମର୍ଥନ ମିଳିଥିଲା ବୋଲି ଦର୍ଶାଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସେ ତାଙ୍କ କାର୍ଯ୍ୟାଳୟ ପରିତ୍ୟାଗ କରିବା ପୂର୍ବରୁ ଭାରତ ବିଶ୍ୱରେ ଉଦୟ ହୋଇଥିବା ନେଇ ସେ ଗର୍ବ ଅନୁଭବ କରୁଛନ୍ତି।

## ଛାତ୍ରୀ ନିର୍ଯାତନା ଅଭିଯୋଗ
## ଅଧ୍ୟକ୍ଷ, ଅଧ୍ୟାପକ ନିଲମ୍ବିତ

ରଘୁନାଥପୁର, ୨୧।୭ (ସବ୍ୟୁ): ଜନୈକା ଛାତ୍ରୀ ନିର୍ଯାତନା ଅଭିଯୋଗରେ ରଘୁନାଥପୁର ବ୍ଲକ ଅଧିନ ବର୍ତ୍ତିସ୍ଥିତ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟ ଯୁକ୍ତ୨ର ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କୁ ଆଜି ଜଗତସିଂହପୁର ଜିଲ୍ଲାପାଳ ଚାକିରିରୁ ନିଲମ୍ବିତ କରିଛନ୍ତି। ଗତ ଜାନୁୟାରୀ ମାସରେ ଏହି କଲେଜର ଜନୈକା ଛାତ୍ରୀ ଅଧ୍ୟାପକଙ୍କ ନାମରେ ଏକ ଲିଖିତ ନିର୍ଯାତନା ଅଭିଯୋଗ ଅଧ୍ୟକ୍ଷଙ୍କ ନିକଟରେ ଆଣିଥିଲେ। ଅଧ୍ୟକ୍ଷ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଏକ କମିଟି ଗଠନ କରି ଅଧ୍ୟାପକ ଶ୍ରୀ ମହାନ୍ତିଙ୍କୁ ଏକ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରିଥିଲେ। ତେବେ ପର ମୁହୂର୍ତ୍ତରେ ସଂପୃକ୍ତ ଛାତ୍ରୀ ଜଣକ ଅଧ୍ୟାପକଙ୍କ ସହିତ ଆପୋଷ ବୁଝାମଣା କରିବା ସହିତ ଅଧ୍ୟକ୍ଷଙ୍କୁ (୯ ପୃଷ୍ଠାରେ)

## ରେଭେନ୍ସାରେ ରାଗିଂ
## ୧୦ ଛାତ୍ର ହଷ୍ଟେଲରୁ ନିଲମ୍ବିତ

କଟକ, ୨୧।୭ (ସବ୍ୟୁ): ରେଭେନସା ବିଶ୍ୱବିଦ୍ୟାଳୟର ଆସିଛି ରାଗିଂ ଅଭିଯୋଗ। ଇଷ୍ଟ ହଷ୍ଟେଲର ସ୍ନାତକ ପ୍ରଥମ ବର୍ଷର ଛାତ୍ର ରାଗିଂର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ବିଳମ୍ବିତ ରାତିରେ ହଷ୍ଟେଲ ୱାଡେନ ଓ ବରିଷ୍ଠ ଅଧ୍ୟାପକ ଆଣ୍ଟି ରାଗିଂ କମିଟି ସଦସ୍ୟ ଇଷ୍ଟ ହଷ୍ଟେଲ ପରିଦର୍ଶନ କରି ସ୍ଥିତି ପରଖିଥିଲେ। ପ୍ରଥମ ବର୍ଷ ଛାତ୍ରଙ୍କୁ ଉଦ୍ଧାର କରିବା ସହ ଏକାଧିକ ସିନିୟର ଛାତ୍ରଙ୍କୁ ହଷ୍ଟେଲରୁ ନିଲମ୍ବିତ ନିର୍ଦ୍ଦେଶ ଦେଇଛନ୍ତି ରେଭେନ୍ସା କର୍ତ୍ତୃପକ୍ଷ । ତେବେ ଉଭୟ ବରିଷ୍ଠ ଓ କନିଷ୍ଠ ଛାତ୍ର ରାଗିଂ ହୋଇ ନଥିବା କହିଥିବା କହିଥିବାବେଳେ ରାଗିଂର ଭିଡ଼ିଓ ଓ ଫଟୋ ପ୍ରମାଣ ଥିବା ସ୍ପଷ୍ଟ କରିଛନ୍ତି ରେଭେନ୍ସା କର୍ତ୍ତୃପକ୍ଷ। ଏଭଳି ଘଟଣା କୁ ନେଇ ବିବାଦର ଅଡୁଆ ସୂତାରେ ଛନ୍ଦି ହୋଇପଡ଼ିଛି ରେଭେନ୍ସା ବିଶ୍ୱବିଦ୍ୟାଳୟ । ଏପରିକି (୯ ପୃଷ୍ଠାରେ)

# ପହଲଗାମ୍ ପ୍ରସଙ୍ଗରେ ଆଲୋଚନା ଲାଗି ସରକାର ରାଜି



- ମୌସୁମୀ ଅଧିବେଶନ ଆରମ୍ଭରୁ ହଟ୍ଟଗୋଳ
- ଏହି ଅଧିବେଶନ ଦେଶ ପାଇଁ ଗୌରବର ମୁହୂର୍ତ୍ତ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୧।୭ : ସଂସଦର ମୌସୁମୀ ଅଧିବେଶନ ଆଜିଠୁ ଆରମ୍ଭ ହୋଇଛି। ଅଧିବେଶନ ପ୍ରଥମ ଦିନରୁ ବେଶ୍ ସରଗରମ ହୋଇଛି। ବିରୋଧୀ ଦଳ ପକ୍ଷରୁ ପହଲଗାମ୍ ଆଲୋଚନା ନେଇ ଦାବି କରାଯାଇଥିଲା। ଏହି ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ବେଶ୍ ହଟ୍ଟଗୋଳ ହୋଇଥିଲା। ଅପରାହ୍ନ ଅଧିବେଶନ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ଚାଲିବା ସମ୍ଭବପର ହୋଇନଥିଲା। ତେବେ ସରକାର ଅପରେସନ୍ ସିନ୍ଦୂର ଓ ପହଲଗାମ୍ ଆତଙ୍କୀ ଆକ୍ରମଣ ପ୍ରସଙ୍ଗରେ ଲୋକସଭାରେ ୧୬ ଘଣ୍ଟା ଓ ରାଜ୍ୟସଭାରେ ୯ ଘଣ୍ଟା ଲାଗି ଆଲୋଚନା ହେବ ବୋଲି ସୂଚନା ମିଳିଛି। ଏହାଛଡା ସରକାରଙ୍କ ପକ୍ଷରୁ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପସ୍ଥାପନ ହୋଇପାରେ।

ସଂସଦ ଅଧିବେଶନ ଆରମ୍ଭ ହେବାମାତ୍ରେ ପହଲଗାମ୍ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରାଯାଇଥିଲା। ପ୍ରଶ୍ନକାଳ ଆରମ୍ଭ ହେବାପରେ ବିରୋଧୀ ହଙ୍ଗାମା କରିଥିଲେ। (୯ ପୃଷ୍ଠାରେ)

## ଭଉଣୀ, ଖୁଡ଼ିକୁ ହାଣିଲା ପୁତୁରା

ପଦ୍ମପୁର, ୨୧।୭ (ସବ୍ୟୁ) : ଛତୁ ପାଇଁ ଗଡିଲା ଦୁଇଟି ମୁଣ୍ଡ । ଏଭଳି ଅଘଟଣ ବରଗଡ଼ ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ପଥୁରୀ ଗାଁରେ ଘଟିଛି । ପୁତୁରାର ଟାଙ୍ଗିଆ ଚୋଟରେ ଖୁଡି ଓ ଭଉଣୀଙ୍କ ଜୀବନ ଯାଇଥିବା ବେଳେ ଦାଦା ଗୁରୁତର ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ପଥୁରୀ ଗାଁ ର ବିଶିକେଶନ ନାଗ ଛତୁ ଚାଷ କରିଛନ୍ତି । ରବିବାର ଦିନ ବିଶିକେଶନଙ୍କ ଛତୁ ଚୋରୀ ହୋଇଥିବା ନେଇ ଘରେ ପାଟି ତୁଣ୍ଡ କରିଥିଲେ । ଯାହାକି ତାଙ୍କ ପୁତୁରା ଶଶିଭୂଷଣ ନାଗ ଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ସୋମବାର ଶଶିଭୂଷଣ ନିଜ ବିଲରୁ କାମ କରି ଫେରିବା ପରେ ଦାଦା -ପୁତୁରା ମଧ୍ୟରେ ପୁଣି ଝଗଡା ଆରମ୍ଭ ହୋଇଥିଲା । ପୁତୁରାର ଆକ୍ରମଣରେ ବିଶିକେଶନ (୯ ପୃଷ୍ଠାରେ)

## ପ୍ଲାଷ୍ଟିକ ବୋତଲରେ ମିଳିବନି ପେଟ୍ରୋଲ

ଭୁବନେଶ୍ୱର, ୨୧।୭ (ସବ୍ୟୁ): ରାଜ୍ୟରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କୌଣସି ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କ୍ରୟକୁ ପ୍ରୋତ୍ସାହିତ ନକରିବାକୁ ବିଭିନ୍ନ ସଂଘ ସହ ଆଲୋଚନା କରାଯାଇଛି । ପ୍ଲାଷ୍ଟିକ ବୋତଲ ବଦଳରେ କାଚ ବୋତଲରେ ପେଟ୍ରୋଲ ମିଳିବ । ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପେଟ୍ରୋଲ ବିକ୍ରୟକୁ ନେଇ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଦ୍ୱାରା ପ୍ରଦତ୍ତ ନିୟମର କଡ଼ାକଡ଼ି ପାଳନ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସଂଘଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । (୯ ପୃଷ୍ଠାରେ)

# ସୌମ୍ୟାଶ୍ରୀ ମାମଲା : କ୍ରାଇମବ୍ରାଞ୍ଚ ହାତରେ ପ୍ରମାଣ !

### ସନ୍ଦେହ ଘେରରେ ଆଇସିସି ରିପୋର୍ଟ


ବାଲେଶ୍ୱର, ୨୧।୭ (ସବ୍ୟୁ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାକୁ ସରକାର ଗୁରୁତ୍ୱର ସହ ନେଇ ଖୁବ ସତର୍କତାର ସହ ଏହାର ତଦନ୍ତ କରାଯାଇଛି । କ୍ରାଇମ ବ୍ରାଞ୍ଚ ହାତରେ ଅନେକ ଗୁରିତ୍ୱପୂର୍ଣ୍ଣ ପ୍ରମାଣ ମିଳିସାରିଥିବା ବେଳେ ସାକ୍ଷୀମାନେ ବାରମ୍ବାର ବୟାନ ବଦଳାଉଥିବାରୁ ସମସ୍ୟା ସୃଷ୍ଟି କରୁଛି । ସେମାନେ ପୁଲିସ ଆଗରେ ଗୋଟିଏ କଥା କହୁଥିବା ବେଳେ ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ବୟାନ ଦେଉଛନ୍ତି ବୋଲି ସୋମବାର ଦିନ ବାଲେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର । ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଆହୁରି କହିଲେ, ଛାତ୍ରୀଙ୍କ ଆତ୍ମାହୁତି ନେଇ ଯେଉଁ ପ୍ରମାଣ ହସ୍ତଗତ ହୋଇଛି, ସେଗୁଡ଼ିକ ତର୍ଜମା ଚାଲିଛି । ମିଳିଥିବା ଜିନିଷ ଓ ସିସିଟିଭି ଫୁଟେଜ ଫରେନ୍ସିକ ଲ୍ୟାବକୁ ପଠାଯାଇଛି । ତଦନ୍ତକୁ ୨ଟି ଭାଗରେ ବିଭକ୍ତ କରଯାଇଛି । ଘଟଣା ପାଇଁ (୯ ପୃଷ୍ଠାରେ)

## ବଲାଙ୍ଗୀରେ କ୍ରାଇମବ୍ରାଞ୍ଚ ଟିମର ତନାଘନା

### ଗୁମର ଖୋଲିବ ରୁପା ମୁଦି

ବଲାଙ୍ଗୀ, ୨୧।୭ (ସବ୍ୟୁ): ବଲାଙ୍ଗୀରେ ନାବାଳିକା ଝିଅ(୧୫)ଙ୍କୁ ତିନି ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇବା ଘଟଣାରେ ପୋଲିସ ହାତ ଏପର୍ଯ୍ୟନ୍ତ ଖାଲି ରହିଛି । ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ କୌଣସି ବ୍ୟକ୍ତିଙ୍କୁ ଅଟକ କିମ୍ବା ଗିରଫ କରାଯାଇନାହିଁ । ଏହି ଘଟଣାର ଅଧିକ ତଦନ୍ତ ପାଇଁ ବଲାଙ୍ଗୀରେ ୫ ଜଣିଆ କ୍ରାଇମବ୍ରାଞ୍ଚ ଟିମ ପହଞ୍ଚିଛନ୍ତି।

ଏହି ଟିମ ବଲାଙ୍ଗୀ ଥାନାକୁ ଯାଇ ତଦନ୍ତର ଦିଗ ବୁଝିବା ସହ ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କ ଘରକୁ ମଧ୍ୟ ଯାଇଛନ୍ତି। ବଲାଙ୍ଗୀ ପୀଡ଼ିତାଙ୍କ କହିବା (୯ ପୃଷ୍ଠାରେ)





## ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି

# ରମାଦେବୀ ଚୌଧୁରୀ

ଜଣେ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କର ରହିଛି ଅନେକ ଖ୍ୟାତି । ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ନିକଟସ୍ଥ ସତ୍ୟଭାମାପୁର ଗ୍ରାମରେ ବସନ୍ତ କୁମାରୀ ଦେବୀ ଏବଂ ଗୋପାଳ ବଲ୍ଲଭ ଦାସଙ୍କ କୋଳମଣ୍ଡନ କରି ରମାଦେବୀ ଜନ୍ମଗ୍ରହଣ କରିଥିଲେ । ରମାଦେବୀ ବିଦ୍ୟାଳୟ ଶିକ୍ଷାଲାଭ ନକରି ମଧ୍ୟ ଓଡ଼ିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା ଆଦି ଭାଷାରେ ଘରୋଇ ଭାବେ ଶିକ୍ଷାଲାଭ କରିଥିଲେ । ୧୯୧୪ ମସିହା ଅପ୍ରେଲ ମାସରେ କଟକର ଓକିଲ ଓ ତତ୍କାଳୀନ ଡେପୁଟି କଲେକ୍ଟର ଗୋପବନ୍ଧୁ ଚୌଧୁରୀଙ୍କୁ ସେ ବିବାହ କରିଥିଲେ । ଡେପୁଟି କଲେକ୍ଟର ପଦବୀ ଛାଡ଼ି ଗୋପବନ୍ଧୁ ସ୍ୱଦେଶୀ ଆନ୍ଦୋଳନରେ ଯୋଗଦେଇଥିଲେ । ୧୯୨୧ ମାର୍ଚ୍ଚ ୨୪ ତାରିଖ ଦିନ ମହାତ୍ମା ଗାନ୍ଧୀ କଟକ କାଠଯୋଡ଼ି ନଗରର ବାଲିଶଯ୍ୟା ଉପରେ ଓ ବିନୋଦ ବିହାରୀ ପରିସରରେ ଦୁଇଗୋଟି ସାଧାରଣ ସମାବେଶରେ ଯୋଗ ଦେଇଥିଲେ । ଉକ୍ତ ସଭାରେ ଉପସ୍ଥିତ ଥିବା ରମାଦେବୀ ଗାନ୍ଧୀଙ୍କ ଭାଷଣରେ ପ୍ରଭାବିତ ହୋଇ ନିଜର ୨୦୦ ଭରି ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ଦ୍ରବ୍ୟ ସ୍ୱରାଜ୍ୟ ପାଣ୍ଠିକୁ ଦାନ କରିବା ସହିତ ଶସ୍ତା ଶାଢ଼ୀ ପିନ୍ଧିବା ଆରମ୍ଭ କରିଥିଲେ । ବଂଗଲକ୍ଷ୍ମୀ ପ୍ରେସର ଶାଢ଼ୀ, ଖଦୀବସ୍ତ୍ର ଓ ସ୍ୱଦେଶୀ ବସ୍ତ୍ର ଆଜୀବନ ପରିଧାନ କରିବା ପାଇଁ ସଂକଳ୍ପ କରିଥିଲେ । ରମାଦେବୀ ୧୯୩୦ର ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ୧୯୩୪ ଅଗଷ୍ଟ ୮ରେ ଗାନ୍ଧିଜୀଙ୍କ ପୁରୀ ହରିଜନ ସମାବେଶ ସହ ଜଗନ୍ନାଥ ମନ୍ଦିର ଆଗରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନର ମୁଖ୍ୟ ଦାୟିତ୍ୱ ନେଇଥିଲେ । ମଧୁସୂଦନ ଓ ଗାନ୍ଧିଙ୍କଦ୍ୱାରା ଅନୁପ୍ରାଣିତ ହୋଇ ସେ ୱାର୍ଦ୍ଧା ଆଶ୍ରମ ଢାଞ୍ଚାରେ ବରିରେ ଆଶ୍ରମ ଗଢ଼ିଥିଲେ । ଏହିପରି ସେ ଅନେକ ସଂଗ୍ରାମରେ ଯୋଗଦେଇ ଅନେକ କାର୍ଯ୍ୟ କରିଥିଲେ । ୧୯୮୫ ମସିହା ଜୁଲାଇ ୨୨ ତାରିଖରେ ରମାଦେବୀଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ମୃତ୍ୟୁରେ ଓଡ଼ିଶାରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।

# ଦରଦାମ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

ବିଶ୍ୱରେ ବର୍ତ୍ତମାନ ବିଭିନ୍ନ ଖାଦ୍ୟ ସାମଗ୍ରୀର ଦରଦାମ ବଢ଼ିବାରେ ଲାଗିଛି, ଯାହା ଲୋକଙ୍କ ଗ୍ରସରୀ ବିଲ୍ ବଢ଼ାଇବାରେ ଲାଗିଛି । ତେବେ ନିକଟରେ ମିଳିଥିବା ସୂଚନା ଅନୁସାରେ ଅଷ୍ଟ୍ରେଲୀୟ ଲେଟୁସ୍‌ର ଦାମ ୩୦୦ ପ୍ରତିଶତ ବଢ଼ିଥିବାବେଳେ ୟୁରୋପୀଅ ଅଲିଭ୍ ତେଲର ଦାମ ୫୦ ପ୍ରତିଶତ ବଢ଼ିଛି । ସେହିଭଳି ଆମେରିକାର ପନିପରିବାର ଦାମ ୮୦ ପ୍ରତିଶତ ବଢ଼ିଛି, ଯାହାର ସିଧାସଳଖ ପ୍ରଭାବ ସାଧାରଣ ଲୋକଙ୍କ ବିଲ୍‌ଉପରେ ପଡୁଛି । ସୂଚନାଅନୁସାରେ ବାର୍ସେଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟର ଓ ୟୁରୋପିଆନ ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ ଏକ ସର୍ଭେ କରାଯାଇ ଏ ସମ୍ପର୍କିତ କିଛି ତଥ୍ୟ ସାମନାକୁ ଅଣାଯାଇଛି । ଏହି ଗ୍ରୁପ ୨୦୨୨ରୁ ୨୦୨୪ ଭିତରେ ସାରା ବିଶ୍ୱର ଅନେକ ସ୍ଥାନରେ ଏ ସମ୍ପର୍କରେ ଗବେଷଣା କରିଥିଲେ । ଏହି ଗବେଷଣାର ତଥ୍ୟ ଅନୁସାରେ ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକ ତାପମାତ୍ରା ସହିତ ଅତ୍ୟଧୀକ ବର୍ଷା ଦେଖିବାକୁ ମିଳୁଛି । ଯେଉଁ କାରଣରୁ ଉତ୍ପାଦନ ଉପରେ ପ୍ରଭାବ ପଡୁଛି । ତେଣୁ ବିଭିନ୍ନ ସ୍ଥାନରେ ମିଳୁଥିବା ପନିପରିବା ହେଉ କିମ୍ବା ଅନ୍ୟସାମଗ୍ରୀ ସେସବୁର ଦରଦାମ ବଢୁଛି ବୋଲି ଏହି ଗବେଷଣାରେ ଜଣା ପଡିଛି । ଏହାକୁ ନେଇ ସମସ୍ତେ ଚିନ୍ତା ପ୍ରକଟ କରିବା ସହିତ କିଭଳି ଏହି ପରିସ୍ଥିତିରୁ ମୁକୁଳି ହେବ ସେନେଇ କାର୍ଯ୍ୟ କରିବା ଆରମ୍ଭ କରିବାକୁ ପଡିବବୋଲି ସମସ୍ତେ ପରିବେଶବିଦ୍ ମତ ଦେଉଛନ୍ତି ।



## ଇତିହାସ

୧୯୧୮– ଭାରତର ପ୍ରଥମ କୁଶଳୀ ପାଇଲଟ୍ ଇନ୍ଦ୍ରଲାଲ ରାୟ ପ୍ରଥମ ବିଶ୍ୱଯୁଦ୍ଧରେ ସହୀଦ ।
୧୯୩୩– ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଯତୀନ୍ଦ୍ର ମୋହନ ସେନଗୁପ୍ତାଙ୍କ ପରଲୋକ ।
୧୯୪୭– ସମ୍ବିଧାନରେ ଭାରତୀୟ ରାଷ୍ଟ୍ରୀୟ ଧ୍ୱଜ ସ୍ୱୀକୃତ ।
୧୯୫୯– ପ୍ରସିଦ୍ଧ ରାଜନୈତିକ ଏବଂ ବର୍ତ୍ତମାନର କ୍ୟାବିନେଟ୍ ମନ୍ତ୍ରୀ ଅନନ୍ତ କୁମାରଙ୍କ ଜନ୍ମ ।
୧୯୬୮– ପ୍ରସିଦ୍ଧ ଭାରତୀୟ ମହିଳା ଚିକିତ୍ସକ, ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ମୃତ୍ୟୁଲକ୍ଷ୍ମୀ ରେଡ୍ଡୀଙ୍କ ପରଲୋକ ।
୧୯୭୦– ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍‌ଙ୍କ ଜନ୍ମ ।
୧୯୮୧– ଭାରତର ପ୍ରଥମ ଉପଗ୍ରହ ଆପଲ୍ କାର୍ଯ୍ୟ କରିବା ଆରମ୍ଭ କଲା ।
୧୯୯୯– ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ଦ୍ୱାରା ସମାନ କାର୍ଯ୍ୟ ପାଇଁ ସମାନ ପାରିଶ୍ରମିକ ଯୋଜନା କାର୍ଯ୍ୟକାରୀ ହେଲା ।
୨୦୦୯– ୨୧ତମ ଦଶକର ସର୍ବବୃହତ୍ ସୂର୍ଯ୍ୟଗ୍ରହଣ ।
୨୦୧୨– ପ୍ରଣବ ମୁଖାର୍ଜୀ ତ୍ରୟୋଦଶ ରାଷ୍ଟ୍ରପତି ହେଲେ ।
୨୦୧୨– ଚୀନ୍‌ର ବେଜିଂରେ ମାତ୍ରାଧିକ ବର୍ଷା କାରଣରୁ ୭୭ ଲୋକଙ୍କ ମୃତ୍ୟୁ ।



# କୋଙ୍କଣୀ ଫ୍ରାଏଡ୍ ଚିକେନ୍

**ସାମଗ୍ରୀ–** ବୋନ୍‌ଲେସ ଚିକେନ, ଅଣ୍ଡା, ବଟରମିଲ୍କ, ମାଲଭାନୀ ମସାଲା (ସ୍ୱତନ୍ତ୍ର ମସଲା), ମଇଦା, ବ୍ରେଡକ୍ରମ୍ବ ।

**ପ୍ରଣାଳୀ–** ପ୍ରଥମେ ଚିକେନ୍‌କୁ ମାଲଭାନୀ ମସଲା ଦେଇ ଗୋଳାଇ ଫ୍ରିଜରେ ରଖି ନିଅନ୍ତୁ । ଏକ ବଡ ପ୍ୟାନ୍‌ରେ ତେଲ କିମ୍ବା ବଟର ପକାଇ ଏଥିରେ ଛୋଟ ପିଆଜକୁ ପକାଇ ଭାଜନ୍ତୁ । ପିଆଜ ଅଳ୍ପ ଭାଜିହେବା ପରେ ଏଥିରେ କଟା ରସୁଣ ପକାନ୍ତୁ । ବର୍ତ୍ତମାନ ଗୋଟିଏ ପାତ୍ରରେ ଅଣ୍ଡା ଓ ବଟର ମିଲ୍କକୁ ମିଶାନ୍ତୁ । ଅନ୍ୟଏକ ପାତ୍ରରେ ମଇଦା, ବ୍ରେଡ କ୍ରମ୍ବ ଓ ଲୁଣ ପକାଇ ଗୋଳାଇ ଶୁଖିଲା ମିଶ୍ରଣ ପ୍ରସ୍ତୁତ କରନ୍ତୁ । ପ୍ରଥମେ ମ୍ୟାରିନେଟେଡ୍ ଚିକେନ୍‌କୁ ଅଣ୍ଡା ମିଶ୍ରଣରେ ବୁଡାନ୍ତୁ, ଏହାପରେ ଏହି ଚିକେନ୍‌କୁ ବ୍ରେଡକ୍ରମ୍ବ ଓ ମଇଦାର ଶୁଖିବା ମିଶ୍ରଣରେ ଗଡାଇ ଛାଣି ନିଅନ୍ତୁ, ପ୍ରସ୍ତୁତ ହୋଇଯିବ କୋଙ୍କଣୀ ଫ୍ରାଏଡ ଚିକେନ୍ ।

## ସୋସିଆଲ କୋଟ୍ସ



"ମାତ୍ର ୨୧ ବର୍ଷରେ 'ଅର୍ଜୁନ ରେଡ୍ଡି' ଭଳି ପ୍ରୋଜେକ୍ଟ ମିଳିବା ବଡ କଥା । ମୁଁ କିଛି ନଭାବି ସିଧା ଫିଲ୍ମଟି ସାଇନ୍ କରିଥିଲି ।
ଶାଲିନି ପାଣ୍ଡେ, ଅଭିନେତ୍ରୀ




"ସିରିଏଲ୍ କ୍ୟୁ କିଁ ସାସ ଭି କଭି ବୋହୂ ଥି ସିରିଏଲ୍ ମୋର ଲାଇଫ୍ ବଦଳାଇ ଦେଇଥିଲା । ରାତାରାତି ଷ୍ଟାର ହୋଇଯାଇଥିଲି । ହେଲେ ଅନେକ ସମୟରେ ଅନଲକି ମଧ୍ୟ ସାବ୍ୟସ୍ତ ହୋଇଛି ।
ଅମର ଉପାଧ୍ୟେୟ, ଅଭିନେତା



"ଶାହରୁଖଙ୍କ ସହିତ କାମ କରିବାକୁ ବହୁତ ଇଚ୍ଛା ଅଛି । ମୁଁ ତାଙ୍କର ବଡ ଫ୍ୟାନ୍ । ବଡ ଷ୍ଟାରଙ୍କ ସହିତ ନର୍ମାଲ ଫିଲ୍ମ ତିଆରି କରିବାର କୌଣସି ଅର୍ଥ ନାହିଁ ।
ସନ୍ଦୀପ ରେଡ୍ଡି, ଫିଲ୍ମ ମେକର୍ସ

# କରଣଙ୍କ ରାଗ



ନିକଟରେ ଫିଲ୍ମମେକର କରଣ ଜୋହର ଅଭିନେତା ଅହାନ ପାଣ୍ଡେଙ୍କର ଖୁବ ପ୍ରଶଂସା କରି ଏକ ପୋଷ୍ଟ ସେୟାର କରିଥିଲେ । ହେଲେ ଏହି ପୋଷ୍ଟ ସେୟାର କରିବା ପରେ କରଣଙ୍କ ଉପରେ ଟ୍ରୋଲରଙ୍କର ସମାଲୋଚନା ଦେଖିବାକୁ ମିଳିଛି । ସମସ୍ତେ କରଣଙ୍କୁ ଟ୍ରୋଲ କରୁଥିବାର ଦେଖିବାକୁ ମିଳୁଛି । ସମସ୍ତେ ତାଙ୍କୁ ନେପୋକିଡ୍‌ଙ୍କର ଦାଇଜାନ୍ ବୋଲି ଆଖ୍ୟ ଦେଇଛନ୍ତି । ତେବେ ଏହାକୁ କରଣ ଜୋହର ନିନ୍ଦା କରୁଥିବାର ଦେଖିବାକୁ ମିଳିଛି । ସେ ତାଙ୍କ ଟ୍ରୋଲରଙ୍କୁ ଘରେ ଚୁପଚାପ ବସିବାକୁ ପରାମର୍ଶ ଦେଇଛନ୍ତି । ନିଜ ପିଲାଙ୍କୁ ଭଲ ଶିକ୍ଷା ଦିଅ ଏବଂ ନିଜେ କିଛି କାମ କର ବୋଲି କରଣ ଜୋହର ମତ ଦେଇଛନ୍ତି ।

# ବିବାହକୁ ନେଇ ପୁଣି ଚର୍ଚ୍ଚାରେ



ମାତ୍ର ୨ବର୍ଷ ତଳେ ବିବାହ କରିଥିବା ଅଭିନେତ୍ରୀ ହଂସିକା ମୋଟବାନୀଙ୍କର ଖୁବଶୀଘ୍ର ବିବାହ ବିଚ୍ଛେଦ ହେବାନେଇ ସୂଚନା ମିଳିଛି । ଏହାକୁ ନେଇ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା ହେଉଛି । ଏପରିକି ଉଭୟ ଅନେକ ଦିନ ଧରି ଏକାଠି ରହୁ ନଥିବାନେଇ ମଧ୍ୟ ସୂଚନା ମିଳୁଛି । ସୂଚନା ଅନୁସାରେ ସେ ବର୍ତ୍ତମାନ ନିଜ ମାଆଙ୍କ ସହିତ ରହୁଛନ୍ତି । ସେହିଭଳି ତାଙ୍କ ସ୍ୱାମୀ ନିଜ ପିତାମାତାଙ୍କ ସହିତ ରହୁଛନ୍ତି । ଡିସେମ୍ବର ୨୦୨୨ରେ ବିବାହପରେ ହଂସିକା ନିଜ ଶାଶୁଘର ଲୋକଙ୍କ ସହିତ ରହୁଥିଲେ । ହେଲେ ସେହିସମୟରେ ବଡ ପରିବାର ସହିତ ରହିବା ଓ ଆଡଜଷ୍ଟ କରିବା ତାଙ୍କ ପାଇଁ ଅସୁବିଧା ହୋଇଥିଲା । ତେଣୁ ସେହି ବିଲ୍ଡିଂରେ ଉଭୟ ଏକ ଭିନ୍ନ ଘରନେଇ ରହୁଥିଲେ । ହେଲେ ବର୍ତ୍ତମାନର ଖବର ଅନୁସାରେ ଉଭୟଙ୍କ ଭିତରେ କିଛି ସସମ୍ୟା ଉପୁଜିଛି, ଯେଉଁ କାରଣରୁ ଉଭୟ ଅଲଗାହେବା କଥା ଚର୍ଚ୍ଚା ହେଉଛି । ତେବେ ହଂସିକା ଏ ସମ୍ପର୍କରେ କୌଣସି ମତ ଦେଇନଥିବାବେଳେ ତାଙ୍କ ସ୍ୱାମୀ ଏହାକୁ ଖଣ୍ଡନ କରିଛନ୍ତି । କିନ୍ତୁ ସୋସିଆଲ ମିଡିଆରେ ଫ୍ୟାନ୍‌ମାନେ ଏହାକୁ ସତ ବୋଲି ଗ୍ରହଣ କରିଛନ୍ତି । ବିବାହ ପୂର୍ବରୁ ମଧ୍ୟ ଉଭୟଙ୍କ ସମ୍ପର୍କ ଖୁବ ଚର୍ଚ୍ଚାରେ ଥିଲା କାରଣ ହଂସିକାଙ୍କ ସାଙ୍ଗଙ୍କର ପୂର୍ବତନ ସ୍ୱାମୀକୁ ହିଁ ହଂସିକା ବିବାହ କରିଥିଲେ । ଏହାପରେ ଲୋକମାନେ ହଂସିକାଙ୍କୁ ସେତେବେଳେ କଡା ସମାଲୋଚନା କରିଥିଲେ ।


# ପ୍ରାଣୀ ଆଇନ୍

**ବିଶ୍ୱରେ ଅନେକ ସ୍ଥାନ ଏଭଳି ରହିଛି ଯେଉଁଠାରେ ପଶୁମାନଙ୍କ ଉପରେ ଅନେକ ଅତ୍ୟାଚାର ହେଉଛି । ଏହି ସମସ୍ତ ଅତ୍ୟାଚାରକୁ ରୋକିବାକୁ ଅନେକ ଆଇନ୍‌ର ବ୍ୟବସ୍ଥା ମଧ୍ୟ ରହିଛି । ଏହି ଆଇନ୍ ବଳରେ ପଶୁଙ୍କ ଉପରେ ହେଉଥିବା ଅନେକ ଅତ୍ୟାଚାରକୁ ରୋକାଯିବା ସହ ଅତ୍ୟାଚାରୀଙ୍କୁ ଦଣ୍ଡ ମଧ୍ୟ ମିଳୁଛି । ଏଭଳି ଅନେକ ଆଇନ୍ ରହିଛି ।**

- ୧୬୪୧ରେ ପ୍ରଥମଥର ପାଇଁ ପଶୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରି ଆଇନ୍ ପ୍ରସ୍ତୁତ କରାଯାଇଥିଲା । ମାସଚୁ୍ୟଟ୍‌ସରେ ଏହି ଆଇନ୍‌କୁ ପ୍ରଥମର କରି ଲାଗୁ କରାଯାଇଥିଲା, ଯେଉଁଥିରେ ଏକ ମାମଲାର ଶୁଣାଣୀ ମଧ୍ୟ କରାଯାଇଥିଲା ।
- ୧୮୨୨ରେ ପ୍ରଥମ ଆଣ୍ଟି କ୍ରୁଏଲିଟି ବିଲ୍ ପାରିତ କରାଯାଇଥିଲା । ବ୍ରିଟିଶ୍ ପାର୍ଲାମେଣ୍ଟର ସଦସ୍ୟ ରିଚାର୍ଡ ମାର୍ଟିନ୍ ଏକ ବିଲ୍ ଆଣିଥିଲେ, ଯେଉଁଥିରେ ଘରେ ପୋଷା ରହିଥିବା ଗାଈ, ମେଣ୍ଢା ଓ ଘୋଡାଙ୍କ ଉପରେ ଅତ୍ୟାଚାରର ବିରୋଧ କରାଯାଇଥିଲା ।
- ସେହିଭଳି ୧୮୨୮ରେ ନ୍ୟୁୟର୍କରେ ପଶୁଙ୍କ ବିରୋଧରେ ହେଉଥିବା ଅତ୍ୟାଚାରକୁ ରୋକିବାକୁ ଏକ ଆଇନ୍ ପ୍ରଣୟନ କରାଯାଇଥିଲା ।
- ୧୯୫୦ ମସିହାର ପ୍ରଥମଭାଗରେ ପଶୁମାନଙ୍କ ସପକ୍ଷ ଓ ସେମାନଙ୍କ ହକ ପାଇଁ ଲଢିବାକୁ ଅନେକ ସଂସ୍ଥାଙ୍କର ଉଦୟ ହୋଇଥିଲା । ଏହି ସମୟରେ ବୈଜ୍ଞାନିକ ରିସର୍ଚ୍ଚ ଓ ଉନ୍ନତି କରଣ ନାଁରେ ପଶୁଙ୍କ ଉପରେ ଅନୈତିକ ଅତ୍ୟାଚାରରେ ବୃଦ୍ଧି ଦେଖିବାକୁ ମିଳିଥିଲା । ଏସବୁ ବିରୋଧରେ ଲଢିବାକୁ ସେତେବେଳେ ଅନେକ ସାମାଜିକ ଅନୁଷ୍ଠାନ ଆଗକୁ ଆସିଥିଲେ।

**ଭାରତରେ ପ୍ରାଣୀ ଆଇନ୍**

ଭାରତର ଜୈବବିବିଧତା ହେଉଛି ବେଶ ବଡ । ବିଶ୍ୱର ୩୬ ଟି ଜୈବବିବିଧତା ହଟସ୍ପଟ୍‌ରୁ ଚାରୋଟି ରହିଛି ଭାରତରେ । ଏଠିକାର ଜଙ୍ଗଲରେ ଅନେକ ବିରଳ ଓ ଦୁର୍ଲଭ ଜୀବ ବାସ କରନ୍ତି, ଯାହା ଦୁନିଆରେ ଅନ୍ୟ କୌଣସି ଜଙ୍ଗଲରେ ନାହାନ୍ତି । ଭାରତରେ ପଶୁମାନଙ୍କର



ସୁରକ୍ଷା ପାଇଁ ସମ୍ବିଧାନରେ ମଧ୍ୟ ନିୟମ ରହିଛି । ଏଥିରେ ପ୍ରିଭେନ୍‌ସନ୍ ଅଫ୍ କ୍ରୁଏଲିଟି ଟୁ ଆନିମଲ ଆକ୍ଟ ୧୯୬୦ ଏବଂ ୱାଇଲ୍ଡଲାଇଫ୍ ପ୍ରୋଟେକସନ୍ ଆକ୍ଟ ୧୯୭୨ ଆଦି ସାମିଲ ରହିଛି । ସେହିଭଳି ଆଇପିସି ଧାରା ୧୮୬୦ ଅଧୀନରେ ସେକସନ୍ ୪୨୮ ଓ ୪୨୯ରେ ଯେଉଁମାନେ ପଶୁମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି ସେମାନଙ୍କ ପାଇଁ ଦଣ୍ଡ ବିଧାନ ରହିଛି । ଏହି ସମସ୍ତ ଆଇନ୍ ଅଧିନରେ ପ୍ରାଣୀମାନଙ୍କର ଚୋରାଚାଲାଣ, ଶିକାର ଆଦି ଉପରେ ଦଣ୍ଡ ବିଧାନ ହୋଇଥାଏ । ଏହି ସମସ୍ତ ଅପରାଧରେ ଜେଲ ଦଣ୍ଡ ସହ ଜରିମାନାର ବ୍ୟବସ୍ଥା ରହିଛି ।



## ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

# ଆରଡିସି ଅଫିସ୍ ଘେରିଲା ବିଜେଡ଼ି

କଟକ,(ସବ୍ୟୁ): ସମଗ୍ର ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ମହିଳାଙ୍କ ବିରୋଧରେ ଅପରାଧରେ ଅହେତୁକ ବୃଦ୍ଧିକୁ ବିରୋଧ କରିବା ସହିତ ଏଫ୍‌ଏମ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ କଟକ ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିଜେଡିର ହଜାର ହଜାର କର୍ମୀ ଏକ ପଟୁଆର ରେ ଆସି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି ଦେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । 'ମୋହନ ସରକାର ହଟାଅ' ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଦଳ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ସ୍ମାରକପତ୍ର ଆରଡିସିଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା ।




ବିଜେଡି ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିବା ସହିତ ନାରୀ, ଛାତ୍ରୀ ଓ ଶିଶୁଙ୍କ ବିରୋଧରେ ଅପରାଧ ବୃଦ୍ଧିପାଇଛି । ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ, ନ୍ୟାୟ ପାଇଁ ଦୀର୍ଘ ୬ ମାସ ଲଢ଼ିବା ପରେ ନ୍ୟାୟ ନପାଇ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଦେବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ୟା ଓ ନିନ୍ଦା ଆଣିଛି । ଏଫ୍‌ଏମ୍ କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗା ଠାରେ ପୁଣି ଜଣେ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟ ବିଦାରକ ଘଟଣା ଲୋକଲୋଚନକୁ ଆସିଛି । ଏହାଛଡା ଦୁଷ୍କର୍ମ, ଗଣଦୁଷ୍କର୍ମ ରାଜ୍ୟରେ ଏକ ନିତି ଦିନିଆ ଘଟଣା ପାଲଟିଛି । ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି । ଏଫ୍‌ଏମ୍ କଲେଜରେ ଛାତ୍ରୀ ଜଣକ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଘର୍ଷ କରି ଆସୁଥିଲେ । ସେ କଲେଜ ଅଧ୍ୟକ୍ଷଙ୍କ ସମ୍ମୁଖରେ ତାଙ୍କ ଅଭିଯୋଗ ଜଣାଇବା ବ୍ୟତୀତ ସ୍ଥାନୀୟ ପୁଲିସ, ଏସ୍‌ପି, ବିଧାୟକ, ସାଂସଦ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥଲେ ମଧ୍ୟ କେହି ତାଙ୍କୁ ନ୍ୟାୟ ପ୍ରଦାନ କରିନଥିଲେ । ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ, ଜଣେ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ପାଇଁ ବିଜୁ ଜନତା ଦଳ ( ବିଜେଡି ) ଦାବି କରୁଥିବା ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ।

**ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି**

କଟକ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇବା ବେଳେ ଏଥିରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ସୁଦାମ ମାରାଣ୍ଡି, ଅତନୁ ସବ୍ୟସାଚୀ ନାୟକ, ଚିରଞ୍ଜୀବ ବିଶ୍ୱାଳ, ରାଜଶ୍ରୀ ମଲ୍ଲିକ, ପ୍ରଣବ ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଟକ ମେୟର ସୁବାସ ସିଂ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଜେଡି ନେତା ପ୍ରଫୁଲ୍ଲ ସିଂ, ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ସୌଭିକ ବିଶ୍ୱାଳ, ବିଜେଡି ନେତା ସୁଭାଶିଷ ଖୁଣ୍ଟିଆ, ସଞ୍ଜୀବ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଶାନ୍ତ ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ ମୁଦୁଲି, ଧ୍ରୁବ ସାହୁ, ସାରଦା ଜେନା, ରମାକାନ୍ତ ଭୋଇ, ରମେଶ ବେହେରା, ମଞ୍ଜୁଲତା ମଣ୍ଡଳ, ପ୍ରଫୁଲ୍ଲ ସାମଲ, ଅଂଶୁମାନ ମହାନ୍ତି, ସୁକାନ୍ତ ନାୟକ, ସ୍ୱରୂପ ଦାସ, ଲେଖାଶ୍ରୀ ସାମନ୍ତସିଂହାର, ଅଶୋକ ପଣ୍ଡା, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ରୁଦ୍ର ମହାରଥୀ, ତୁଷାରକାନ୍ତି ବେହେରା, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ରାଜେନ୍ଦ୍ର ଦାସ, ବାସନ୍ତୀ ହେମ୍ବ୍ରମ, ସାନନ୍ଦ ମାରାଣ୍ଡି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରଞ୍ଜନ ବିଶ୍ୱାଳ, ରମଜାନ ଖାଁ,ଓ ଶିଶିର ପରିଜା ଙ୍କ ସମେତ ୧୦ ଟି ଜିଲ୍ଲାର ଛାମୁଆଁ ନେତା ଏଥିରେ ସାମିଲ ଥିଲେ ।

## ଜାତୀୟସ୍ତରରେ ସ୍ୱଚ୍ଛ ସହର ସର୍ବେକ୍ଷଣରେ ଆସ୍କା

# ମୁଖ୍ୟମନ୍ତ୍ରୀଙ୍କୁ ଟ୍ରଫି, ସାର୍ଟିଫିକେଟ ପ୍ରଦର୍ଶନ କଲେ ବିଧାୟକ

ଭୁବନେଶ୍ୱର(ସବ୍ୟୁ): ଦେଶର ସ୍ୱଚ୍ଛ ସହର ସର୍ଭେରେ ଗଞ୍ଜାମ ଜିଲ୍ଲାର ଆସ୍କା ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଗତ ୧୭ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏଥି ନିମନ୍ତେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୪-୨୫ ପ୍ରଦାନ କରିଛନ୍ତି ।



ସୋମବାର ଲୋକସେବା ଭବନରେ ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ ଏବଂ ଏନଏସି ଅଧ୍ୟକ୍ଷା ବିନୀତା ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏହି ସାର୍ଟିଫିକେଟ ଓ ଟ୍ରଫି ପ୍ରଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀ ଏହି ସଫଳତା ପାଇଁ ଖୁସିବ୍ୟକ୍ତ କରିବା ସହିତ ଉଭୟ ବିଧାୟକ ଓ ଅଧ୍ୟକ୍ଷାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହିପରି ସ୍ୱଚ୍ଛ ଅଭିଯାନ ଜାରି ରଖି ପ୍ରଥମ ସ୍ଥାନ ହାସଲ କରିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ, ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ କ୍ୟାଟେଗୋରିରେ ଗଞ୍ଜାମ ଜିଲ୍ଲାର ଆସ୍କା, ଦେଶରେ ସ୍ୱଚ୍ଛ ସହର ଭାବେ ଦ୍ୱିତୀୟ ସ୍ଥାନ ହାସଲ କରି ଏହି ପୁରସ୍କାର ପାଇଛି ।

## ଭିଜିଲାନ୍ସ ଜାଲରେ ଡିଏଫ୍‌ଓ : ଦ୍ୱିତୀୟ ଦିନ ଚଢାଉ ଜାରି ରଖିଛି

# ୧୦ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା, ୨୦ଭରି ସୁନା ଜବତ

କେନ୍ଦୁଝର,(ସ୍ୱପ୍ର/ସବ୍ୟୁ): ଭିଜିଲାନ୍ସ ବିଭାଗ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ ଡିଏଫଓ ନିତ୍ୟାନନ୍ଦ ନାୟକଙ୍କ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ଦ୍ୱିତୀୟ ଦିନ ଚଢାଉ ଜାରି ରଖିଛି । ସୋମବାରଦିନ କେନ୍ଦୁଝରରେ ଅଫିସ ଓ ଆବାସିକ ଘର ଉପରେ ଚଢାଉ ବେଳେ ୮.୫ ଲକ୍ଷ ଟଙ୍କା ଭିଜିଲାନ୍ସ ବିଭାଗ ଜବତ କରିଥିବା ବେଳେ ଏହାକୁ ମିଶାଇ ସମୁଦାୟ ଜବତ ନଗଦ ଟଙ୍କା ପରିମାଣ ୧୦ ଲକ୍ଷ ଟଙ୍କା ଟପିଛି । ଗତ କାଲି ଚଢାଉ ବେଳେ ୧ ଲକ୍ଷ ୫୫ ହଜାର ଜବତ ହୋଇଥିଲା । ଏହା ଛଡା ଚଢାଉ ବେଳେ ବହୁ ଜମିଜମା ଦସ୍ତାବିଜ, ବ୍ୟାଙ୍କ ପାସ ବୁକ, ବୀମା ଜମା ସାର୍ଟିଫିକେଟ, ଜବତ କରାଯାଇ ସେସବୁ ର ଯାଂଚ ଚାଲିଥିବା ଭିଜିଲାନ୍ସ ବିଭାଗ



ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଗତକାଲି ଚଢାଉ ବେଳେ ଅନୁଗୋଳରେ ୪ ମହଲା କୋଠା, ୧୫୫ ଟି ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ଜମି ପ୍ଲଟ ଠାବ ହୋଇଛି । ଯାହାର ବିକ୍ରି ଡିଡ ଅନୁଯାୟୀ ୨.୫୫ କୋଟି କିନ୍ତୁ ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ । ସେହିପରି ନଗଦ ୧.୫୫ ଲକ୍ଷ ଟଙ୍କା, ୨୦୦ ଗ୍ରାମ ସୁନା, ୨ ଟି ଚାରି ଚକିଆ ଗାଡି ଠାବ କରିଥିଲା ଭିଜିଲାନ୍ସ । ଜବତ ଆସବାବ ପତ୍ରର ମୂଲ୍ୟ ପ୍ରାୟ ୧୫ ଲକ୍ଷ ହେବ । ତାଙ୍କ ନାମରେ ୫୫ ଟି ପ୍ଲଟ, ୪୨ ଟି ତାଙ୍କ ସ୍ତ୍ରୀଙ୍କ ନାମରେ, ୧୬ ଟି ଦୁଇ ପୁଅ ଏବଂ ୪ ଟି ଝିଅ ନାମରେ ରହିଥିବା ଜଣାପଡିଛି । ସେହିପରି ସେ କେବଳ ୧୨ ଟି ପ୍ଲଟ କୁ ନିଜର ସମ୍ପତି ତାଲିକାରେ ଦର୍ଶାଇଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କ ଏସଂକ୍ରାନ୍ତରେ ଜେରା କରୁଛି ।

# ହାଇକୋର୍ଟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ମାନସ ରଞ୍ଜନ ପାଠକ

କଟକ,(ସବ୍ୟୁ): ଆଜି ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ । ହାଇକୋର୍ଟର ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନିରାଡମ୍ବର ଶପଥଗ୍ରହଣ ଉତ୍ସବରେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ

ବାଦଲି ଆଦେଶନାମାକୁ ରାଜ୍ୟପାଳଙ୍କ ଅନୁମୋଦନ ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପଠନ କରିବା ପରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ, ଜଷ୍ଟିସ୍ ପାଠକଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଜଷ୍ଟିସ୍ ପାଠକଙ୍କ ଯୋଗଦାନ ପରେ ହାଇକୋର୍ଟର ବିଚାରପତି ସଂଖ୍ୟା ୨୦ରେ ପହଞ୍ଚିଛି। ଆଜି ଏହି ଅବସରରେ ହାଇକୋର୍ଟର ସମସ୍ତ ବିଚାରପତି, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ବହୁ ପୂର୍ବତନ ବିଚାରପତି, ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ର, ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ ଙ୍କ ସମେତ ବିଚାରବିଭାଗୀୟ ଅଧିକାର ଓ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

ଜଷ୍ଟିସ୍ ପାଠକ ୧୯୯୦ ମସିହାରେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ୍ ଏବଂ ଅରୁଣାଚଳ ପ୍ରଦେଶର ଆଇନଜୀବୀ ପରିଷଦରେ ଆଇନଜୀବୀ ଭାବେ ନିଜ ନାମ ପଞ୍ଜିକୃତ କରିଥିଲେ। ୨୦୧୩ ମେ' ୨୨ ତାରିଖରେ ସେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୮ ନଭେମ୍ବର ୧୨ ତାରିଖରେ ସେ ସେହି ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ସୁପ୍ରିମ୍‌କୋର୍ଟ କଲେଜିୟମ୍ ତାଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ସୁପାରିସ୍ କରିବା ପରେ ଏହା ଉପରେ ରାଷ୍ଟ୍ରପତି ମୋହର ମାରିଥିଲେ।

# ଥାନାରେ ବିଷ ପିଇଦେଲେ ଯୁବତୀ

ବୋଲଗଡ଼ ,(ସବ୍ୟୁ): ନୟାଗଡ଼ ଜିଲା ଇଟାମାଟି ଥାନା ପରିସରରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ତ୍ୱରିତ ନ୍ୟାୟ ପ୍ରଦାନ ଦାବିରେ ଜଣେ ଯୁବତୀ ବିଷ ପିଇ ଦେଇଛନ୍ତି ।ପ୍ରେମ ବ୍ୟାପାରକୁ ନେଇ ପୂର୍ବରୁ ଥାନାରେ ମାମଲା ହୋଇଥିଲା । ଅଭିଯୁକ୍ତ ମଧ୍ୟ ଜେଲ ଯାଇ ଜାମିନରେ ଆସିଥିଲେ । ରବିବାର ପୁଣି ଘଟଣାକୁ ନେଇ ୨ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା । ଏନେଇ ଥାନାରେ ଉଭୟ ପକ୍ଷରୁ ଥାନାରେ ଏତଲା ପରେ ପୋଲିସ ୨ଟି ମାମଲା ରୁଜୁ କରିଥିଲା । ହେଲେ ଯୁବତୀ ଜଣକ ତୁରନ୍ତ ନ୍ୟାୟ ଦାବିରେ ଥାନାରେ ବିଷ ପିଇଦେଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ମୌସୁମୀରେ ଏବେ ସୁଦ୍ଧା ଭଲ ବର୍ଷା

# ପର୍ଯ୍ୟାପ୍ତ ସାର ଆଗୁଆ ମହଜୁଦ ରଖିବାକୁ କମ୍ପାନୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ): ଚଳିତବର୍ଷ ଓଡ଼ିଶାରେ ଏବେ ସୁଦ୍ଧା ମୌସୁମୀ ଜନିତ ବର୍ଷା ସ୍ୱାଭାବିକ ଠାରୁ ୧୬ ପ୍ରତିଶତ ଅଧିକ ହୋଇଛି । ଏହା ଖରିଫ ଫସଲ ପାଇଁ ବେଶ୍ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି । ବିଶେଷ କରି କପା, ଧାନ, ଆଳୁଚାଷ ଭଳି ଅଧିକା ପାଣିର ଆବଶ୍ୟକ ଫସଲ ପାଇଁ ଏହା ସହାୟକ ହେବ । ରାଜ୍ୟ ସରକାରଙ୍କ କୃଷି ବିଭାଗ ଓ ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଚାଷୀଙ୍କୁ କୃଷି ସମ୍ବନ୍ଧୀୟ ସୂଚନା ନିୟମିତ ଭାବରେ ପ୍ରଦାନ କରିଆସୁଛି । ଏତଦବ୍ୟତୀତ ଚାଷୀମାନେ କୃଷି ସମୃଦ୍ଧି ହେଲ୍‌-ଲାଇନକୁ ଫୋନ କରି ସମସ୍ୟାର ସମାଧାନ ପାଇପାରୁଛନ୍ତି । ବର୍ତ୍ତମାନ ଓଡ଼ିଆ ଏବଂ ସମ୍ବଲପୁରୀ ଭାଷାରେ ଏହି ସୂଚନା ଚାଷୀଙ୍କୁ ପ୍ରଦାନ କରାଯାଉଥିବା ବେଳେ ଆଗାମୀ ଦିନରେ ବିଭିନ୍ନ ଆଞ୍ଚଳିକ ତଥା ଦେଶୀୟା ଭାଷାର ବ୍ୟବହାରକୁ ଗୁରୁତ୍ୱାରୋପ କରିଛନ୍ତି କୃଷି ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ।



ସୋମବାର କୃଷି ଭବନରେ ଫସଲ ପାଣିପାଗ ପର୍ଯ୍ୟବେକ୍ଷଣ ଗୋଷ୍ଠୀ କମିଟିର ସମୀକ୍ଷା ବୈଠକ ପ୍ରମୁଖ ଶାସନ ସଚିବ ଡ଼ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହାସହ ରାଜ୍ୟରେ ଖରିଫ ଫସଲ ପାଇଁ ସାର ଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି ଶ୍ରୀ ପାଢୀ । ଖରିଫ ଋତୁ ଆରମ୍ଭ ହୋଇସାରିଛି । ଏହି କ୍ରମରେ ରାଜ୍ୟରେ ପ୍ରାୟ ୫୮.୫୦ ଲକ୍ଷ ହେକଟର ଜମିରେ ଖରିଫ ଫସଲ ଯୋଜନା ରହିଛି । ପର୍ଯ୍ୟାପ୍ତ ପରିମାଣର ସାର ଆଗୁଆ ମହଜୁଦ ରଖିବାକୁ ସମସ୍ତ ସାର କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେପରି ଚାଷୀମାନେ କୌଣସି ବାଧବାଧକତା ବିନା ସ୍ୱାଧୀନ ଭାବେ ଆବଶ୍ୟକୀୟ ସାର କ୍ରୟ କରିପାରିବେ । ନକଲି ସାରର ବିକ୍ରୟ/ କଳାବଜାରୀ/ ଗଚ୍ଛିତ ରଖିବା ଆଦି ବେଆଇନ୍ କାର୍ଯ୍ୟକୁ ରୋକିବା ପାଇଁ ସାର ଯୋଗାଣକାରୀ ସଂସ୍ଥା ଓ ସାର ବିକ୍ରେତାମାନଙ୍କୁ କୃଷି ସଚିବ ଡ଼ ପାଢ଼ୀ ତାଗିଦ କରିଛନ୍ତି ।

ସେହିଭଳି ପର୍ଯ୍ୟାପ୍ତ ପରିମାଣର ଉନ୍ନତମାନର ବିହନ, ସାର ଇତ୍ୟାଦି ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧା ଯେପରି ଚାଷୀଙ୍କ ପାଖରେ ପହଞ୍ଚିବ ଏବଂ ଚାଷୀମାନେ ଏଥିରୁ ପ୍ରକୃତରେ ଉପକୃତ ହେବେ ସେନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି ଡ଼ ପାଢ଼ୀ ।

ବୈଠକରେ ସମବାୟ ବିଭାଗ, ମାର୍କଫେଡ଼, ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ଼ ଇତ୍ୟାଦି ସଂସ୍ଥା ତଥା ଇଫ୍ କୋ ଭଳି ପ୍ରମୁଖ ସାର ଉତ୍ପାଦନକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ, କୃଷି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ ପରିଡ଼ା, ପାଣିପାଗ ନିର୍ଦ୍ଦେଶକ ଡ଼ ମନୋରମା ମହାପାତ୍ର, ଅତିରିକ୍ତ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ, ବିଭିନ୍ନ ଯୋଜନା ଅଧିକାରୀ, ସମବାୟ ବିଭାଗ, ଜଳସେଚନ ବିଭାଗ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

- ଏଣିକି ଚାଷୀଙ୍କୁ ଆଞ୍ଚଳିକ ଭାଷାରେ ସୂଚନା
- ନକଲି ସାର, କଳାବଜାରୀ ରୋକିବାକୁ ବିକ୍ରେତାଙ୍କୁ ତାଗଦ

# ଛାତ୍ରୀଙ୍କୁ ଅସଦାଚରଣ : ଗିରଫ ହେଲେ ୨ ଶିକ୍ଷକ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନସ୍ଥ ଚମାରଗାଁ ପୃଥୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଅଶାଳୀନ ଭାବେ ସ୍ପର୍ଶ କରିବା ସହ ଅଶ୍ଳୀଳ ଇଙ୍ଗିତ କରିବା ପୁଲିସ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରି ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଓ ପ୍ରଧାନଶିକ୍ଷକ ଭବାନୀ ଶଙ୍କର ପାଳଙ୍କୁ ଗିରଫ କରିଛି ।ବିଦ୍ୟାଳୟର ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଏକ ନବମ ଶ୍ରେଣୀ ଛାତ୍ରୀକୁ ଶ୍ରେଣୀରେ ପାଠ ପାଇବା ସମୟରେ ଛାତ୍ରୀଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ହାତ ମାରିବା ଓ ଅଶାଳୀନ ଇଙ୍ଗିତ କରିବା ସହିତ ନିଜର ବ୍ୟକ୍ତିଗତ କୋଠରିକୁ ଡାକିଥିଲେ । ଏନେଇ ଛାତ୍ରୀ ଜଣକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିଲେ । ଗତ ଦୁଇ ଦିନ ତଳେ ଛାତ୍ରୀ ଜଣକ ନିଜ ମା'କୁ ଏ ସମ୍ପର୍କରେ ଜଣାଇ ଥିଲେ । ଗତ ରବିବାର ସନ୍ଧ୍ୟାରେ ଛାତ୍ରୀଙ୍କ ମା' ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଏହି ଅଭିଯୋଗ ପାଇ ରାଇବଣିଆ ପୋଲିସ ଘଟଣାର ତଦନ୍ତ କରି ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଓ ପ୍ରଧାନଶିକ୍ଷକ ଭବାନୀ ଶଙ୍କର ପାଳଙ୍କ ଗିରଫ କରିଛନ୍ତି ।


## ନିଖୋଜ ଯୁବକଙ୍କ ଶବ ଉଦ୍ଧାର

ଆଠଗଡ଼ ,(ସବ୍ୟୁ): ଆଠଗଡ ଏନ ଏ ସି ଅନ୍ତର୍ଗତ ରଥଗଡା ଅଞ୍ଚଳର ଜଣେ ନିଖୋଜ ଯୁବକ ବସନ୍ତ ରାଉତଙ୍କ ଶବ ଉଦ୍ଧାର ହୋଇଛି । ଗତ ୩ଦିନ ତଳେ ସେ ଆଠଗଡ଼ ସାପୁଆ ନଦୀ ରେ ଶୌଚ ପାଇଁ ଯାଇଥିବା ବେଳେ ନିଖୋଜ ଥିଲେ । । ସୋମବାର ଦିନ ଆଠଗଡ ଦମକଳ ବାହିନୀ ଖବର ପାଇଁ ରାଜନଗର ପଞ୍ଚାୟତ ହଂହଭୂଇ ସାପୁଆ ନଦୀରୁ ଯୁବକକୁ ଉଦ୍ଧାର କରିଥିଲେ । ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଶବ ଅଣାଯାଇ ବ୍ୟବଚ୍ଛେଦ କରାଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

## ଖବର ପ୍ରକାଶନ ପରେ ବ୍ଲକ ପ୍ରଶାସନର ତତ୍ପରତା

# ସ୍ଥିତି ସମୀକ୍ଷା କରି ଫେରିଲେ ବୈଷୟିକ ଟିମ

ବେତନଟୀ (ସବ୍ୟୁ) : ଗ୍ରାମକୁ ପକ୍କା ସଡ଼କ ନ ଥିବାରୁ ଯାଇପାରିଲାନି ୧୦୮ ଆମ୍ବୁଲାନ୍ସ, ଯାହା ଫଳରେ ସର୍ପାଘାତ ମହିଳାଙ୍କ ମୃତ୍ୟୁ ହୋଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବେତନଟୀ ବ୍ଲକ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି । ଖବର ରୁ ପ୍ରକାଶ ବେତନଟୀ ବ୍ଲକ ଅଧୀନ ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତର ତାରାକୋଟୀ ଉପକଣ୍ଠ ଚିରଗାଳଡିହି ଗାଁକୁ ପକ୍କା ରାସ୍ତା ନଥିବାରୁ ଆମ୍ବୁଲାନ୍ସ ପହଞ୍ଚୁନପାରିବା ଏବଂ ଖଟିଆରେ ବୁହାହୋଇ ଡାକ୍ତରଖାନାରେ ପହଞ୍ଚିବାରେ ବିଳମ୍ବ ହେବାରୁ ଗୁରୁତର ମହିଳାଙ୍କ ମୃତ୍ୟୁ ସମ୍ପର୍କୀତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବାପରେ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ ପୂର୍ବକ ସ୍ଥିତି ସମୀକ୍ଷାକଲା ବୈଷୟିକ ଟିମ୍ । ଗାଁକୁ ରାସ୍ତା ନଥିବାରୁ ସର୍ପାଘାତରେ ଗୁରୁତର ମହିଳାଙ୍କୁ ଖଟିଆରେ ବୋହି ଗ୍ରାମବାସୀ ପକ୍କାରାସ୍ତା ନିକଟରେ ପହଞ୍ଚାପରେ



ଗାଡିଯୋଗେ ବାରିପଦା ଡାକ୍ତରଖାନା ନିଆଯାଇଥିଲା । ମାତ୍ର କାଦପାଣି ଭର୍ତ୍ତି ଧାନକ୍ଷେତ ରାସ୍ତାଦେଇ ଖଟିଆରେ ବୁହାହୋଇ ଆସିବା ସମୟ ସାପେକ୍ଷ ହେବାରୁ ଡାକ୍ତରଖାନାରେ ପହଞ୍ଚିବା ବିଳମ୍ବ ହୋଇଥିଲା । ଫଳରେ ଠିକଣା ସମୟରେ ଉପଯୁକ୍ତ ଡାକ୍ତରୀ ଚିକିତ୍ସା ପାଇବାରୁ ବଞ୍ଚିତ ଚିରଗାଳଡିହି ଗ୍ରାମର ଦେବୀଲାଲ ସିଂଙ୍କ ସ୍ତ୍ରୀ ସୋମବାରୀ ସିଂଙ୍କର ଦେହାନ୍ତ ଘଟିଥିଲା । ଖବର ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇ, ଏପିଓ ସଦାଶିବ ସାହୁ, ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତର ଯନ୍ତ୍ରୀ ଇଂ. ସ୍ନେହଲତା ପତି, ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ପ୍ରଦୀପା ମାର୍ଣ୍ଡିଙ୍କ ସମେତ ସରପଞ୍ଚ ଗୋବିନ୍ଦ ହାଁସଦା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ତେବେ ବୈଷୟିକ ଟିମ ସରଜମିନ ତଦନ୍ତପୂର୍ବକ ସ୍ଥିତି ସମୀକ୍ଷା କରିଥିବା ବେଳେ ଚିରଗାଳଡି ହି କୁ ସଂଯୋଗ କରୁଥିବା ଅସ୍ଥାୟୀ ରାସ୍ତାର ସ୍ଥିତାବସ୍ଥା ବାବଦରେ ଆଲୋଚନା କରିଥିଲେ । ସ୍ୱାଧୀନତାର ର ପ୍ରାୟ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହି ପରି ବିଭିନ୍ନ ଗ୍ରାମକୁ ସଂଯୋଗୀକରଣ ପାଇଁ ସୁଗମ ରାସ୍ତା , ଉତ୍ତମ ପାନୀୟ ଜଳ ବ୍ୟବସ୍ଥା, ଶିକ୍ଷା ଭଳି ବିଭିନ୍ନ ସମସ୍ୟା ର ସମାଧାନ ହୋଇପାରି ନାହିଁ , ଆଉ କେତେ ବର୍ଷ ଲାଗିଲେ ବା ଆଉ କେତେ ସରକାର ପରିବର୍ତ୍ତନ ହେଲେ ଏହାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି ।

## ଶ୍ରମିକଙ୍କୁ ହତ୍ୟା: ମୁଖ୍ୟ ଅଭିଯୁକ୍ତ ଗିରଫ

# ମଦ ପିଇବାକୁ କେନ୍ଦ୍ର କରି ଘଟିଛି ହତ୍ୟାକାଣ୍ଡ : ୫ ଫେରାର୍

କଟକ,(ସବ୍ୟୁ): ସହରରେ ମଦ ପିଇବାକୁ କେନ୍ଦ୍ର କରି ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଛି । ଏହି ଘଟଣାରେ ପୁରୀଘାଟ ଥାନା ପୁଲିସ ତଦନ୍ତ ଚଳାଇ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ତେବେ ମୃତ ଶ୍ରମିକ ଜଣକ ହେଲେ ସାମନ୍ତ ସାହିର ରବୀନ୍ଦ୍ର କୁମାର ସାହୁ(୪୭) । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଜେରା କରାଯାଉଥିବା ବେଳେ ଅନ୍ୟ ୫ଜଣ ଅଭିଯୁକ୍ତ ଫେରାର ହୋଇଛନ୍ତି । ଘଟଣାସ୍ଥଳରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରାଯିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ବୟାନ୍ ଆଧାରରେ ତଦନ୍ତ କରାଯାଉଥିବା ଜଣାପଡ଼ିଛି । ପୁଲିସ ସୂଚନା ଅନୁସାରେ, ସାମନ୍ତ ସାହିର ରବୀନ୍ଦ୍ର ଶ୍ରମିକ ଶ୍ରେଣୀର କାର୍ଯ୍ୟ କରନ୍ତି । ହରିପୁର ଅଞ୍ଚଳର ଶଙ୍କର ପ୍ରଧାନଙ୍କ ସହିତ ତାଙ୍କର ଭଲ ସାଙ୍ଗ । ଉଭୟ ପ୍ରାୟ ସମୟ ଏକାଠି ମଦ ପିଅନ୍ତି । କିଛି ଦିନ ତଳେ ଶଙ୍କରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲା । ଏଥିପାଇଁ ଡାକ୍ତର ତାଙ୍କୁ ମଦ ପିଇବାକୁ ବାରଣ କରିଥିଲେ । ମାତ୍ର ରବୀନ୍ଦ୍ର ତାଙ୍କୁ ଡାକି ନେଉଥିଲେ । ଏହାକୁ ନେଇ ଶଙ୍କରଙ୍କ ପୁଅ ବିରକ୍ତ ହେଉଥିଲେ । ପୂର୍ବଭଳି ରବିବାର ଅପରାହ୍ନରେ ଦୁହେଁ ଏକାଠି ମଦ ପିଇବାକୁ ଯାଇଥିଲେ । ଏହି କଥା ଜାଣିବା ପରେ ଶଙ୍କରଙ୍କ ପୁଅ ସୁରଜ ପ୍ରଧାନ(୨୮) କ୍ରୋଧାନ୍ୱିତ ହୋଇପଡିଥିଲେ । ରାତିରେ ସୁରଜ କିଛି ସାଙ୍ଗଙ୍କୁ ଧରି ରବୀନ୍ଦ୍ରଙ୍କ ଘରେ ପହଞ୍ଚିଥିଲା । ସେଠାରେ ବାପାଙ୍କୁ କାହିଁକି ସବୁବେଳେ ମଦ ପିଇବାକୁ ଡାକି ନେଉଛ ବୋଲି କହି ଜୋରଦାର ପାଟିତୁଣ୍ଡ କରିଥିଲେ । ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ରବୀନ୍ଦ୍ର ଆସି ତା' ସହ ଯୁକ୍ତିତର୍କ କରିଥିଲେ । ବଚସା ବଢିବାରୁ ସୁରଜ ଉତକ୍ଷିପ୍ତ ହୋଇ ସାଙ୍ଗମାନଙ୍କ ସହ ମିଶି ରବୀନ୍ଦ୍ରଙ୍କୁ ମାରଧର କରିଥିଲେ । ଘର ପାଖ କେନାଲ କଡ ରାସ୍ତାକୁ ଘୋଷାଡି ଆଣି ନିସ୍ତୁକ ମାଡ ମାରିଥିଲେ । ପରିବାର ଲୋକେ ବି ଉଦ୍ଧାର କରିବାକୁ ଆସି ଆକ୍ରମଣର ଶିକାର ହୋଇଥିଲେ । ପ୍ରାୟ ଅଧ ଘଣ୍ଟା ଧରି ଏଭଳି ଚାଲିଥିଲା । ସାହି ପଡୋଶୀଙ୍କ ହସ୍ତକ୍ଷେପ ପରେ ଝଗଡା ଥମିଥିଲା । ସେତେବେଳକୁ ରବୀନ୍ଦ୍ର ଗୁରୁତର ଆହତ ହୋଇସାରିଥିଲେ । ମାତ୍ର ସେ ପ୍ରଚୁର ନିଶାରେ ଥିବାରୁ ମେଡିକାଲ ଯିବାକୁ ମନା କରିଥିଲେ । ତେବେ ସୋମବାର ସକାଳୁ ହଠାତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯାଇଥିଲା । ପରିବାର ଲୋକେ ତାଙ୍କୁ ନେଇ ଏସସିବି ମେଡିକାଲ ଯାଇଥିଲେ । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ପୁରୀଘାଟ ପୋଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ମୃତକଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି । ପରିବାର ଲୋକଙ୍କ ସୂଚନା ଆଧାରରେ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ନେତୃତ୍ୱରେ ଟିମ ରାତିରେ ଚଢଉ କରି ମୁଖ୍ୟ ଅଭିଯୁକ୍ତ ସୁରଜକୁ କାବୁ କରିଛନ୍ତି । ତାକୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି । ଶଙ୍କର ଏକ ଅଟୋ ଚଳାଉଥିବା ଜଣାପଡିଛି । ଘଟଣାରେ ସଂପୃକ୍ତ ଆଉ ୫ ଜଣ ଫେରାର ହୋଇଯାଇଛନ୍ତି । ସୁରଜ ଠାରୁ ସହଯୋଗୀଙ୍କ ତଥ୍ୟ ଯୋଗାଡ କରି ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରୁଥିବା ଡିସିପି ଖିଲାରୀ ରିଶିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି ।

## ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଗିରଫ ହେବା ପ୍ରସଙ୍ଗ

# କଂଗ୍ରେସ ଦଳର ଦୋମୁହାଁ ନୀତି ସ୍ପଷ୍ଟ ହୋଇଛି : ଅଭିଳାଷ

ଭୁବନେଶ୍ୱର, (ସବ୍ୟୁ) ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ରବିବାର ଭୁବନେଶ୍ୱରର ମଂଚେଶ୍ୱର ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଆଧାରରେ ମୁଖ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯାଇଛି। ସେ ହେଲେ କଂଗ୍ରେସ ଦଳର ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ। ଗତ କିଛିଦିନ ତଳେ ଅଭିଯୁକ୍ତ ଉଦିତ୍ ନାରୀ ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ ଏଥିସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଇସ୍ତଫା ଦାବି କରି କୁଶପୁତଳିକା ଦାହ କରୁଥିଲେ। ଆଜି ତାଙ୍କର ଅସଲ ଚେହେରା ପଦାରେ ପଡିଯାଇଛି। ମହିଳାଙ୍କୁ ନ୍ୟାୟ ପାଇଁ ଦେବାପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ନିଜେ ଦୁଷ୍କର୍ମୀ ବୋଲି ଜଣାପଡ଼ିଛି। କଂଗ୍ରେସ ଦଳ ବର୍ତ୍ତମାନ ସୁଦ୍ଧା ଉଦିତ୍‌ଙ୍କୁ ଖାଲି ପଦରୁ ନିଲମ୍ବନ କରି ନିଜ କର୍ତବ୍ୟ ଶେଷ କରିଦେଇଛି ବୋଲି ଭାବୁଛି। ଉଦିତ୍ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ହେବାର ବହୁ ପୂର୍ବରୁ ମଧ୍ୟ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ୨୭ ମେ ୨୦୨୪ରେ ଖଣ୍ଡଗିରି ଥାନାରେ ଉଦିତ୍‌ଙ୍କ ନାମରେ ଡକାୟତି ଅଭିଯୋଗ ହୋଇଥିଲା। କେବଳ ସେତିକି ନୁହେଁ ଟଙ୍କା ଠକେଇ, ଅପରାଧିକ ମାନସିକତା ରଖି ମାରଧର କରିବା ଭଳି ଅଭିଯୋଗ ମଧ୍ୟ ତାଙ୍କ ନାମରେ ରହିଛି। ଏଭଳି ଅପରାଧିଙ୍କୁ କାହିଁକି ଛାତ୍ର କଂଗ୍ରେସ ସଭାପତି ଦାୟିତ୍ୱ ଦିଆଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରୁ କଂଗ୍ରେସର ଦୋମୁହାଁ ନୀତି ସ୍ପଷ୍ଟ ହୋଇଛି ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି ଯେ, କିଛିଦିନ ତଳେ ପିସିସି ସଭାପତି ଭକ୍ତ ଦାସ ବାଲେଶ୍ୱର ଏଫ୍‌ଏମ୍ କଲେଜ ଘଟଣାରେ ରାଜ୍ୟ ସରକାରଙ୍କୁ ଦାୟୀ କରୁଥିଲେ। ରାଜରାସ୍ତାକୁ ଓହ୍ଲାଇଥିଲେ। ନୈତିକତା ଆଧାରରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଥିଲେ। ଆଜି ତାଙ୍କ ଦଳର ନେତା ଯାହା ନାଁରେ ଦୁଷ୍କର୍ମଠାରୁ ଆରମ୍ଭ ଅନ୍ୟାନ୍ୟ ଆପରାଧିକ ମାମଲା ରହିଛି ସେଭଳି ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେଇଥିବାରୁ ନୈତିକତା ଦୃଷ୍ଟିରୁ ଭକ୍ତ ଦାସ ନିଜେ ଦିଅନ୍ତୁ। ଆଜି ବି ମଧ୍ୟ ପ୍ରଧାନଙ୍କ ପରି ବହୁ କଂଗ୍ରେସ ନେତା ନାରୀ ନିର୍ଯ୍ୟାତନାରେ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ କଂଗ୍ରେସ ଘଂଟ ଘୋଡାଉଥିବାବେଳେ ବିଜେପି ସରକାର ମହିଳା ହିଂସା କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କୌଣସି ସ୍ଥାନରେ ମହିଳାଙ୍କ ପ୍ରତି ଅନ୍ୟାୟ ହେଲେ ଅଭିଯୁକ୍ତ ଯିଏବି ହେଉନା କାହିଁକି, ସେଯେତେ ଶକ୍ତିଶାଳୀ ହେଲ ମଧ୍ୟ ସେମାନଙ୍କୁ ଛଡ଼ାଯାଇନାହିଁ। ମାତ୍ର କଂଗ୍ରେସ ତାଙ୍କ ଦଳୀୟ ନେତାଙ୍କ କାର୍ଯ୍ୟକଳାପରେ କିଭଳି କାର୍ଯ୍ୟାନୁଷ୍ଠାନ ନେବ ତାହାକୁ ଦେଖିବାକୁ ବାକି ରହିଲା ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ, ରାଜ୍ୟ ସଂଯୋଜକ ଚଣ୍ଡୀପ୍ରସାଦ ବେହେରା, ଭୁବନେଶ୍ୱର ଜିଲା ଯୁବ ମୋର୍ଚ୍ଚା ସଭାପତି ସ୍ୱୟଂସେବକ ରାୟ ଉପସ୍ଥିତ ଥିଲେ।



### ଅଜଗର ସାପ ପାଇଁ ରାସ୍ତା ଜାମ

ବାରଙ୍ଗ,(ସବ୍ୟୁ): ରାଜ ରାସ୍ତାରେ ବୁଲୁଛି ୧୦ ଫୁଟିଆ ଅଜଗର ସାପ ।ଏହି ସାପ ଟି ରାସ୍ତା ପାର ହେଉଥିବା ବେଳେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଦେଖି ଅଟକି ଥିଲେ । ଯାହାକୁ ନେଇ କିଛି ସମୟ ପାଇଁ ରାସ୍ତା ଜାମ ହୋଇଥିଲା । ଏଭଳି ଦୃଶ୍ୟ ବାରଙ୍ଗ ଥାନା ଅନ୍ତର୍ଗତ ବାରଙ୍ଗ ମେଡିକାଲ ଛକ ରୁ ନନ୍ଦନକାନନ କୁ ସଂଯୋଗ କରୁଥିବା ନୂଆ ରାସ୍ତାରେ ଦେଖିବାକୁ ମିଳଥିଲା । । ସୋମବାର ରାତିରେ ଏହି ଅଜଗରଟି ରାସ୍ତା କଡ଼ରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖୁଥିଲେ । ଧୀରେ ଧୀରେ ସାପ ଟି ମୁଖ୍ୟ ରାସ୍ତା କୁ ଚାଲି ଆସିଥିଲା । ସାପକୁ ଦେଖିବା ପାଇଁ ଦେଖେଣାହାରିଙ୍କ ଭିଡ ଜମିଥିଲା । ପରେ କିଛି ଲୋକ ସ୍ନେକ ଉଦ୍ଧାରକାରୀ ସଦସ୍ୟଙ୍କୁ ସୂଚନା ଦେଇଥିଲେ । ଧିରେ ଧିରେ ରାସ୍ତା ଜାମ କମିଥିଲା ।ଘଟଣା ସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବେ ଅଜଗରକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଥିବା ଜଣାପଡିଛି ।ତେବେ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଏହି ବିଶାଳ ଅଜଗରଟି ରାସ୍ତା ଉପରକୁ ଚାଲିଆସିଥିବା ଅନୁମାନ କରାଯାଉଛି ।

## ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ସବୁଜିମାକୁ ବୃଦ୍ଧି କରିବା ସହ ପରିବେଶ ସନ୍ତୁଳନ ସଚେତନତା ବାର୍ତା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଗତ ଜୁଲାଇ ୧୬ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲା ଛତାବର ସ୍ଥିତ ବିଶ୍ୱବିଦ୍ୟାଳୟର କୃଷି ଗବେଷଣା କେନ୍ଦ୍ର ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରାୟ ୭୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଫ୍ୟାକଲ୍ଟି ମେମ୍ବର୍ସ ଏବଂ ସ୍ଥାନୀୟ ଅଂଚଳର ବାସିନ୍ଦା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ଜାମୁ କୋଳି, ଓଉ, ବେଲ ଏବଂ ବଉଳ ଗଛର ଚାରା ରୋପଣ କରିବା ସହ ପରିବେଶର ସୁରକ୍ଷା ନିମନ୍ତେ ଶପଥ ନେଇଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମର ନାମକରଣ ରଖାଯାଇଥିଲା 'ଏକ୍ ପେଡ ମା' କେ ନାମ ୨.୦'।

ଏହି ଅବସରରେ ପରିବେଶ ସଚେତନତା ନେଇ ଏକ କୁଇଜ କାର୍ଯ୍ୟକ୍ରମ ମଧ୍ୟ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସୋଆ ୟୁନିଭର୍ସିଟି ଆଉଟରିଚ ପ୍ରୋଗ୍ରାମ ଏବଂ ଇଂଟରନ୍ୟାସ୍‌ନାଲ ରିଲେସନ୍‌ସର ନିର୍ଦ୍ଦେଶକ ପ୍ରଫେସର ନଚିକେତା କେ. ଶର୍ମା, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମର କୋଅର୍ଡିନେଟର ଡକ୍ଟର କମଳ ଲୋଚନ ମହନ୍ତ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରଫେସର ସରୋଜ କୁମାର ମହାନ୍ତି ଏବଂ ଡକ୍ଟର ନିଲେଶ ଜେନା, ଓଡ଼ିଶା ଏନ୍‌ଭାଇରନ୍‌ମେଂଟାଲ୍ ସୋସାଇଟିର କାର୍ଯ୍ୟକାରୀ ସଭାପତି ଶ୍ରୀ ରାଜ ଶେଖର ବେହେରା, ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ, ଓଇଏସ୍‌ର ଉପସଭାପତି ଡକ୍ଟର ବିଜୟ କେତନ ପଟ୍ଟନାୟକ ଏବଂ ଡକ୍ଟର ଲାଲା ଅଶ୍ୱିନୀ କୁମାର ସିଂହ, ଓଇଏସ୍‌ର ସଂପାଦକ ଶ୍ରୀ ମନୋରଞ୍ଜନ ମିଶ୍ର, ଓୟୁଏଟିର ପୂର୍ବତନ ପ୍ରଫେସର ଡକ୍ଟର ନିମାଇ ଚରଣ ମିଶ୍ର ଏବଂ ଓୟୁଏଟି ଏନ୍‌ଏସ୍‌ଏସ୍-ଇଟିଆଇର ଟ୍ରେନିଂ କୋଅର୍ଡିନେଟର ଶ୍ରୀ ନିରୋଦ ବରଣ ଖୁଂଟିଆ ଉପସ୍ଥିତ ଥିଲେ। ଡକ୍ଟର ମହନ୍ତ ସ୍ଥାନୀୟ ଲୋକଙ୍କ ଦ୍ୱାରା ବୃକ୍ଷରୋପଣ ଗ୍ରାମର ଲୋକମାନଙ୍କୁ ଚାରା ମଧ୍ୟ ପ୍ରଦାନ କରିଥିଲେ।



## ଏସ୍‌ଏଲ୍‌ବିସି, ପିଆଇବି ପକ୍ଷରୁ ମିଳିତ ସମ୍ମିଳନୀ

# ଓଡ଼ିଶାର ୬,୭୯୪ ପଞ୍ଚାୟତରେ ପହଞ୍ଚିବ ସୁଲଭ ବ୍ୟାଙ୍କ

ଭୁବନେଶ୍ୱର(ସବ୍ୟୁ): ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ନାଗରିକଙ୍କୁ ସୁଲଭ ବ୍ୟାଙ୍କ ଏବଂ ଆର୍ଥିକ ସେବା ଯୋଗାଇ ଦିଆଯାଉଛି । ଚଳିତମାସ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ସେପେଟମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଓଡ଼ିଶାରେ ମଧ୍ୟ ଏହି ଅଭିଯାନ ଆରମ୍ଭ ହୋଇସାରିଛି । ଏହାକୁ ତିନି ମାସର ଅବଧି ମଧ୍ୟରେ ରାଜ୍ୟର ୬,୭୯୪ଟି ଗ୍ରାମ ପଞ୍ଚାୟତରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସୋମବାର ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି ।

ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସଏଲବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ଏହି ଅଭିଯାନର ଅଗ୍ରଗତି ଓ ଭବିଷ୍ୟତର ରୂପରେଖ ଉପରେ ଆଲୋକପାତ କରିଛନ୍ତି । ଏହି ବୈଠକରେ ବ୍ୟାଙ୍କଗୁଡ଼ିକର ନିୟନ୍ତ୍ରଣ ମୁଖ୍ୟ, ଲିଡ୍ ଜିଲ୍ଲା ପରିଚାଳକ (ଏଲଡିଏମ୍), ନାବାର୍ଡ, ଆରବିଆଇର ପ୍ରତିନିଧି ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସମେତ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ । ରାଜ୍ୟରେ ଜୁଲାଇ ୨୧ ସୁଦ୍ଧା ଆର୍ଥିକ ଅନ୍ତର୍ଭୂକ୍ତିକରଣ ଅଭିଯାନରେ ୬୭୪୯ଟି ପିଏମ ଜନଧନ ଆକାଉଣ୍ଟ ଖୋଲାଯାଇଛି । ୮୭୭୯ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ପଞ୍ଜୀକରଣ କରିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୧୪ ହଜାର ୪୫ ଜଣ, ଅଟଳ ପେନସନ ଯୋଜନାରେ ୨,୯୩୮ ଜଣ ପଞ୍ଜୀକରଣ କରିଥିବା ବେଳେ ୧୭ ହଜାରରୁ ଅଧିକ ହିତାଧିକାରୀଙ୍କୁ ଇ-କେଓ୍ୱାଇସି ଏବଂ ଅନ୍ୟାନ୍ୟ ବ୍ୟାଙ୍କ ସେବା ଯୋଗାଇ ଦିଆଯାଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ପିଆଇବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ଭୁବନେଶ୍ୱର ଜୋନ୍‌ୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ଭାଗବତ ସିଂହ ଭାକୁନି, କଟକ ଜୋନରୟୁକୋ ବ୍ୟାଙ୍କର ଉପମହାପ୍ରବନ୍ଧକ ଏବଂ ଜୋନାଲ ମ୍ୟାନେଜର ସୁଶ୍ରୀ ବର୍ଷା ଏବଂ ଏସଏଲବିସି ଓଡ଼ିଶାର ପ୍ରଭାରୀ ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

# ଜେଲ ଗଲେ ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର,(ସବ୍ୟୁ): ଯୁବତୀଙ୍କ ବଳାତ୍କାର ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ରବିବାର ବିଳମ୍ବିତ ରାତ୍ରିରେ ଗିରଫ ହୋଇଥିଲେ। ସୋମବାର ପୂର୍ବାହ୍ନରେ ତାଙ୍କୁ ମଞ୍ଚେଶ୍ୱର ଥାନାରୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ଉଦୀତଙ୍କୁ ଝାରପଡା ଜେଲ ହାଜତ ପଠାଇ ଦିଆଯାଇଛି। ଉଦୀତଙ୍କ ବଳାତ୍କାରକୁ ନେଇ ସୋମବାର ଅପରାହ୍@ରେ ଏବିଭିପି- ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା।

ଚନ୍ଦକା ଅଞ୍ଚଳର ଜଣେ ୧୯ ବର୍ଷୀୟା ଯୁବତୀ ଗତ ମାର୍ଚ୍ଚ ମାସରେ ତାଙ୍କ ବନ୍ଧୁଙ୍କ ସହ ଭୁବନେଶ୍ୱର ବୁଲିବାକୁ ଆସିଥିଲେ। ମାଷ୍ଟରକ୍ୟାଣ୍ଟିନ ଛକରେ ଗାଡ଼ି ରଖି ତାଙ୍କ ବନ୍ଧୁ ଓ ସେ କଥା ହୋଇଥିବା ବେଳେ ତାଙ୍କ ପାଖକୁ ଉଦୀତ ଆସି ଗାଡ଼ିରେ ବସିଥିଲେ। କାରଣ ପୀଡ଼ିତାଙ୍କ ବନ୍ଧୁଙ୍କ ସହ ଉଦୀତିଙ୍କ ପରିଚୟ ଥିଲା। ଉଭୟ ସେଠାରେ କିଛି ସମୟ କଥାବାର୍ତ୍ତା ହେବା ପରେ ଖାଇବା ପାଇଁ ମଞ୍ଚେଶ୍ୱର ଥାନା ଅଞ୍ଚଳ ଏକ ହୋଟେଲକୁ ଯାଇଥିଲେ। ସେଠାରେ ଖାଇବା ପିଇବା ପରେ ଉଦୀତି ଯୁବତୀଙ୍କୁ ମୃଦୁପାନୀୟରେ ନିଶା ଦେଇଥିଲେ। ଯାହା ଫଳରେ ସେ ଚେତାଶୂନ୍ୟ ହୋଇଯାଇଥିଲେ ବୋଲି ଅଭିଯୋଗରେ ଲେଖିଛନ୍ତି। ସେ ଚେତାଶୂନ୍ୟ ହେବା ପରେ ଉଦୀତି ତାଙ୍କୁ ବଳାତ୍କାର କରିଥିଲେ। ଚେତା ଫେରିବା ପରେ ପୀଡ଼ିତା ତାଙ୍କୁ ଘରେ ଛାଡି ଦେବାକୁ କହିବାରୁ ଉଦୀତ ଗାଳିଗୁଲଜ କରିଥିବା ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ମାର୍ଚ୍ଚ ମାସରେ ଘଟଣା ଘଟିଥିବା ବେଳେ ସେ ଭୟରେ ଏତଲା କରିନଥିବା ରବିବାର ରାତିରେ କରିଥିବା ଏତଲାରେ ଲେଖିଛନ୍ତି। ବର୍ତ୍ତମାନ ନାରୀ ସୁରକ୍ଷାକୁ ନେଇ ଅଭିଯାନ ଚାଲିଥିବା ବେଳେ ସେ ସାହାସ ଜୁଟାଇ ରବିବାର ରାତିରେ ଏତଲା କରିଥିଲେ। ସେ ଏତଲା କରିବା ପରେ ବିଳମ୍ବିତ ରାତିରେ ଉଦୀତଙ୍କୁ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଗଲା।



### ଏବିଭିପି-ବିଜେପି ଯୁବମୋର୍ଚ୍ଚାର ବିକ୍ଷୋଭ

ଛାତ୍ର କଂଗ୍ରେସ ସଭାପତି ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଘଟଣାକୁ ନେଇ ସୋମବାର ଅପରାହ୍@ରେ ଏବିଭିପି- ବିଜେପି ଯୁବମୋର୍ଚ୍ଚା ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ବେଳେ ରାହୁଲ ଗାନ୍ଧି ଓ ଭକ୍ତ ଦାସଙ୍କ ଫଟୋରେ ନିଆଁ ଲଗାଇ କଂଗ୍ରେସ ବିରୋଧୀ ନାରାବାଜି କରିଥିଲେ।

## ପାଣ୍ଡରାରେ ସାଢ଼େ ୨ ଏକର ଜମି ଜବରଦଖଲ

# ଦିନକରେ ଖାଲି ହେଲା ୨୦୦ ଡିସିମିଲ ଜମି



ଭୁବନେଶ୍ୱର(ସବ୍ୟୁ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ମୌଜାରେ ହୋଇଥିବା ବେଆଇନ ଜବରଦଖଲ ଉଚ୍ଛେଦ କରାଯାଇଛି । ଦୀର୍ଘଦିନ ଧରି ୨ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ମାଡ଼ି ବସି ଘର, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଛିଡ଼ା କରିଥିଲେ । ତେବେ ଆଜି(ସୋମବାର) ବିଡିଏର ମିଳିତକାରୀ ଟିମ ପକ୍ଷରୁ ଉଚ୍ଛେଦ କରାଯାଇଛି ।

ପାଣ୍ଡରା ମୌଜାର ଅନ୍ତର୍ଗତ ପ୍ଲଟ ନମ୍ବର ୩୮୭୭, ୩୮୭୮, ୩୮୭୯, ୩୮୮୦, ୩୮୮୫, ୩୮୮୬ ଓ ୩୯୯୯ରେ ୨ ଏକର ୬୦୦ ଡିସିମିଲ ଜମି ସାଧାରଣ ପ୍ରାଶସନ ବିଭାଗ ଅଧୀନରେ ରହିଛି । ଏହି ସରକାରୀ ପ୍ଲଟ ଉପରେ କିଛି ବ୍ୟକ୍ତି ଜୋରଜବରଦସ୍ତ ବେଆଇନ ଭାବେ ଘର ତିଆରି ଭଡ଼ା ସୂତ୍ରରେ ଦେଉଥିଲେ । ସୋମବାର ପୂର୍ବାହ@ରେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨, ୩, ୪, ୫ ଓ ୬ ପଞ୍ଚିଥିଲା ଏହାକୁ ଉଚ୍ଛେଦ କରିବାକୁ । ଏହି ଉଚ୍ଛେଦରେ ୩୦୦ ବର୍ଗ ଫୁଟର ପାଚେରୀ, ୯ଟି ଆଜବେଷ୍ଟର୍ସ ଘର, ଦୁଇଟି ଶୌଚାଳୟ, ୫ଟି ଲୁହା ଗେଟ, ଗୋଟିଏ ଟିଣ ଘରର ସଂପ୍ରାସରଣ ଅଂଶ, ୫ଟି ଟିଣ ନିର୍ମିତ ଘର, ୩ଟି ଛାତ ଘର ଏବଂ ୧୦୦ ବର୍ଗଫୁଟର ବାଉଁଶ ନିର୍ମିତ ବାଡ଼କୁ ମାଟିରେ ମିଶାଇ ଦିଆଯାଇଛି । ପ୍ରାୟ ୨୦୦ ଡିସିମିଲ ଜମିରୁ ଉଚ୍ଛେଦ ହୋଇଥିବା ବେଳେ ବାକି ଜମିରୁ ଆସନ୍ତାକାଲି(ମଙ୍ଗଳବାର) ଉଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି । ଏହି ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଏବଂ ଜିଏର ଆରଆଇ ଓ ଅମିନ ପ୍ରମୁଖ ଉପସ୍ଥିତ ଥିଲେ ।

# "ନାରୀ ନିର୍ଯ୍ୟାତନା ପ୍ରସଙ୍ଗରେ କଂଗ୍ରେସ ସାଲିସ କରିବା ପ୍ରଶ୍ନ ଉଠୁନାହିଁ : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ବାଲେଶ୍ୱର ସୌମ୍ୟାଶ୍ରୀ ଆତ୍ମାହୁତି, ନିମାପଡ଼ା ପୋଡ଼ି ଘଟଣା ତଥା ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଏବଂ ସରକାରଙ୍କ ନିରବତା ବିରୋଧରେ ପୁନଶ୍ଚ ସୋମବାର କଂଗ୍ରେସ ଭବନରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି । ଶ୍ରୀ ଦାସ ଆସନ୍ତା ୨୪ ତାରିଖ ସୌମ୍ୟାଶ୍ରୀଙ୍କ ଏକାଦଶାହକୁ ସମସ୍ତ ଓଡ଼ିଶାବାସୀ ଶ୍ରଦ୍ଧାଞ୍ଜଳି ଦିବସ ରୂପେ ପାଳନ କରିବା ସହ ନିମାପଡ଼ା ଛାତ୍ରୀ ପୋଡ଼ି ଘଟଣାରେ ଚିକିତ୍ସିତ ହେଉଥିବା ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା କରିବାପାଇଁ ନିବେଦନ କରିଛନ୍ତି । ସେହିପରି ରାଜ୍ୟରେ ବିଭିନ୍ନ ବିଶ୍ୱ ବିଦ୍ୟାଳୟ କଲେଜରେ ୧ ମିନିଟ୍ ନିରବ ପ୍ରାର୍ଥନା କରିବା ସହ ଗୋଟିଏ ଦିନ ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ସେ ଅନୁରୋଧ କରିଛନ୍ତି । ମୂଲ୍ୟ ଯାହା ଦେବାକୁ ପଡୁ ପଛେ ରାଜ୍ୟରେ ଯେ ପର୍ଯ୍ୟନ୍ତ ନାରୀ ନିର୍ଯାତନା ବନ୍ଦ ହେବ ନାହିଁ ଏବଂ ନାରୀ ଉଚିତ ନ୍ୟାୟ ପାଇବ ନାହିଁ ସେ ପର୍ଯ୍ୟନ୍ତ ସଂଗ୍ରାମ ଆନ୍ଦୋଳନ ଜାରି ରଖିବ ବୋଲି ଆମେ ସଂକଳ୍ପ ନେଇଛୁ । ବାଲେଶ୍ୱର ପୀଡ଼ିତା, ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସଂସଦ, ବିଧାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦି ସମସ୍ତଙ୍କୁ ନିବେଦନ କରିବା ସତ୍ତ୍ୱେ ସାହାଯ୍ୟ କରିବା ଦୂରେ ଥାଉ, କେହିବି କର୍ଣ୍ଣପାତ କରିନଥିଲେ । ଏପରିକି ସୌମ୍ୟାଶ୍ରୀ ଏକ ଭିଡିଓରେ ତାର ଦୁଃଖ ଜଣାଇଥିଲା ତଥାପି ସରକାର ଏବଂ ପ୍ରଶାସନ ଆଖି ବୁଜିଦେଇଥିଲେ । ସେଥିପାଇଁ ଛାତ୍ରୀଜଣଙ୍କ ନିଜ ଜୀବନ ହରାଇଦେଲେ । ପୁଲିସ କାହିଁକି ଏଫଆଇଆର ଗ୍ରହଣ କଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଯବାବ ଦେବାକୁ ପଡ଼ିବ ଏବଂ ଏହି ପ୍ରଶ୍ନ ଯୁଗ ଯୁଗ ପର୍ଯ୍ୟନ୍ତ ରହିବ ବୋଲି ଶ୍ରୀ ଦାସ କହିଥିଲେ ।

ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ସୁରକ୍ଷା ଦେଇ ପାରିଲା ନାହିଁ । କିନ୍ତୁ ଆମ ଦଳ ଛାତ୍ର ସଭାପତି ଗିରଫ ହେବାର ସାଙ୍ଗେ ସାଙ୍ଗେ ନିଲମ୍ବନ କଲା । ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଘୋଷଣା କରିବା ସହିତ ପ୍ରଦେଶ କଂଗ୍ରେସ ପକ୍ଷରୁ ମହିଳା ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ୬ ଜଣିଆ କମିଟି ଗଠନ କରି ତୁରନ୍ତ ପୀଡ଼ିତାଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ପାଇଁ ପଠାଇଛି । ଆମେ ନାରୀ ନ୍ୟାୟ କ୍ଷେତ୍ରରେ ସାଲିସ କରିନାହୁଁ କିମ୍ବା କରିବୁ ନାହୁଁ । ନାରୀ ନ୍ୟାୟ ପାଇଁ ଆମ ସଂଗ୍ରାମ ଆଗ ଅପେକ୍ଷା ଅଧିକା ଜୋରଦାର ହେବ ବୋଲି ଦୃଢ଼ତାର ସହିତ ଶ୍ରୀ ଦାସ ପ୍ରକାଶ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି, ରମେଶ ଜେନା, ଲଲାଟେନ୍ଦୁ ମହାପାତ୍ର, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ବରିଷ୍ଠ କଂଗ୍ରେସ ନେତା ଅନନ୍ତ ସେଠୀ, ଜଗନ୍ନାଥ ପଟ୍ଟନାୟକ,ଶିବାନନ୍ଦ ରାୟ,ମିଡିଆ ସେଲର ଅଧ୍ୟକ୍ଷ ଅରବିନ୍ଦ ଦାସ, ପିସିସି ମୁଖପାତ୍ର ରଜନୀ ମହାନ୍ତି, ନିଶିକାନ୍ତ ମିଶ୍ର, ଲଲାଟେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



### ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ନିଲମ୍ବିତ

# ପିସିସିର ୬ ଜଣିଆ ଅନୁଧ୍ୟାନ କମିଟି ଗଠିତ


ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପଧାନଙ୍କ ଉପରେ ହୋଇଥିବା ଅଭିଯୋଗକୁ ନେଇ ପିସିସି ୬ ଜଣିଆ ତଥ୍ୟ ଅନୁଧ୍ୟାନ କାରୀ କମିଟି ଗଠିତ କରିଛି । ଏହି କମିଟି ପିଡ଼ୀତା ଓ ଏହାର ବିଭିନ୍ନ ଦିଗ ଉପରେ ତଥ୍ୟ ସଂଗ୍ରହ କରି ଖୁବ ଶୀଘ୍ର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ରିପୋର୍ଟ ପ୍ରଦାନ କରିବ । କମିଟିରେ ପିସିସି ଉପସଭାପତି ସସ୍ମିତା ବେହେରା ଅଧକ୍ଷା ରହିଥିବା ବେଳେ ସଦସ୍ୟା ମାନଙ୍କ ମଧ୍ୟରେ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ଡ଼. ଦେବସ୍ମିତା ଶର୍ମା, ସୋନାଲୀ ସାହୁ ,ଜୟଶ୍ରୀ ପାତ୍ର ଓ ଡ଼. ମନିଷା ଦାଶ ପଟ୍ଟନାୟକ ରହିଛନ୍ତି । ପ୍ରକାଶ ଥାଉକି ଜଣେ ଯୁବତୀଙ୍କ ଅଭିଯୋଗ କ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନଙ୍କୁ ଗିରଫ କରିଥିଲା ।

## କଳିଙ୍ଗ (କ) ପାହାଡ ନିଲାମକୁ ନେଇ ବିବାଦ

# ହାତରୁ ନିଲାମ ଖସିବା ପରେ ସଂଘର ନାଲିଆଖି

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଅଂଚଳରେ ମହାପ୍ରଭୁ ଜଗନ୍ନାଥଙ୍କ ଏକାଧିକ କଳା ମୁଗୁନି ପଥର ପାହାଡ ରହିଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ କରୁଥିବା ବେଳେ ବର୍ତମାନ ଏହା ଖଣି ବିଭାଗ ଅଧିନରେ ରହିଛି। ତେବେ ଖୋର୍ଦ୍ଧା ଟାପଙ୍ଗ ଓ କାଇପଦର୍ ଅଂଚଳରେ ରହିଥିବା ୬ଟି କୁଆଁରୀ ଲିଜ୍ ପାଇଁ ଖୋର୍ଦ୍ଧା ଖଣି ଉପନିର୍ଦ୍ଦେଶକଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରୀ କରାଯାଇଛି।ଏଥି ନିମନ୍ତେ ଅନ୍ ଲାଇନ୍ ମାଧ୍ୟମରେ ନିଲାମଧାରୀମାନେ ନିଲାମ ରେ ଅଂଶ ଗ୍ରହଣ କରିପାରିବେ ବୋଲି କୁହାଯାଇଛି। ଜୁନ୍ ୨୮ ତାରିଖ ଫର୍ମ ଆବେଦନ କରିବାର ଶେଷ ତାରିଖ ହୋଇଥିବା ବେଳେ ୨୯ରେ ନିଲାମ ନିମନ୍ତେ ଟେଣ୍ଡର ଖୋଲାଯିବା ନେଇ ତାରିଖ ଧାର୍ଯ୍ୟ କରାଯାଇଥିଲା। ଚଳିତ ମାସ ୧୫ରୁ ୨୫ ତାରିଖ ମଧ୍ୟରେ କୁଆଁରୀ ନିଲାମ ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି। ତେବେ ୬ଟି କୁଆଁରୀ ମଧ୍ୟରେ ହନୁମନ୍ତିଆ (ଗ), ଦକ୍ଷିଣ ଶଙ୍ଖାରୀ , ଟାଙ୍ଗେଣୀ, କଳିଙ୍ଗ (କ), (ଖ) ଓ (ଗ) ରହିଛି। ଖଣି ବିଭାଗ ପକ୍ଷରୁ କ୍ୟୁବିକ୍ ମିଟର ପିଛା ସର୍ବନିମ୍ନ ୧୭୧ଟଙ୍କା ରେଟ୍ ଥିବା ବେଳେ ଖଣିରୁ ପଥର ଉତୋଳନ ପାଇଁ କ୍ୟୁବିକ୍ ମିଟର ପିଛା ସର୍ବାଧିକ ୪୩୭ଟଙ୍କା କରା ଯାଇଛି। ତେବେ ହନୁମନ୍ତିଆ (ଗ) ଓ ଟାଙ୍ଗେଣୀ ଖଣିରୁ ପଥର ଉାତୋଳନ ଲାଗି କ୍ୟୁବିକ୍ ମିଟର ପିଛା ୧୭୧ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ କଳିଙ୍ଗ (କ), (ଖ) ଓ (ଗ) ନିମନ୍ତେ ୩୫୪ଟଙ୍କା ଏବଂ ଶଙ୍ଖାରୀ ଦକ୍ଷିଣ ନୂଆ କୁଆଁରୀ ନିମନ୍ତେ ୪୩୭ ଟଙ୍କା ଧାର୍ଯ୍ୟ କରାଯାଇଛି।

ତେବେ ଖଣି ନିର୍ଦ୍ଦେଶାଳୟର ଏହି ନିର୍ଦ୍ଦେଶନାମାକୁ ବିରୋଧ କରି ବିଗତ ଦିନରେ ଆଂଚଳିକ ପାହାଡ କ୍ରିୟାନୁଷ୍ଠାନ କମିଟି, ଖୋର୍ଦ୍ଧା ପକ୍ଷରୁ ଏହାକୁ ବିରୋଧ କରାଯାଇ ସାମ୍ବାଦିକ ସମ୍ମିଳନୀରେ ସଦସ୍ୟମାନେ ଖଣି ବିଭାଗ ନିଷ୍ପତି ଉପରେ ବର୍ଷିଥିଲେ। ପୂର୍ବବର୍ଷ ମାନଙ୍କ ପରି ନିଲାମ ରେ ଅଂଶଗ୍ରହଣ ପାଇଁ ଧାର୍ଯ୍ୟମୂଲ୍ୟ କମ୍ କରାଯାଉ ବୋଲି ସେମାନେ ଦାବି କରିଥିଲେ। ମାତ୍ର ଖଣି ବିଭାଗ ତାର ନିର୍ଦ୍ଦେଶନାମା ମୁତାବକ ଆଜି କଳିଙ୍ଗ (କ) ର ନିଲାମ ଶେଷ କରିଛି। ଏହି କୁଆଁରି କୁ କଟକର ନିରୁପମା ମାଇନିଂ ଆଣ୍ଡ ଟ୍ରାନ୍ସପୋର୍ଟ (ପ୍ରା) ଲିମିଟେଡ୍ କ୍ୟୁବିକ ମିଟର ପିଛା ସର୍ବାଧିକ ୧୫୩୪ଟଙ୍କାରେ ନିଲାମ ନେଇଥିବା ବେଳେ ଆଂଚଳିକ ପାହାଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କ୍ୟୁବିକ୍ ମିଟର ପିଛା ୩୮୯ଟଙ୍କାରେ ବାବା ହଂସ କନଷ୍ଟ୍ରକସନ୍ (ପ୍ରା) ଲିମିଟେଡ୍ ନାମକ ଏକ ସଂସ୍ଥା ଟେଣ୍ଡର ଭରିଥିଲେ। ଟେଣ୍ଡର ରେ ନିରାଶ ହେବା ପରେ ଏବେ କମିଟି ସଦସ୍ୟ ସର୍ବାଧିକ ଟେଣ୍ଡର ଭାରିଥିବା ନିଲାମଧାରୀଙ୍କୁ ଉକ୍ତ ପାହାଡ ରେ ପୁରାଇ ନଦେବା ଲାଗି ବିଭିନ୍ନ ପ୍ରକାର ଆଲୋଚନା କରୁଥିବା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏନେଇ କମିଟିର କରାଯାଇଥିବା ୱାଟସ୍‌ଆପ୍ ଗ୍ରୁପ ରେ ବିଧାୟକଙ୍କ ସହ ବୈଠକ କରି ଉକ୍ତ ନିଲାମଧାରିଙ୍କ ଠାରୁ ମାଲ ନଉଠାଇବା ଏବଂ ସମସ୍ତ କ୍ରସର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଉଥିବା ସ୍କ୍ରିନ୍ ସଟ ଏବେ ଭାଇରାଲ ହେଉଛି। ଉକ୍ତ ଭାଇରାଲ ଫଟୋ ମଧ୍ୟରେ ମଧ୍ୟ ସ୍ଥାନୀୟ ବିଧାୟକ କମିଟି ସଦସ୍ୟଙ୍କୁ ଧରି ବୈଠକ କରିବାର ଫଟୋ ରହିଛି। ଯାହା କୁଆଁରୀ ନିଲାମ ରେ କରାଯାଉଥିବା କେଁ ପଛରେ ବିଧାୟକଙ୍କ ସମ୍ପୃକ୍ତି ରହିଥିବା ନେଇ ସନ୍ଦେହ ପ୍ରକଟ କରୁଛି। ତେବେ ବିଗତ ବର୍ଷମାନଙ୍କରେ ବିଭିନ୍ନ ସମୟରେ ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ସର୍ବସ୍ୱାନ୍ତ ହୋଇଛନ୍ତି ଅନେକ କ୍ରସର୍ ୟୁନିଟ୍ ର ମାଲିକ। ନିଜର ରାଜନୈତିକ ଅଭିସନ୍ଧି ପାଇଁ ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ହେଉ କ୍ରସର ୟୁନିଟ୍‌କୁ ଏକ ରକମ୍ ବନ୍ଦ କରିଦେବା ପାଇଁ ବିଭିନ୍ନ ସମୟରେ ମାଲିକ ମାନଙ୍କ ଉପରେ ଚାପ ପଡୁଛି।



## ଦୁଷ୍କର୍ମ ମାମଲାରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଗିରଫ

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ଓ ରାଜ୍ୟ କଂଗ୍ରେସ ସଭାପତିଙ୍କ ଇସ୍ତଫା ଦାବି




ବାରିପଦା, (ସବ୍ୟୁ) : ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଗତକାଲି ଭୁବନେଶ୍ୱରର ମଞ୍ଚେଶ୍ୱର ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଆଧାରରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହେଲେ କଂଗ୍ରେସ ଦଳର ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ। ଗତ କିଛିଦିନ ତଳେ ଅଭିଯୁକ୍ତ ଉଦିତ୍ ନାରୀ ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ। ଏପରିକି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଇସ୍ତଫା ଦାବି କରି କୁଶପୁତ୍ତଳିକା ଦାହ କରୁଥିଲେ। ରାଜରାସ୍ତା ବନ୍ଦ କରି ଜନସାଧାରଣଙ୍କୁ ହଇରାଣ କରୁଥିଲେ। ଆଜି ତାଙ୍କର ଅସଲ ଚେହେରା ପଦାରେ ପଡିଯାଇଛି। ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ନିଜେ ଦୁଷ୍କର୍ମୀ ବୋଲି ଜଣାପଡ଼ିଛି। କଂଗ୍ରେସ ଦଳ ବର୍ତ୍ତମାନ ସୁଦ୍ଧା ଉଦିତଙ୍କୁ ଖାଲି ପଦରୁ ନିଲମ୍ବନ କରି ନିଜ କର୍ତ୍ତବ୍ୟ ଶେଷ କରିଦେଇଛି ବୋଲି ଭାବୁଛି। ଆଉ ତାଙ୍କ ଦଳ ଉପରେ କେହି ଆଙ୍ଗୁଠି ଉଠାଇବେ ନାହିଁ ବୋଲି ଆଶାବାଡି ବସିଛି। ଏହାକୁ ଯେତେ ନିନ୍ଦା କଲେ ତାହା କମ୍ ହେବ। ଉଦିତ୍ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ହେବାର ବହୁ ପୂର୍ବରୁ ମଧ୍ୟ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ୨୭ ମେ ୨୦୨୪ରେ ଖଣ୍ଡଗିରି ଥାନାରେ ଉଦିତ୍‌ଙ୍କ ନାମରେ ଡକାୟତି ଅଭିଯୋଗ ହୋଇଥିଲା। କେବଳ ସେତିକି ନୁହେଁ ଟଙ୍କା ଠକେଇ, ଅପରାଧିକ ମାନସିକତା ରଖି ମାରଧର କରିବା ଭଳି ଅଭିଯୋଗ ମଧ୍ୟ ତାଙ୍କ ନାମରେ ରହିଛି। ଏସବୁ ଅପରାଧ ବିଷୟରେ ଜାଣିବା ସତ୍ତ୍ୱେ ଥାନାରେ ମାମଲା ରୁଜୁ ହେବାର ମାତ୍ର ତିନିମାସ ପରେ ଅର୍ଥାତ୍ ୧୩ ଅଗଷ୍ଟ ୨୦୨୪ରେ କଂଗ୍ରେସ ତାଙ୍କୁ ପୁରସ୍କାର ଦେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଦେଇଛି। ଏଭଳି ଅପରାଧୀଙ୍କୁ କାହିଁକି ନିଯୁକ୍ତି ଦିଆଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରୁ କଂଗ୍ରେସର ଦୋମୁହାଁ ନୀତି ସ୍ପଷ୍ଟ ହୋଇଛି। କିଛିଦିନ ତଳେ ପିସିସି ସଭାପତି ଭକ୍ତ ଦାସ ବାଲେଶ୍ୱର ଏଫ୍‌ଏମ୍ କଲେଜ ଘଟଣାରେ ରାଜ୍ୟ ସରକାରଙ୍କୁ ଦାୟୀ କରୁଥିଲେ ଓ ରାଜରାସ୍ତାକୁ ଓହ୍ଲାଇଥିଲେ। ନୈତିକତା ଆଧାରରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଥିଲେ। ଆଜି ତାଙ୍କ ଦଳର ନେତା ଯାଙ୍କ ନାଁରେ ଦୁଷ୍କର୍ମ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅପରାଧିକ ମାମଲା ରହିଛି ସେଭଳି ବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେଇଥିବାରୁ ନୈତିକତା ଦୃଷ୍ଟିରୁ ଭକ୍ତ ଦାସ ନିଜେ ଇସ୍ତଫା ଦିଅନ୍ତୁ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ମଧ୍ୟ ଅଭିଯୁକ୍ତ ଉଦିତ୍‌ଙ୍କ ଫଟୋ ରହିଛି। ରାହୁଲ ଗାନ୍ଧୀ ପ୍ରତ୍ୟେକ ଘଟଣାରେ ଦିଲ୍ଲୀରୁ ଟୁଇଟ୍ କରୁଥିବାବେଳେ ନିଜ ଦଳର ନେତାଙ୍କ ଅପରାଧିକ କାର୍ଯ୍ୟକଳାପ ମାମଲାରେ ଟୁଇଟ୍ କରିବେ କି ବୋଲି ପ୍ରଶ୍ନ କରାଯାଇଛି। କଂଗ୍ରେସର ରାଷ୍ଟ୍ରୀୟ ମହିଳା ସଭାନେତ୍ରୀ ଅଲକା ଲାମ୍ବା ଯିଏକି ଦିଲ୍ଲୀରେ ବସି ଓଡ଼ିଶାର ଯୁବ ବିଧାୟିକା ସୋଫିଆ ଫିରଦୋସଙ୍କୁ ନେଇ ନାରୀ ସୁରକ୍ଷା ପ୍ରସଙ୍ଗରେ ସେଠାରେ ସାମ୍ବାଦିକ ସମ୍ମିଳନୀ କରୁଥିଲେ ଆଜି ତାଙ୍କ ନେତାଙ୍କ ବଳାତ୍କାର ମାମଲା ଉପରେ କୌଣସି ସାମ୍ବାଦିକ ସମ୍ମିଳନୀ କରିବେ କି ବୋଲି ମଧ୍ୟ ପ୍ରଶ୍ନ କରାଯାଇଛି, ନାରୀ ନିର୍ଯ୍ୟାତନା ମାମଲାରେ କଂଗ୍ରେସ ଦଳର ଲମ୍ବା ଇତିହାସ ରହିଛି। ଅଞ୍ଜନା ମିଶ୍ରଠାରୁ ଆରମ୍ଭ କରି ଛବିରାଣୀ ହତ୍ୟାକାଣ୍ଡ, ନୈନା ସାହାଣୀ ଘଟଣା ପର୍ଯ୍ୟନ୍ତ ସବୁଥିରେ କଂଗ୍ରେସ ଦଳ ନେତାଙ୍କ ସମ୍ପୃକ୍ତି ରହିଛି। ମାତ୍ର ତତ୍କାଳୀନ କଂଗ୍ରେସ ସରକାର ସେମାନଙ୍କୁ ନ୍ୟାୟ ଦେଇ ପାରିନଥିଲା। ଆଜି ବି ମଧ୍ୟ ଉଦିତ ପ୍ରଧାନଙ୍କ ଭଳି ବହୁ କଗ୍ରେସ ନେତା ନାରୀ ନିର୍ଯ୍ୟାତନାରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ କଂଗ୍ରେସ ଘଷ ଘୋଡାଉଥିବା ବେଳେ ବିଜେପି ସରକାର ମହିଳା ହିଂସା କ୍ଷେତ୍ରରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କୌଣସି ସ୍ଥାନରେ ମହିଳାଙ୍କ ପ୍ରତି ଅନ୍ୟାୟ ହେଲେ ଅଭିଯୁକ୍ତ ଯିଏ ବି ହୋଇନ କାହିଁକି, ସେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ସେମାନଙ୍କୁ ଛଡ଼ାଯାଉନାହିଁ। ଏଫ୍‌ଏମ୍ କଲେଜ ଘଟଣା ରାଜ୍ୟ ସରକାରଙ୍କ ସଂଜ୍ଞାନକୁ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ହେବା ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମହିଳା ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୂନ୍ୟ ସହନଶୀଳତା ନୀତି ଆପଣାଇଛନ୍ତି। ବାଲେଶ୍ୱର ଏଫ୍‌ଏମ୍ କଲେଜ ପ୍ରସଙ୍ଗ ହେଉ ଅବା ବଲଙ୍ଗା ଘଟଣା ହେଉ ଏସବୁ ମାମଲାରେ ପୋଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଛି। ରାଜ୍ୟସରକାରଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଅଭିଯୁକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବଲଙ୍ଗା ଘଟଣାରେ ପୀଡ଼ିତାଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବା ପାଇଁ ଦିଲ୍ଲୀ ଏୟାର ଲିଫ୍ଟ କରାଯାଇଥିବାବେଳେ ଉଭୟ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଛି। ଏସବୁ ଘଟଣାରେ ସମ୍ପୃକ୍ତ କୌଣସି ଅଭିଯୁକ୍ତଙ୍କୁ ଛଡ଼ାଯିବ ନାହିଁ। ମାତ୍ର କଂଗ୍ରେସ ତାଙ୍କ ଦଳୀୟ ନେତାଙ୍କ କାର୍ଯ୍ୟକଳାପରେ କିଭଳି କାର୍ଯ୍ୟାନୁଷ୍ଠାନ ନେବ ତାହାକୁ ଦେଖିବାକୁ ବାକି ରହିଲା ବୋଲି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଏହାର ପ୍ରତିବାଦରେ ବାରିପଦା ଟ୍ରାଫିକ ଛକ ଠାରେ ମୟୂରଭଞ୍ଜ ବିଜେପି ଯୁବମୋର୍ଚ୍ଚା ସଭାପତି ବଲରାମ ସାହୁଙ୍କ ନିର୍ଦ୍ଦେଶ କ୍ରମେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଜ୍ୟ କଂଗ୍ରେସ ସଭାପତିଙ୍କର ଇସ୍ତଫା ଦାବି କରିଛି। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ କୁମାର ମଙ୍ଗଳମ୍, ଉପସଭାପତି ଶୋଭାବତୀ ଓଝା, ବରିଷ୍ଠ ନେତା ସୁମନ ସିଂ, ପାୟଲ ରାୟ, ମମତା ମଣ୍ଡଳ, ଲକ୍ଷ୍ମୀଧର ହାଓ୍ୱଡା, ବିଜୟ ଦାସ, ରସିକାନନ୍ଦ ମିଶ୍ର, ସୁଜାତା ଷଡଙ୍ଗୀ, ମାନସି ତ୍ରିପାଠୀ, ଯୁବମୋର୍ଚ୍ଚା ଜିଲ୍ଲା ସମ୍ପାଦକ ସୂରଜ ଲୋହାର, ପ୍ରକାଶ ପାତ୍ର, ସନଜ ମହାପାତ୍ର, ବିନୋଦ ଦାସ ଓ ଉମା ଶଙ୍କର ମହାନ୍ତି ପ୍ରମୁଖ ବହୁ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବନବିଭାଗ ଭିଜିଲାନ୍ସ ୱିଙ୍ଗ ପକ୍ଷରୁ ଚଢାଉ

## ୨୨ଲକ୍ଷ ଟଙ୍କାର ମୂଲ୍ୟବାନ୍ କାଠ ଜବତ



ବାରିପଦା, (ସବ୍ୟୁ) : ଓଡିଶା ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍‌କୁ ମିଳିଛି ବଡସଫଳତା । ଏକ ବେଆଇନ୍ ସୋମିଲ୍ ଉପରେ ଚଢଉ କରାଯାଇ ୨୨ଲକ୍ଷଟଙ୍କା ମୂଲ୍ୟର ବହୁ ମୂଲ୍ୟବାନ୍ କାଠ ଜବତ କରାଯାଇଛି । ପ୍ରକାଶ ଯେ, ବାରିପଦା ବନଖଣ୍ଡ ଅନ୍ତର୍ଗତ କପ୍ତିପଦା ରେଞ୍ଜ ଅଞ୍ଚଳରେ ରଙ୍ଗାମାଟିଆ ଗ୍ରାମରେ ଥିବା ଜ୍ଞାନରଞ୍ଜନ ଦାସଙ୍କ ଘର ପରିସରରେ ଏକ ବେଆଇନ୍ ଗୋଦାମ୍ ଉପରେ ଚଢଉ କରାଯାଇଥିଲା । ଚଢଉ ସମୟରେ ପ୍ରାୟଃ ୪୦୦ ସିଫ୍ଟର ବିପୁଳ ପରିମାଣର ମୂଲ୍ୟବାନ କାଠ ଜବତ କରାଯାଇଥିଲା । ଏହି କାରବାରରେ ସମ୍ପୃକ୍ତ ଥିବା ତିନିଜଣ ଅଭିଯୁକ୍ତ ଜ୍ଞାନରଞ୍ଜନ ଦାସ, ସମରେନ୍ଦ୍ର ଭୂୟାଁ ଓ ରାଜେନ୍ଦ୍ର କୁମାର ଭୂୟାଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା ।

## ବନ୍ଦ ଘରେ ପୋଡିଗଲେ ମହିଳା, ନିଆଁର କାରଣ ଅସ୍ପଷ୍ଟ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ନିଳାଞ୍ଚଳନଗର ୫ମ ଲାଇନରେ ଥିବା ଏକ ଘର ଭିତରେ ଜଣେ ମହିଳା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ସେ ହେଲେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ହରିଶଙ୍କର ରଥଙ୍କ ପତ୍ନୀ ମିନତୀ ରଥ (୫୬) । ପରିବାର ଲୋକଙ୍କ ଅନୁପସ୍ଥିତିରେ ଘରର ସମ୍ମୁଖ ପଟୁ ତାଲା ପଡିଥିବା ବେଳେ ମିନତୀ କିଭଳି ଜିଅନ୍ତା ଜଳିଗଲେ ତାକୁ ନେଇ ନାନା ପ୍ରଶ୍ନ ଉଙ୍କି ମାରିଛି । ସୂଚନାପ୍ରକାରେ, ମିନତୀ ଓ ତାଙ୍କ ପରିବାର ଲୋକେ ନିଳାଞ୍ଚଳନଗର ୫ମ ଲାଇନରେ ଥିବା ଜଣେ ବ୍ୟକ୍ତିଙ୍କ ଉପର ଘରେ ରହୁଥିଲେ । ଆଜି ହରିଶଙ୍କର ଓ ତାଙ୍କ ଝିଅ କୌଣସି କାମରେ ବାଲିପଡା ଯାଇଥିବା ବେଳେ ମିନତୀ ଘରେ ଏକୁଟିଆ ଥିଲେ । ମିନତୀଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିବାରୁ ପରିବାର ଲୋକେ ତାଙ୍କୁ ଘରେ ଛାଡି ବାହାର ପଟ କବାଟରେ ତାଲା ପକାଇ ଚାଲି ଯାଇଥିଲେ । ଅପରାହ୍ନରେ ତଳ ଘରେ ରହୁଥିବା ଲୋକମାନେ ଛାତ ଉପରକୁ ଯାଇଥିବା ବେଳେ ପୋଡା ଗନ୍ଧ ବାହାରୁଥିବା ଜାଣିବାକୁ ପାଇଥିଲେ । ଘରେ ନିଆଁ ଲାଗିଥିବା କିମ୍ବା ସର୍ଟସର୍କିଟ ହୋଇଥିବା ଭାବି ହରିଶଙ୍କରଙ୍କୁ ଖବର ଦେଇଥିଲେ । ଏପଟେ ପୁଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଲା ଭାଙ୍ଗି ଭିତରକୁ ପଶିବା ବେଳେ ମିନତୀ ନିଆଁରେ ପାଡି ହୋଇଯାଇଥିବା ଦେଖିଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ମିନତୀଙ୍କ ଶରୀରରେ କିପରି ନିଆଁ ଲାଗିଲା ତାହା ଜଣାପଡିନାହିଁ । ସେ ନିଜେ ନିଆଁ ଲଗାଇଛନ୍ତି ନାଁ ଗ୍ୟାସ ଲିକରୁ ଏହା ଘଟିଛି ତାହା ପୁଲିସ ତଦନ୍ତ ପରେ ଜଣାପଡିବ ।

## ବଳାତ୍କାର ଅଭିଯୋଗରେ ଯୁବ କଂଗ୍ରେସ ସଭାପତି ଗିରଫ

# ବିଜେପି ଯୁବମୋର୍ଚ୍ଚାର ବିକ୍ଷୋଭ ଓ ଇସ୍ତଫା ଦାବି




ବ୍ରହ୍ମପୁର, (ସବ୍ୟୁ): ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ଧର୍ଷଣକାରୀ ଛାତ୍ର କଂଗ୍ରେସ ସଭାପତିଙ୍କ ବିରୁଦ୍ଧରେ ଏବଂ ଧର୍ଷଣକାରୀଙ୍କୁ ପ୍ରୋତ୍ସାହନ ଦେଉଥିବା ନେତାଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ଛାତ୍ର କଂଗ୍ରେସ ସଭାପତି ଜଣେ ଧର୍ଷଣକାରି ଭାବେ ଆଜି ଗିରଫ ହୋଇ ଜେଲ୍ ଯାଇଛନ୍ତି । ଯେଉଁମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବୀ କରୁଥିଲେ ସେମାନେ ଆଜି ଜାଣିରଖିବା ଦରକାର ଯେ, କେଉଁଭଳୀ ଭାବରେ ଜଣେ ଡକାୟତି କରିଥିବା ଯୁବକକୁ ଛାତ୍ର କଂଗ୍ରେସ ସଭାପତି ଦାୟିତ୍ୱ ଦେଇଥିଲେ। ଗତ ଚାରିମାସ ତଳେ ଗୋଟିଏ ମହିଳାକୁ ଧର୍ଷଣ କରି ଆତ୍ମଗୋପନ କରି ଏହି ଛାତ୍ର ନେତା ଲୁଚିବାକୁ ଚାହିଁଥିଲା। ହେଲେ ମୋହନ ମାଝିଙ୍କ ସରକାର ଛାତ୍ର କଂଗ୍ରେସ ସଭାପତିଙ୍କୁ ଗିରଫ କରି ଜେଲ୍ ପଠାଇଛନ୍ତି । ଆଜି ଯେଉଁମାନେ ଲୋକଙ୍କ ସରକାରଙ୍କ ଉପରକୁ ଆଙ୍ଗୁଳି ଉଠାଉଛନ୍ତି ସେମାନେ ନିଜେ ଜାଣିରଖିବା ଦରକାର ଅଞ୍ଜନା ଗଣଦୁଷ୍କର୍ମ ଜୁଇରେ ଆପଣ ଜଳି ଯାଇଛନ୍ତି, ଲୋକ ଆଜି ଆପଣଙ୍କୁ ପ୍ରତ୍ୟାଖାନ କରିଛନ୍ତି । ଆପଣ ସରକାରଙ୍କୁ ପ୍ରଶ୍ନ ପଚାରିବା ପୂର୍ବରୁ ଆପଣ ନିଜର ଛାତ୍ରନେତା ଓ ଯୁବନେତା ମାନଙ୍କୁ ପ୍ରଥମେ ନାରୀ ସଶକ୍ତିକରଣ ଏବଂ ନାରୀ ସୁରକ୍ଷାର ବିଷୟ ପାଠ ପଢ଼ାଇ ରଖନ୍ତୁ। ଆପଣ ଯେତେବେଳେ ସରକାରଙ୍କୁ ଇସ୍ତଫା ଦେବା କଥା କହୁଛନ୍ତି ସେତେବେଳେ ଆପଣ ନିଜେ ଛାତ୍ର କଂଗ୍ରେସ ସଭାପତିକୁ ପ୍ରୋତ୍ସାହନ ଦେଉଥିଲେ। ନୈତିକତା ଦୃଷ୍ଟିରୁ କଂଗ୍ରେସର ଅଧ୍ୟକ୍ଷ ନିଜେ ଇସ୍ତଫା ଦେଇ ଉଦାହରଣ ସୃଷ୍ଟି କରିବେକି । ଏଥିରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକ, ରାଜ୍ୟ ସମ୍ପାଦକ ତୁତୁନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ରବି ରାଓ, ସୋମନାଥ ପାତ୍ର, ସମ୍ପାଦକ କମଲ ପାତ୍ର, କିଶୋର କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ ଦଳୀୟ ନେତା ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

## ଦ୍ୱିତୀୟ ସୋମବାର, ବୁଦ୍ଧଖୋଲରେ କାଉଡିଆଙ୍କ ଭିଡ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଦିନ କାଉଡିଆଙ୍କ ଭିଡ ଦେଖିବାକୁ ମିଳିଛି । ଚଳିତବର୍ଷ ଦଳ ଦଳ କାଉଡିଆ ବୋଲବମ୍ ଡାକ ଦେଇ ବୁଦ୍ଧଖୋଲ ଶୈବପୀଠ ଅଭିମୁଖେ ପଦଯାତ୍ରା କରୁଛନ୍ତି । ବୁଗୁଡା ଅଞ୍ଚଳର ଶହଶହ କାଉଡିଆ ରୁଷିକୁଲ୍ୟା-ବଡନଦୀର ସଙ୍ଗମ ସ୍ଥଳରେ ପୁରୋହିତମାନଙ୍କ ଦ୍ୱାରା ପବିତ୍ର ଜଳକୁ ଅଭିଷେକ ଆଦି ପୂଜାପାଠ ପୂର୍ବକ ମାନସିକ ବ୍ରତ ଧାରଣ କରି ଜଳଭାର ଘେନି ବାଟ ସାରା ହରହର ବମ୍ , ବୋଲ୍ ବମ୍ ଆଦି ଉଚ୍ଚାରଣ କରି ବୁଦ୍ଧଖୋଲରେ ପହଞ୍ଚି ସେଠାକାର ପଞ୍ଚଶମ୍ଭୁଙ୍କଠାରେ ଜଳାଭିଷେକ କରିଛନ୍ତି । ଅନ୍ୟପକ୍ଷରେ ସ୍ଥାନୀୟ କୁବେରେଶ୍ୱର ପୀଠରେ ମଧ ଶହଶହ କାଉଡିଆ ପହଞ୍ଚି ମହାଦେବଙ୍କ ଠାରେ ଜଳାଭିଷେକ କରିଛନ୍ତି ।

## ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ଅଧ୍ୟକ୍ଷଙ୍କ ଦକ୍ଷିଣ ଓଡ଼ିଶା ଗସ୍ତ


ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଚାରୋଟି ଜିଲ୍ଲାକୁ ଗସ୍ତ କରିବାର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଅଛି। ସୂଚନା ଅନୁଯାୟୀ ଆଇନଜୀବି ଶ୍ରୀ ମଲ୍ଲିକ ମଙ୍ଗଳବାର ନବରଙ୍ଗପୁର ଠାରେ ଏକ ଅନୁସୂଚିତ ଜାତି କଂଗ୍ରେସ କାର୍ଯ୍ୟକ୍ରମରେ ଯୋଗଦେବେ। ତାପରେ ବୁଧବାର ଦିନ ମାଲକାନଗିରି ଜିଲ୍ଲା, ଗୁରୁବାର ଦିନ କୋରାପୁଟ ଜିଲ୍ଲା ଓ ଶୁକ୍ରବାର ଦିନ ରାଉରକେଲା ସାଂଗଠନିକ ଜିଲ୍ଲା ଗସ୍ତକରି ବିଭିନ୍ନ ଜିଲ୍ଲାର ଅନୁସୂଚିତ ଜାତି କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ସାକ୍ଷାତ କରିବେ ଓ ବିଭିନ୍ନ ଜିଲ୍ଲାରେ ଜିଲ୍ଲାସ୍ତରୀୟ ସଭାରେ ଯୋଗଦେବେ। ରାଜ୍ୟରେ ବିଜେପି ସରକାର ଆସିବାପରେ ଗତ ୧ ବର୍ଷ ମଧ୍ୟରେ ଅନୁସୂଚିତ ଜାତିର ଲୋକମାନେ ସବୁଠାରୁ ଅଧିକ ଉତ୍ପୀଡ଼ନର ଶିକାର ହୋଇଛନ୍ତି। ରାଜ୍ୟରେ ମହିଳା ନିର୍ଯ୍ୟାତନା, ଦଳିତ ନିର୍ଯ୍ୟାତନା ଓ ଆଦିବାସୀ ଉତ୍ପୀଡ଼ନ ବହୁ ସଂଖ୍ୟାରେ ବୃଦ୍ଧି ପାଇଥିବାରୁ ବିଭାଗ ତରଫରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ କରିବାପାଇଁ ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସକୁ ପ୍ରସ୍ତୁତ କରିବାପାଇଁ ଉକ୍ତ ସଭାମାନଙ୍କରେ ଆଇନଜୀବୀ ଶ୍ରୀ ମଲ୍ଲିକ ପ୍ରସ୍ତୁତି କରାଇବେ।

## ବନ୍ୟା ବିପନ୍ନଙ୍କୁ ରିଲିଫ୍ ଓ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ

# କୃଷି ଇନପୁଟ୍ ସହାୟତା ପ୍ରଦାନ ଦାବି

ଭୁବନେଶ୍ୱର,(ସବ୍ୟୁ): ନିକଟ ଅତୀତରେ ପ୍ରବଳ ବନ୍ୟାଦ୍ୱାରା ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାର ଅନେକ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଯାଇଛି। ତତ୍‌ପରବର୍ତ୍ତୀ ସମୟରେ ବ୍ରାହ୍ମଣୀ ବନ୍ୟାରେ ପଟାମୁଣ୍ଡାଇ ବ୍ଲକ ଓ ପୌରାଂଚଳରେ ବିଶେଷ ଭାବେ କ୍ଷତି ଘଟିଛି। ଲୋକମାନେ ଜଳବନ୍ଦୀ ହୋଇ ଦୁର୍ଦ୍ଦଶା ଭୋଗୁଥିବା ବେଳେ ଗୃହ ପାଳିତ ପଶୁମାନେ ବାହାରକୁ ଯାଇ ପାରୁନାହାନ୍ତି। ବନ୍ୟାଞ୍ଚଳର ଚାରିଆଡ଼େ କୁମ୍ଭୀର ଦେଖାଦେଉଥିବାରୁ ଲୋକମାନେ ଅତଙ୍କିତ ଅବସ୍ଥାରେ ରହିଛନ୍ତି। ପ୍ରଶାସନ ତରଫରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରାଯାଇ ସେପରି ଠୋସ୍ ପଦକ୍ଷେପ ନିଆ ଯାଇନାହିଁ। ଫଳରେ ବିପନ୍ନ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ପିସିସି କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଏହି ମର୍ମରେ ଆଜି ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିକଟକୁ ଏକ ଦାବୀପତ୍ର ପଠାଇଛନ୍ତି। ବିପନ୍ନ ଜନସାଧାରଣଙ୍କ ଅବସ୍ଥା ଓ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କର ବାସ୍ତବ ସ୍ଥିତିକୁ ଅନୁଧ୍ୟାନକରି ସରକାରଙ୍କ ପକ୍ଷରୁ ତୁରନ୍ତ ଆବଶ୍ୟକ ରିଲିଫ୍ ସହାୟତା, କୁମ୍ଭୀର ଦାଉରୁ ରକ୍ଷା ପାଇଁ ସୁବ୍ୟବସ୍ଥା ଏବଂ କୃଷି ଇନପୁଟ୍ ସହାୟତା ଯୁଦ୍ଧକାଳୀନ ଭିତିରେ ଯୋଗାଇ ଦେବାକୁ ମଧ୍ୟ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି ।

## ୨୩ରେ ସ୍ମୃତିରେ ପଦ୍ମିନୀ ରଥ, ଯୋଗଦେବେ ବାବା ସତ୍ୟାନନ୍ଦ ଦାସ



କଟକ, (ସ୍ୱପ୍ର): ମହୀୟସୀ ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ମୃତିରେ ପଦ୍ମିନୀ ରଥ ପୂଜ୍ୟପୂଜା କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ବୁଧବାର ଅନୁଷ୍ଠିତ ହେବ । ଏହି ଅବସରରେ ଟାଙ୍ଗୀର କଏରାପାରୀ ସ୍ଥିତ ବାସଭବନରେ ଗୀତା ପାରାୟଣ, ସଂକୀର୍ତ୍ତନ ଏବଂ ପଦ୍ମିନୀ କେୟାର ହସ୍‌ପିଟାଲ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ପୂର୍ବାହ୍ନ ୧୧.୩୦ରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ସ୍ମୃତିଚାରଣ ସଭାରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ ମୁଖ୍ୟ ପୁରୋଧା ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ସ୍ମୃତି କମିଟିର ଆବାହକ ନିରାକାର ସାହୁ ସୂଚନା ଦେଇଛନ୍ତି ।

## ପେଟ୍ରୋଲ ପମ୍ପ ଆଗରେ ଲାଗିଲା ଷ୍ଟିକର, ବୋତଲରେ ମିଳିବ ନାହିଁ ତେଲ

ଛତ୍ରପୁର, (ସବ୍ୟୁ) : ଓଡ଼ିଶାରେ ଆଜି ଠୁ ପେଟ୍ରୋଲ ପମ୍ପଗୁଡ଼ିକରେ ଖୋଲା ବୋତଲ କିମ୍ବା ପାତ୍ରରେ ପେଟ୍ରୋଲ ଦିଆଯିବ ନାହିଁ । ଏନେଇ ଓଡ଼ିଶା ପେଟ୍ରୋଲିୟମ ଡିଲରସ ଆସୋସିଏସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ପାଳନ କରିବାକୁ ପେଟ୍ରୋଲ ପମ୍ପ କର୍ମଚାରୀମାନଙ୍କୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଗ୍ରାହକମାନଙ୍କୁ ନିୟମ ପାଳନ କରି କେବଳ ଗାଡ଼ିରେ ପେଟ୍ରୋଲ ଭରିବାକୁ ଅନୁରୋଧ କରାଯାଇଛି। ଏନେଇ ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ସହରରେ ଥିବା ପେଟ୍ରୋଲ ପମ୍ପ ଆଗରେ ବୋତଲରେ ପେଟ୍ରୋଲ ଦିଆଯିବ ନାହିଁ ବୋଲି ଷ୍ଟିକର ଲଗାଯାଇଛି। ବାଲେଶ୍ୱର ଏବଂ ବଳଙ୍ଗାରେ ସମ୍ପ୍ରତି ଘଟିଥିବା ଅଘଟଣ ପରେ ଏହି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ଆସୋସିଏସନ ନିଷ୍ପତ୍ତି ନେଇଥିଲା ।

## ବିଇଓ କାର୍ଯ୍ୟାଳୟରେ ନୂତନ ଓ ବିଦାୟୀ ସିଆରସିସିଙ୍କୁ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ମୁର୍ଗାବାଡି ସ୍ଥିତ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୪ଜଣଙ୍କ ୫ବର୍ଷିୟା କାର୍ଯ୍ୟକାଳ ପୁରିଯାଇଥିବାରୁ ସେମାନଙ୍କ ସ୍ଥାନରେ ନୂତନ ୪ଜଣ ସିଆରସିସି ଯୋଗଦାନ କରିଛନ୍ତି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀଙ୍କ ମାର୍ଗଦର୍ଶନରେ ଏବିଇଓ ଡଃ ସ୍ନେହଲତା ବେହେରା, ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ ତଥା ସମସ୍ତ ସିଆରସିସି ଓ କର୍ମଚାରୀଙ୍କ ଉପସ୍ଥିତିରେ ନୂତନ ସିଆରସିସି ପଙ୍କଜ କୁମାର ମିଶ୍ର, ଅଜୟ କୁମାର ସାହୁ, ପୁଣ୍ୟତୟା ଦାସ ଓ ଅହଲ୍ୟା ସ୍ୱାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ବିଦାୟୀ ସିଆରସିସି କଲ୍ୟାଣଶିଷ ଦାସ, ଦେବରଞ୍ଜନ ସାହୁ, ଅଭିରାମ ହେମ୍ବ୍ରମ ଓ ଚୈତନ୍ୟ ହେମ୍ବ୍ରମଙ୍କୁ ମଧ୍ୟ ଉତ୍ତମ କାର୍ଯ୍ୟକଳାପ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାଥମିକ ଶିକ୍ଷା ବିଭାଗର ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ସିଆରସିସି ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଇଓ ଶ୍ରୀ ସେଠି ପ୍ରକାଶ କରିବା ସହ ଭବିଷ୍ୟତରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ଜଳାଭିଷେକ ପରେ ଘରକୁ ଫେରି କାଉଡ଼ିଆଙ୍କ ମୃତ୍ୟୁ

ଛତ୍ରପୁର, (ସବ୍ୟୁ): ଆଜି ପବିତ୍ର ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଜଳାଭିଷେକ ସାରି ଘରକୁ ଫେରୁଥିବା ବେଳେ କାଉଡ଼ିଆଙ୍କ ମୃତ୍ୟୁ ଘଟିଛି। ମୃତ କାଉଡ଼ିଆ ଜଣକ ହେଲେ ଛତ୍ରପୁର ଥାନା ଅଧିନ ଭାସ୍କରରାଓ ପେଟାସାହିର ମାଧବ ସେଠୀ । ଗତକାଲି ୧୪ ଜଣ କାଉଡିଆ ଗଞ୍ଜାମ ରଷିକୁଲ୍ୟାରୁ ପାଣି ଉଠେଇ ଗୋପାଳପୁର ଧବଳେଶ୍ୱର ଶୈବ ପୀଠକୁ ଯାଇଥିଲେ । ସେଠାରେ ଆଜି ସକାଳେ ଜଳ ଲାଗି କରି ଏକ ଅଟୋ ଯୋଗେ ଘରକୁ ଫେରିଥିଲେ । ଘର ନିକଟରେ ମାଧବଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ସ୍ଥାନୀୟ ଲୋକ ଓ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସେ ଜଣେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ।

## ସ୍ୱପ୍ନ ଫାଉଣ୍ଡେସନ୍ ପକ୍ଷରୁ ବୋଲବମ୍ ଭକ୍ତସେବା



କଟକ, (ସ୍ୱପ୍ର) : ବିଭିନ୍ନ ସମୟରେ ସମାଜ କଲ୍ୟାଣକାରୀ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱପ୍ନ ଫାଉଣ୍ଡେସନ ତାର ସେବାକାର୍ଯ୍ୟ ଜାରି ରଖିଛି । ଚଳିତବର୍ଷ ବାବା ମହାଦେବଙ୍କୁ ଜଳାଭିଷେକ ଲାଗି ବାବା ଧବଳେଶ୍ୱର ପୀଠରେ ହଜାରହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଫାଉଣ୍ଡେସନ ପକ୍ଷରୁ ଶ୍ରାବଣ ମାସର ଦ୍ୱିତୀୟ ପାଳିରେ କାଉଡିଆ ଭକ୍ତମାନଙ୍କ ସେବା ଯୋଗାଇବାର ନିମନ୍ତେ ନୂଆପାଟଣା ଠାରେ ଏକ ସେବା କାର୍ଯ୍ୟର ଆୟୋଜନ କରାଯାଇଥିଲା। ଭକ୍ତଙ୍କ ନିମନ୍ତେ ପ୍ରସାଦ ବଣ୍ଟନ, ଅସୁସ୍ଥ ଚିକିତ୍ସା, ଭକ୍ତଙ୍କ ପାଦ ସେବା, ଭିଡ ନିୟନ୍ତ୍ରଣ ସହ ସଫେଇ କାର୍ଯ୍ୟ ମଧ ଫାଉଣ୍ଡେସନ ପକ୍ଷରୁ ଅତ୍ୟନ୍ତ ଆଗ୍ରହର ସହ କରାଯାଇଥିଲା। ଏହି ସେବା କଟକ ନୂଆପାଟଣା ବ୍ରିଜ ନିକଟରେ ଅସ୍ଥାୟୀ ବୋଲବମ କ୍ୟାମ୍ପରେ ଆୟୋଜନ କରାଯାଇଥିଲା । ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ନିରନ୍ତର ଭାବେ ଏହି ସେବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଶତାଧିକ ସ୍ଥାନୀୟ ମୁରବି, ପୋଲିସ୍ ପ୍ରଶାସନ ଓ ବୁଦ୍ଧି ଜୀବୀମାନେ ଏଥିରେ ଯୋଗ ଦେଇଥିଲେ। ବାବା ଭୋଳେନାଥଙ୍କ କୃପାରୁ ୧୦ ହଜାର ଲୋକଙ୍କ ନିମନ୍ତେ ପ୍ରସାଦ ସେବନର କାର୍ଯ୍ୟକ୍ରମ କରାଯାଇଥିଲା । ସ୍ୱପ୍ନ ଫାଉଣ୍ଡେସନର ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ରାଜ୍ୟରେ ଶିଶୁ ମହିଳା ଅସୁରକ୍ଷିତ

# ଆର୍‌ଡିସି କାର୍ଯ୍ୟାଳୟ ଘେରି ବିକ୍ଷୋଭ ପ୍ରଦର୍ଶନ କଲା ବିଜେଡି



ବ୍ରହ୍ମପୁର, (ସବ୍ୟୁ): ରାଜ୍ୟରେ ଶିଶୁ ଠାରୁ ଆରମ୍ଭ କରି ଛାତ୍ରୀ ଓ ମହିଳାଙ୍କ ପ୍ରତି ବଢୁଥିବା ବଳାତ୍କାର ଏବଂ ହତ୍ୟା ଜନିତ ଘଟଣା ସହିତ ଗୋପାଳପୁର ବେଳାଭୂମି ଠାରେ ଛାତ୍ରୀଙ୍କୁ ଗଣଧର୍ଷଣ, ଗୋଳନ୍ଥରା ଅଞ୍ଚଳରେ ନାବାଳିକା ଝିଅକୁ ଗଣଧର୍ଷଣ, ସାନଖେମୁଣ୍ଡି ଅଞ୍ଚଳର ୪ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ସହିତ ରାଜ୍ୟରେ ଏହିଭଳି ଅନେକ ଘଟଣା ବୃଦ୍ଧି ପାଇଥିବା ବେଳେ ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଭଳି ଅନେକ ଘଟଣା ଘଟି ଚାଲିଛି। ଏହି ସବୁ ଘଟଣାରେ ପ୍ରଶାସନିକ ଅବହେଳା ସାଙ୍ଗକୁ ସରକାରଙ୍କ ଅପାରଗତା ଯୋଗୁଁ ଆଜି ନାରୀ ସମାଜ ଅସୁରକ୍ଷିତ ହୋଇ ଯାଇଛି। ରାଜ୍ୟରେ ଶିଶୁ ମହିଳା ଅସୁରକ୍ଷିତ ଦାବିରେ ବିଜେଡି ପକ୍ଷରୁ ଖଲ୍ଲିକୋଟ ଖେଳ ପଡିଆ ଠାରୁ ବିଜେଡ଼ିର ୧୦ ହଜାର କର୍ମୀ ଛାତ୍ର, ଯୁବ, ମହିଳା ନେତାମାନେ ଏକ ଶୋଭାଯାତ୍ରା ବାହାରି ଆରଡିସି କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଥିଲେ। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନକରି ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ନିଯୁକ୍ତି କରି ଘଟଣାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ଆଜି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ଆନ୍ଦୋଳନ ଡାକରା ଦେଇଥିବା ବେଳେ ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି) କାର୍ଯ୍ୟାଳୟ ସମ୍ମୁଖରେ ଦଳ ତରଫରୁ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର ଓ ଦକ୍ଷିଣ ଓଡ଼ିଶାର ସମସ୍ତ ନିର୍ବାଚନ ମଣ୍ଡଳୀର ବିଜେଡ଼ି ନେତୃମଣ୍ଡଳୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ, ବିଧାୟକ ରୁପେଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ,ପୁଷ୍ପେନ୍ଦ୍ର ସିଂହ ଦେଓ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ତା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ରମେଶ ମାଝି, ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା, ଭୃଗୁ ବକ୍ସିପାତ୍ର, ଡେପୁଟି ମେୟର ଇଂ ବିବେକ ରେଡ୍ଡୀ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ରାଜ୍ୟ ଆଇନ ପରିଷଦ ସଦସ୍ୟ ତଥା କର୍ପୋରେଟର ସଞ୍ଜିତ ପାଣିଗ୍ରାହୀଙ୍କ ସମେତ ଜିଲାର ବହୁ ବରିଷ୍ଠ ବିଜେଡ଼ି ନେତା, ବ୍ରହ୍ମପୁର କର୍ପୋରେଟର ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଦକ୍ଷାଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ପରେ ଦାବିପତ୍ର ପ୍ରଦାନ କରିଥିଲେ। ପରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଅସୁସ୍ଥତା ଅନୁଭବ କରି ବେହୋଶ ହୋଇ ପଡ଼ିଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜ ଓ ହସପିଟାଲକୁ ପଠାଇ ଦିଆ ଯାଇଥିବା ବେଳେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ବୋଲି ବରିଷ୍ଠ ବିଜେଡ଼ି ନେତା ଭୀମସେନ ଦଳେଇ ସୂଚନା ଦେଇଛନ୍ତି ।

## ବିଦ୍ୟୁତ ଆଘାତରେ ବୃଦ୍ଧ ମୃତ

ହରଭଙ୍ଗା,(ସବ୍ୟୁ): ଗାଈଚରାଇ ପେଟ ପୋଷୁଥିଲେ । ସବୁଦିନ ପରି ଆଜି ବି ଗାଈଚରାଇ ଯାଇଥିଲେ । କଲବ ଦୁର୍ଭାଗ୍ୟବଶତଃ କ୍ଷେତରେ ଗାଈ ଚରାଇବା ସମୟରେ ବିଦ୍ୟୁତ ଆଘାତରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି । ଏଭଳି ଦୁଃଖଦ ଘଟଣା ଘଟିଛି ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ବାଣୀଭୂଷଣପୁର ପଂଚାୟତ ପାଟଦହଲୀ ଗ୍ରାମରେ । ସୂଚନା ଅନୁସାରେ ପାଟଦହଲୀ ଗ୍ରାମର ନୀଳମଣି ନାୟକ(୬୦) ସୋମବାର ଗାଈ ଚରାଇବାକୁ ଯାଇଥିଲେ । ଗାଈ ଚରାଇବା ସମୟରେ କୌଣସି କାରଣବଶତଃ ବିଦ୍ୟୁତ ତାର ସଂସ୍ପର୍ଶରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପୁରୁଣାକଟକ ମେଡିକାଲ ଆମ୍ବୁଲାନ୍ସ ଯୋଗେ ନେଇଥିଲେ । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୁରୁଣାକଟକ ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇବା ସହ ଘଟଣାର ଅଧିକ ତଦନ୍ତ କରୁଛି । ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବୀ ହେଉଛି ।

## ଅଜଣା ଗାଡ଼ି ଧକ୍କାରେ ବାଇକ ଚାଳକ ମୃତ, ୨ ଗୁରୁତର

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ବଡରମା ଘାଟି ଜାତୀୟ ରାଜପଥ ୫୩ ପ୍ରଥମ ବୁଲାଣିରେ ଅଜଣା ଗାଡ଼ି ଧକ୍କାରେ ବାଇକ ଚାଳକ ଘଟଣା ସ୍ଥଳରେ ମୃତ୍ୟୁ ହୋଇ ଯାଇଥିବା ବେଳେ ବାଇକ ରେ ବସିଥିବା ଅନ୍ୟ ଦୁଇ ଯୁବକ ଗୁରୁତର ହୋଇଛନ୍ତି । ପୋଲିସ ଓ ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠେଇଥିବା ବେଳେ ଗୁରୁତର ଥିବା ଅନ୍ୟ ଯୁବକଙ୍କୁ ସଙ୍କଟାପନ ଥିବାରୁ ବୁର୍ଲା ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।



ତେବେ ମୃତ ଯୁବକର ପରିଚୟ ମିଳି ନଥିବା ବେଳେ ସେ ମାନେଶ୍ୱର ଅଞ୍ଚଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି । ଜମନକିରା ଥାନାରେ ଏନେଇ ଏକ ଦୁର୍ଘଟଣା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରଖିଛି ପୋଲିସ । ସୂଚନା ଅନୁଯାଇ, ଅପରାହ୍ନରେ ୩ ଜଣ ଯୁବକ ଏକ ବାଇକରେ ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ବଡରମା ଘାଟି ପ୍ରଥମ ବୁଲାଣୀରେ କୌଣସି ଏକ ଅଜଣା ଗାଡ଼ି ସହ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଚାଳକର ମୃତ୍ୟୁ ଘଟିଥିଲା।

## ଚେନ୍ନାଇ କାମ କରିବାକୁ ଯାଇ ଯୁବକ ନିଖୋଜ ଏସପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ଦେବଗଡ,(ସବ୍ୟୁ) : ରୋଜଗାର ଅନ୍ୱେଷଣରେ କାମ କରିବାକୁ ଚେନାଇ ଯାଇ ଜଣେ ଯୁବର୍କ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ନିଖୋଜ ବ୍ୟକ୍ତି ଜଣକ ହେଲେ ଦେବଗଡ ଜିଲ୍ଲା ରିଆମାଳ ଥାନା ତାବଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ଅଭିମନ୍ୟୁ ନାଏକ(୪୦) । ଅଭିମନ୍ୟୁ ଦୁଇମାସ ପୂର୍ବେ ଗ୍ରାମର ଅନ୍ୟ ଛଅ ଜଣ ଯୁବକଙ୍କ ସହ ମିଶି କମ୍ପାନୀରେ କାମ କରିବାକୁ ଚେନାଇ ଅଭିମୁଖେ ଯାଇଥିଲେ। ସେଠାରେ ଗୃପ କସମସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ନାମକ ମଟର ପାର୍ଟସ ତିଆରି କାରଖାନାରେ କାର୍ଯ୍ୟରତ ଥିଲେ। କିଛି ଦିନ ତଳେ ତାଙ୍କ ଶରୀର ଅସୁସ୍ଥ ହେବାରୁ ସେ ଘରକୁ ଫେରିବାକୁ ମାଲିକଙ୍କୁ ଅନୁରୋଧ କରିଥିଲେ। ମାଲିକ ଏନେଇ ରାଜି ନହେବାରୁ ସେଠାରୁ ଏକୁଟିଆ ଘରକୁ ଆସିବା ପାଇଁ ସେ ଚଳିତମାସ ୧୨ ତାରିଖ ରେ ରେଲଷ୍ଟେସନ ଅଭିମୁଖେ ଯାଇଥିଲେ। ତାମରମ ରେଲଷ୍ଟେସନରେ ପହଞ୍ଚି ଟିକଟ କାଟିବାକୁ ଯିବା ସମୟରେ ଘରକୁ ଫୋନ ମଧ୍ୟ କରିଥିଲେ। ମାତ୍ର ପରେ ତାଙ୍କ ସହ ପରିବାର ଲୋକଙ୍କର କୌଣସି ସମ୍ପର୍କ ହୋଇପାରିନାହିଁ। ଦୀର୍ଘ ୯ ଦିନ ହୋଇଯାଇଥିଲେ ମଧ୍ୟ ଅଭିମନ୍ୟୁଙ୍କ ସମ୍ପର୍କ ରେ କୌଣସି ଖବର ମିଳିପାରି ନାହିଁ । ଆଶାଆଶଙ୍କା ଭିତରେ ପରିବାର ଲୋକ ରିଆମାଳ ପୋଲିସକୁ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ରିଆମାଳ ପୋଲିସ ପାଖରୁ କୌଣସି ପ୍ରକାର ସୁଫଳ ନମିଳିବାରୁ ପରିବାର ଲୋକେ ଗତ ଶୁକ୍ରବାର ଦେବଗଡ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ଅଭିଯୋଗ କରିଥିଲେ। ମାତ୍ର ଏହାପରେ ମଧ୍ୟ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନହେବାରୁ ପରିବାର ସଦସ୍ୟ ସୋମବାର ପୁଣିଥରେ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ଅଭିମନ୍ୟୁଙ୍କୁ ଖୋଜିବାକୁ ଅନୁରୋଧ କରିଛନ୍ତି।

## ଭିକମପାଲି ୟୁଜିବି ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲୀ ଥାନା ଅଧିନ ୪୯ ନମ୍ବର ଜାତୀୟ ରାଜପଥ ଭିକମପାଲି ଚିଖିଲାପଲି ଛକରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ସୋମବାର ମଧ୍ୟାହ୍ନରେ ସଶସ୍ତ୍ର ଡକାୟତି ହୋଇଛି । ପ୍ରାୟ ୨ଟା ସମୟରେ ଏକ ବାଇକରେ ୩ ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ଡ଼କାୟତ ମାନେ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ଅନ୍ୟ କର୍ମଚାରୀ ମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଟଙ୍କା ଧରି ଚମ୍ପଟ ମାରିଥିଲେ । ବ୍ୟାଙ୍କରୁ କେତେ ଟଙ୍କା ଲୁଟ କରିଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ ।



ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପଧାନ, ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ବେଲପାହାଡ଼ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ବ୍ୟାଙ୍କରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରିବା ସହ ବିଭିନ୍ନ ଦିଗରେ ତଦନ୍ତ ଜାରି ରଖିଛନ୍ତି । ଡକାୟତି କରିବା ପରେ ଦୁର୍ବୃତ୍ତ ମାନେ ଛତିଶଗଡ଼ ସୀମାନ୍ତ ଦେଇ ଫେରାର ହୋଇଥିବା ପୋଲିସ ଅନୁମାନ କରୁଛି । ଛତିଶଗଡକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ କରାଯାଇ ତଦନ୍ତ ଚାଲିଥିବା ଜଣାପଡ଼ିଛି ।

## ଧାନ କ୍ରୟ ନେଇ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ

ବଲାଙ୍ଗିର,(ସବ୍ୟୁ): ଧାନ ସଂଗ୍ରହ ବର୍ଷ ୨୦୨୫-୨୬ ନିମନ୍ତେ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତା ୧୯.୦୭.୨୦୨୫ ରିଖ ଠାରୁ ଆରମ୍ଭ ହୋଇଛି । ଏହା ତା ୨୦.୮.୨୦୨୫ ରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଚାଷୀ ପଞ୍ଜିକରଣ ସମ୍ପୂର୍ଣ୍ଣ ନୂତନ ଭାବରେ କରାଯିବ ଏବଂ ପୂର୍ବ ବର୍ଷର ନବୀକରଣ କରାଯିବ ନାହିଁ । ଚଳିତ ବର୍ଷ ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କର ଆଧାର ଭିତ୍ତିକ ଇ-କେୱାଇସି କରିବା ଏବଂ ବ୍ୟାଙ୍କ ଆକାଉଣ୍ଟ୍ ଗୁଡିକୁ ଆଧାର ସଂଯୋଗୀକରଣ ବାଧ୍ୟତା ମୂଳକ କରାଯାଇଛି । ସମସ୍ତ ଆଗ୍ରହୀ ଚାଷୀ ସମ୍ପୃକ୍ତ ପ୍ରାଥମିକ କୃଷି ସମବାୟ ସମିତି କିମ୍ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା ୧୯.୦୭.୨୦୨୫ ରୁ ତା ୨୦.୮.୨୦୨୫ ରିଖ ମଧରେ ସମିତି କାର୍ଯ୍ୟାଳୟ ରେ ଆବେଦନ କରିପାରିବେ । ପଞ୍ଜିକରଣ ଫର୍ମ ସହିତ ସେମାନଙ୍କ ଆଧାର କାର୍ଡ, ମୋବାଇଲ ନମ୍ବର, ଅଧିକାର ଅଭିଲେଖ/ ଖତିଆନ୍/ସ ଲିପି (ଆର୍.ଓ.ଆର୍), ଭାଗଚାଷୀଙ୍କ କ୍ଷେତ୍ରରେ ଜମି ମାଲିକଙ୍କ ସହମତି ପତ୍ର, ନିଜ ବ୍ୟତୀତ ଅନ୍ୟ ରେକର୍ଡ ଧାରୀଙ୍କ ଠାରୁ ସହମତି ପତ୍ର ଦାଖଲ କରିବା ଆବଶ୍ୟକ। ପଞ୍ଜିକରଣ ପ୍ରକ୍ରିୟାରେ ଏ ପର୍ଯ୍ୟନ୍ତ ୩୭ ଟି ସୋସାଇଟିରେ ୭୪ ଜଣ ଚାଷୀ ପଞ୍ଜିକରଣ କରିଥିବା ବିଭାଗ ପକ୍ଷରୁ ପ୍ରକାଶ ।

# ନାରୀ ନିର୍ଯାତନା ପ୍ରସଙ୍ଗରେ ନେତା ଓ କର୍ମୀ ଏକାଠି

ସମ୍ବଲପୁର,(ସବ୍ୟୁ): ଫକିର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହୁତି ମାମଲାର ନ୍ୟାୟିକ ତଦନ୍ତ , କ୍ରମ ବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ଓ ଆଇନ ଶୃଙ୍ଖଳା ସମସ୍ୟାର ପ୍ରତିବାଦରେ ସୋମବାର ବିଜେଡ଼ି ପକ୍ଷରୁ ଉତ୍ତରାଞ୍ଚଳ ରାଜସ୍ୱ କମିସନର (ଆରଡିସି) କାର୍ଯ୍ୟାଳୟ ଆଗରେ ଗଣବିକ୍ଷୋଭ, ଘେରାଉ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟାଉନ ହଲ ପଡିଆ ଠାରୁ ଏକ ବିଶାଳ ଶୋଭାଯାତ୍ରା ବିକ୍ଷୋଭ ସ୍ଥଳରେ ପହଞ୍ଚିଥିଲା । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆରଡ଼ିସି ସଚିନ ରାମଚନ୍ଦ୍ର ଯାଦବଙ୍କ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଦଳର ଉପ ସଭାପତି ତଥା ବିରୋଧି ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଛି। ମହିଳା ଆଜି ଅସୁରକ୍ଷିତ।ପ୍ରତିଦିନ ଗୋଟିଏ ପରେ ଗୋଟିଏ ନାରୀ ନିର୍ଯାତନା ଖବର ଆସୁଛି। ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ଡବଲ ଇଞ୍ଜିନ ସରକାର ବିଫଳ ହୋଇଛି । ପୂର୍ବ ସରକାର ସହ ବିକାଶ ମୂଳକ କାର୍ଯ୍ୟରେ ମୋହନ ସରକାର ପ୍ରତିଯୋଗିତା କରୁଛି । ଦୁର୍ନୀତି, ଭ୍ରଷ୍ଟାଚାର ଓ ନାରୀ ନିର୍ଯାତନା ନେଇ ପ୍ରତିଯୋଗିତା ନକରୁ। ପୂର୍ବ ସରକାର ଠାରୁ ଅଧିକ ଭୁଲ ସାବ୍ୟସ୍ତ କରିବାକୁ ଚେଷ୍ଟା ନକରନ୍ତୁ । ନଚେତ ପରିଣାମ ଭୋଗିବେ । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ସଭାପତି ରୋହିତ ପୂଜାରୀ, ବିଧାୟକ ନିରଞ୍ଜନ ପୂଜାରୀ, ଅଧୀରାଜ ପାଣିଗ୍ରାହୀ, କଳିକେଶ ନାରାୟଣ ସିଂହଦେଓ, ଶାରଦା ନାୟକ, ଯୋଗେଶ ସିଂହ, ନଳିନୀ କାନ୍ତ ପ୍ରଧାନ, ବର୍ଷାସିଂହ ବରିହା, ରାଜେନ୍ଦ୍ର ଡୋଲକିଆ, ରୋମାଞ୍ଚ ରଞ୍ଜନ ବିଶ୍ୱାଲ ଏବଂ ସୁଦର୍ଶନ ହରିପାଲ , ଅଭିମନ୍ୟୁ ସେଠି, ପ୍ରାକ୍ତନ ସାଂସଦ ମହେଶ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ରିତା ସାହୁ, ସ୍ନେହାଙ୍ଗିନି ଛୁରିଆ, ପୂର୍ବତନ ବିଧାୟକ ସରୋଜ ମେହେର, ଦେବେଶ ଆଚାର୍ଯ୍ୟ, ରଜନୀ କାନ୍ତ ସିଂହ, ସୁଧୀର ସାମଲ, ମୁକେଶ ପାଲ, ଆୟୁବ ଖାନ, ଲମ୍ବୋଦର ନିଆଲ, ସୁବ୍ରତ ତରାଇ, ରାଜେନ୍ଦ୍ର ଛତ୍ରିଆ, ଅନିଲ ବାର୍ଲା ଏବଂ ଅଳକା ମହାନ୍ତି, ସଞ୍ଜୟ ବାବୁ, ମନୋଜ ମହାପାତ୍ର, ଅରୁଣ ପ୍ରଧାନ, ବିନୋଦ ବଡପଣ୍ଡା, ଶୁଭ୍ରାଂଶୁ ପାଢ଼ୀ, ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ବିଭିନ୍ନ ଜିଲ୍ଲାର ଜିଲ୍ଲା ପରିଷଦ ଅଧକ୍ଷ ଓ ଅଧକ୍ଷା, ଜିଲ୍ଲା ବିଜେଡି ସଭାପତି ମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏଥିରେ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୨ଟି ଜିଲ୍ଲାର ବିଜେଡି ବିଧାୟକ, କର୍ମକର୍ତ୍ତା, ବରିଷ୍ଠ ନେତା ଓ ଦଳର ସମସ୍ତ ଛାମୁଆ ସଂଗଠନ ମାନଙ୍କର କର୍ମୀ ମାନେ ଅଂଶଗ୍ରହଣ କରିଥିଲେ।



ବିଜେଡ଼ି ପକ୍ଷରୁ ଆରଡିସି ଅଫିସ ଘେରାଉ

# ରାହୁଲ ଉତ୍ତେଇ ବହୁମୁଖୀ ଜଳସେଚନ ପ୍ରକଳ୍ପ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭବାନୀପାଟଣା,(ସବ୍ୟୁ): ରାହୁଲ ଉତ୍ତେଇ ବହୁମୁଖୀ ଜଳସେଚନ ପ୍ରକଳ୍ପ ଯାହା କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ବ୍ଲକର ଜୁରାଖମନ, ନାଗଝୁରୀ, ଅଞ୍ଚଳକୁ ନେଇ ଗୌଡ଼ କର୍ଲାଖୁଣ୍ଟା ଠାରେ ପ୍ରସ୍ତାବିତ ରାହୁଲ ଉତ୍ତେଇ ବହୁମୁଖୀ ଜଳ ସେଚନ ପ୍ରକଳ୍ପର ପରିକଳ୍ପନା କରାଯାଇଛି । ସୂଚନା ଯୋଗ୍ୟ ଯେ, କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ବ୍ଲକର ଗୌଡ଼ କର୍ଲାଖୁଣ୍ଟା ଠାରେ ପ୍ରସ୍ତାବିତ ରାଉଳ ଉତ୍ତେଇ ଜଳସେଚନ ପ୍ରକଳ୍ପ ବର୍ତ୍ତମାନ କେନ୍ଦ୍ରୀୟ ଜଳସେଚନ, କେନ୍ଦ୍ରୀୟ ଜଳ ଆୟୋଗର ମଞ୍ଜୁରୀ ଅପେକ୍ଷାରେ ରହିଛି। ଯଦି ଉକ୍ତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହୁଏ ତାହେଲେ କେସିଙ୍ଗା ବ୍ଲକରେ ୮୫୬୪ ହେକ୍ଟର ଜମି ଓ ୩୮ ଗାଁ , ନର୍ଲା ବ୍ଲକରେ ୨୦୬୧୪ ହେକ୍ଟର ଜମି ଓ ୯୬ଗାଁ, କର୍ଲାମୁଣ୍ଡା ବ୍ଲକରେ ୧୮୫୪ ହେକ୍ଟର ଜମି ଓ ୯ ଗାଁ,ଏମ. ରାମପୁର ବ୍ଲକରେ ୧୧୯୪୭ ହେକ୍ଟର ଜମି ଓ ୬୩ ଗାଁ,ମୋଟ ୪୩ହଜାର ହେକ୍ଟର ଜମି ଜଳସେଚିତ ହେବା ସଙ୍ଗେ ସଙ୍ଗେ ୨୦୬ଟି ଗାଁ ଲାଭାନ୍ୱିତ ହେଇପାରିବେ। ଏହାବ୍ୟତୀତ ଖରିଫ ଚାଷରେ ୪୮ହଜାର ହେକ୍ଟର ଏବଂ ରବି ଚାଷରେ ୯ ହଜାର ହେକ୍ଟର ଜମିରେ ଜଳ ସୁନିଶ୍ଚିତ କରାଯିବାର ଯୋଜନା ହୋଇ ସାରିଛି। ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶଙ୍କ ଜରିଆରେ ବିକଶିତ କଳାହାଣ୍ଡି ନୂଆପଡାର ଅଧକ୍ଷ ଡ଼. ଭବାନୀ ଶଙ୍କର ନିଆଲ ଏକ ସ୍ମାରକ ପତ୍ର ଦେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ବାପାଇଁ ଚାହିଁଛନ୍ତି । ଯଦି ୨୦୨୩ରେ ପତ୍ରସଂଖ୍ୟା ୧୨୫୧ ତା-୧୯/୧୨/୨୩ ଏବଂ ପତ୍ର ସଂଖ୍ୟା ୨୬/ଡବ୍ଲୁଇ ତା-୦୪/୦୧/୨୩ ରାଜ୍ୟ ସରକାର ଦ୍ୱାରା କେନ୍ଦ୍ରୀୟ ଜଳ ଆୟୋଗକୁ ପଠାଯାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଅନୁମୋଦିତ ହେଇପାରି ନାହିଁ। ଯାହାର କାରଣରୁ ରାହୁଲ ଉତ୍ତେଇ ବହୁମୁଖୀ ପ୍ରକଳ୍ପର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେଇପାରୁ ନାହିଁ। କଳାହାଣ୍ଡି ଜିଲ୍ଲାର ସବୁଠୁ ଅଣ ଜଳସେଚିତ ଭିତରେ କଳାହାଣ୍ଡି ଜିଲ୍ଲାର ଏମ. ରାମପୁର, କର୍ଲାମୁଣ୍ଡା, ନର୍ଲା ଏବଂ କେସିଙ୍ଗା ର ଚାଷୀ ଏଠି ଉପକୃତ ହୋଇ ପାରିବେ। ଏହାର ପ୍ରତିଲିପି ସାଂସଦ କଳାହାଣ୍ଡି ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ମୁଖ୍ୟ ଶାସନ ସଚିବ ଏବଂ କେନ୍ଦ୍ରୀୟ ଜଳ ଆୟୋଗର ଅଧକ୍ଷଙ୍କୁ ଉକ୍ତ ସ୍ମାରକ ପତ୍ରର ପ୍ରତିଲିପି ପଠାଯାଇଛି ।

## ସିନାପାଲି ଜଗନ୍ନାଥ ଛକ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ସିନାପାଲି,(ସବ୍ୟୁ): ଆଗାମୀ ଶାରଦୀୟ ଦୁର୍ଗାପୂଜା ନିମନ୍ତେ ସିନାପାଲି ଜଗନ୍ନାଥ ଛକ ଦୁର୍ଗାପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଈଶ୍ୱର ପ୍ରସାଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ଏହି କମିଟି ୪୮ତମ ପାର୍ବଣ ଉତ୍ସବ ପାଳନ କରିବାକୁ ଯାଉଥିବା ବେଳେ ଏଥର ସଭାପତି ଭାବରେ ଈଶ୍ୱର ପ୍ରସାଦ ମେହେର, ଉପସଭାପତି ରାମକୃଷ୍ଣ ମେହେର, ସଂପାଦକ ଜିତେଂଦ୍ର ମେହେର, ସହସଂପାଦକ ଭୀଷ୍ମରାଜ ମେହେର ଓ ବେଣୁଧର ମେହେର ଏବଂ କୋଷାଧ୍ୟକ୍ଷ ଭାବରେ ମହେନ୍ଦ୍ର ମେହେରଙ୍କୁ ଚୟନ କରାଯାଇଛି । ପୂଜାକୁ ଭବ୍ୟ ଓ ଶୃଙ୍ଖଳିତ କରିବା ପାଇଁ ଏହି ସଭାରେ ବିଶଦ ଆଲୋଚନା କରାଯାଇଛି । ସେହିପରି କମିଟିର ଉପଦେଷ୍ଟା ମଣ୍ଡଳୀରେ ବୈଶମ୍ପାୟନ ମେହେର, ତୁଳସୀରାମ ମେହେର, ଚତୁର୍ଭୁଜ ମେହେର, ତପେଶ୍ୱର ମେହେର, ନବୀନଚଂଦ୍ର ମେହେର, ଲୋକନାଥ ମେହେର, ପରମେଶ୍ୱର ମେହେର, ଚତୁର୍ଭୁଜ ମେହେର, ଉଦ୍ଧବ ମେହେର, ବୈଷ୍ଣବ ମେହେର, ତରୁଣ କୁମାର ମେହେର ରହିଛନ୍ତି । କର୍ତ୍ତା ଭାବରେ ଉଗ୍ରେସନ ମେହେର ଓ ତାଙ୍କ ଧର୍ମପତ୍ନୀଙ୍କୁ ଚୟନ କରାଯାଇଛି । ସେହିପରି ଆଗାମୀ ୨୦୨୭ରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀର ସଂଯୋଜକ ଭାବରେ ଚତୁର୍ଭୁଜ ମେହେର, ବୈଷ୍ଣବ ମେହେର ଓ ତରୁଣ ମେହେରଙ୍କୁ ମନୋନୀତ କରାଯାଇଥିଲା ।



## ରାଇତାବାହାଲରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,(ସବ୍ୟୁ): ସୋମବାର ବାରକୋଟ ବ୍ଲକ ରାଇତାବାହାଲ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ୫୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧରେ ୩୮ଟି ବ୍ୟକ୍ତିଗତ ଏବଂ ୧୭ ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ବିଦ୍ୟୁତ ସମସ୍ୟା, ରାସ୍ତା ମରାମତି,୦.୦୪ ଡେସମିଲ ଜମି ପଟ୍ଟା,ସୁଭଦ୍ରା ଯୋଜନା,ବନ୍ଦ ହୋଇଥିବା ସ୍କୁଲ ପୁନର୍ବାର ଖୋଲିବା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଏସପି ଅନିଲ କୁମାର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ,ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ବାରକୋଟ ବିଡ଼ିଓ ସିଦ୍ଧେଶ୍ୱର ନାୟକ,ଅତିରିକ୍ତ ତହସିଲଦାର ଶିବବ୍ରତ ନାଏକ,ଡେପୁଟି କଲେକ୍ଟର ଏଜଲୀନ ବାରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସମ୍ବଲପୁର ଜିଲ୍ଲା ପାଇଁ ରେକ୍‌ରେ ଆସିଲା ସାର

ସମ୍ବଲପୁର,(ସବ୍ୟୁ): ଚଳିତ ଖରିଫ୍ ଋତୁରେ ଧାନ ଫସଲ ପାଇଁ ଚାଷୀମାନଙ୍କ ସକାଶେ ରେଳ ଯୋଗେ ସାର ଆସିଛି। ଟ୍ରିପଲ ସୁପର ଫସଫେଟ (ଟିଏସ୍‌ପି) କିସମର ଏହି ସାର ଟ୍ରେନ୍ ଯୋଗେ ଏକ ରେକ୍‌ରେ ସମ୍ବଲପୁର ସିଟି ରେଳ ଷ୍ଟେସନ ଠାରେ ଗ୍ରହଣ କରାଯାଇଛି। ଏହା ଖରିଫ୍ ଋତୁରେ ଧାନ ଫସଲ ପାଇଁ ଚାଷୀମାନଙ୍କୁ ଉଚିତ୍ ସମୟରେ ଆବଶ୍ୟକ ସାର ଯୋଗାଇବାରେ ସହାୟକ ହେବ। ଏହି ରେକ୍ ଅନ୍‌ଲୋଡ୍ ସମୟରେ ପାରାଦୀପ ଫୋସ୍‌ଫେଟ ଲିମିଟେଡ଼ର ଆଞ୍ଚଳିକ ମେନେଜର ଅତୁଲ ପାଣ୍ଡେ, ସ୍ଥାନୀୟ ବିପଣନ ଅଧିକାରୀ ତ୍ରିଲୋଚନ ସିଂ, ଏସଡିଓ ମହାପ୍ରସାଦ ଘୋଷ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିବହନ ଉଦ୍ୟୋଗୀ ପ୍ରବୀଣ କୁମାର ସୁରୀ ଚାଷୀମାନଙ୍କ ପାଇଁ ଏହି ଅତ୍ୟାବଶ୍ୟକ ଦ୍ରବ୍ୟ ଜିଲ୍ଲାକୁ ଆସିବାରେ ସମନ୍ୱିତ ଉଦ୍ୟମ ରହିଥିଲା। ଚାଷୀମାନଙ୍କ ପାଖରେ ଏହାକୁ ପହଞ୍ଚାଇବାରେ ପରିଚାଳନା ଏବଂ ପରିବହନକୁ ଗୁରୁତ୍ୱ ଦିଆଯାଇ ଉଚିତ୍ ସମୟରେ ବିପଣନ କରାଯାଇ ଫସଲ ଅମଳକୁ ସହଯୋଗ କରାଯିବ।

# ହଳଦୀ ହାଇସ୍କୁଲ ଉଚ୍ଚ ମାଧ୍ୟମିକ(୨)କୁ ଉନ୍ନୀତ

## ଶିକ୍ଷକ ଓ ଶ୍ରେଣୀ ଗୃହର ଘୋର ଅଭାବ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲ(ନୂତନ)ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(୨କଲେଜ)କୁ ଉନ୍ନୀତ ହୋଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ଠାରୁ ହଳଦୀ ହାଇସ୍କୁଲରେ ଯୁକ୍ତ ଦୁଇ କଳା ଶ୍ରେଣୀରେ ନାମଲେଖା ହୋଇପାରେ ବୋଲି ଜଣାପଡିଛି। ହଳଦୀରେ ପୂର୍ବରୁ ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାମକ ଏକ ଯୁକ୍ତ ଦୁଇ କଲେଜ ରହିଛି। ହଳଦୀ ହାଇସ୍କୁଲ ଏବେ ବି ନାନାଦି ସମସ୍ୟା ଦେଇ ଗତି କରୁଛି। ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ସହ ଅନ୍ୟ ୫ଜଣ ଶିକ୍ଷକ ଓ କର୍ମଚାରୀ ତଥା ଛାତ୍ରଛାତ୍ରୀ(ନବମ ୧୭୪ଦଶମ ୧୬୭) ତୁଳନାରେ ଆବଶ୍ୟକ ଶ୍ରେଣୀ ଗୃହର ଘୋର ଅଭାବ ରହିଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ରଣା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ବିଇଓ ଶାନ୍ତନୁ କୁମାର ପଢ଼ିହାରୀଙ୍କୁ ପଚାରିବାରୁ ହଳଦୀ ସମେତ ବ୍ଲକର ଅନ୍ୟ ହାଇସ୍କୁଲଗୁଡ଼ିକର ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ହଳଦୀ ହାଇସ୍କୁଲ ଉଚ୍ଚ ମାଧ୍ୟମିକକୁ ଉନ୍ନୀତ ହୋଇଥିବା ବେଳେ ପୂର୍ବରୁ ଥିବା ହଳଦୀ ଭିଏସଏସ କଲେଜ ଘରୋଇ ଭାବେ ଥିବା ସେ ପ୍ରକାଶ କରିଛନ୍ତି।

## ଜମରତଲା ବିଦ୍ୟାଳୟରେ ବୃକ୍ଷ ରୋପଣ

ପଦ୍ମପୁର,(ସବ୍ୟୁ): ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ଜମରତଲାରେ ବିଦ୍ୟାଳୟର ଇକୋ କ୍ଲବ ଓ ଏଲ୍ଆଇସି ପଦ୍ମପୁରର ମିଳିତ ସହଯୋଗରେ ବୃକ୍ଷ ରୋପଣ ହୋଇଯାଇଛି । ଏଲ୍.ଆଇ.ସି ପଦ୍ମପୁର ତରଫରୁ ୩୦ ଗୋଟି ବିଭିନ୍ନ ପ୍ରକାରର ଫଳ ଚାରା ଗଛ ଧରି ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ପ୍ରଧାନ ଅନ୍ୟ କର୍ମଚାରୀ ମାନଙ୍କ ସହ ବିଦ୍ୟାଳୟରେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରାଜେଶ କୁମାର ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ବୃକ୍ଷ ରୋପଣ କରି ଏହାର ଯତ୍ନ ନେବାକୁ ଶପଥ ଗ୍ରହଣ କରିଥିଲେ। ଏଲ୍.ଆଇ.ସି ପଦ୍ମପୁରର ଏହି ପରିବେଶ ସୁରକ୍ଷା କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଅଙ୍ଗନୱାଡ଼ି କର୍ମୀଙ୍କ ଦକ୍ଷତା ବିକାଶ ତାଲିମ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍‌ରେ ଅଙ୍ଗନୱାଡ଼ି କର୍ମୀଙ୍କ ଦକ୍ଷତା ବିକାଶ ତାଲିମ ଆରମ୍ଭ ହୋଇଯାଇଛ। ମ୍ୟାନେଜ୍ମେଣ୍ଟ୍ ଏଣ୍ଡ୍ ଏଣ୍ଟ୍ରାପ୍ରେନ୍ୟୁରସିପ୍ ଏଣ୍ଡ୍ ପ୍ରଫେସ୍ନାଲ୍ ସ୍କିଲ୍ କାଉନ୍ସିଲ୍ ପକ୍ଷରୁ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ସହଯୋଗରେ ପରିଚାଳିତ ଏହି ତାଲିମ କାର୍ଯ୍ୟକ୍ରମ ନର୍ଲା, ,ଭାନପୁର ଏବଂ ତୁଳାପଡ଼ା ସେକ୍ଟର ଅନ୍ତର୍ଭୁକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମକୁ ନର୍ଲା ବ୍ଲକ୍ ସିଡିପିଓ ଅଞ୍ଜଳୀ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ବ୍ଲକ୍ ସଂଯୋଜକ କ୍ଷୀରସିନ୍ଧୁ ମହାଲିକ କାର୍ଯ୍ୟକ୍ରମକୁ ପରିଚାଳନା ସହ ଲକ୍ଷ୍ୟ,ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ସୁପରଭାଇଜର୍ ଯଶୋବନ୍ତି ନାଏକ, ଗୀତାଞ୍ଜଳୀ ସାହୁ ଏବଂ କୁନ୍ତଳା ନାଗ ମାର୍ଗଦର୍ଶନ କରିଥିଲେ। ପ୍ରଥମ ଦିବସରେ ତାଲିମ ଦାତା ଅରୁଣ କୁମାର ପ୍ରଧାନୀ,ଜୟଶଙ୍କର ରାଉତ ତାଲିମ ପ୍ରଦାନ କରିଥିବା ବେଳେ ସୁଶ୍ରୀ ଝରଣା ପ୍ରଧାନୀ ଏବଂ ପିତାମ୍ବର ଗଉଡ଼ ସହଯୋଗ କରିଥିଲେ।

## ଦକ୍ଷିଣ ସମ୍ଭାଗ ପ୍ରଧାନାଚାର୍ଯ୍ୟ, ସମ୍ପାଦକ ବୈଠକ

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜୟପାଟଣା ପରିସରରେ ଜୁଲାଇ ମାସ ୧୯ତାରିଖ ଦିନ ଦକ୍ଷିଣ ସମ୍ଭାଗ ଅନ୍ତର୍ଗତ ସଂଭାଗ ସ୍ତରୀୟ ପ୍ରଧାନାଚାର୍ଯ୍ୟ ଓ ସମ୍ପାଦକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜୟପାଟଣା ଶିଶୁ ବିଦ୍ୟା ମନ୍ଦିରର ଉପଦେଷ୍ଟା ପ୍ରଦ୍ୟୁମ୍ନ ପଣ୍ଡା ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା କୋଷାଧ୍ୟକ୍ଷ ସତ୍ୟ ନାରାୟଣ ପଟ୍ଟନାୟକ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଅଗ୍ରଗାମୀ ଶିଶୁ ମନ୍ଦିରର ଭୂମିକା ଗୁରୁତ୍ୱପୂର୍ଣ୍ଣ ତଥା ନୂତନ ଶିକ୍ଷା ନୀତି ୨୦୨୦ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ ଶିଶୁ ଭାଇ ଭଉଣୀ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ ପ୍ରାଦେଶିକ ମେଧା ଓ ଭାରତୀ କୃଷ୍ଣ ଗଣିତ ପ୍ରତିଭାରେ କୃତିତ୍ୱ ହାସଲ କରିଥିବା ଶିଶୁ ଭାଇ ଭଉଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦକ୍ଷିଣ ସମ୍ଭାଗ ସଭାପତି ଶ୍ରୀଯୁକ୍ତ ରୂପ ସିଂ ରାଉତ ସମ୍ଭାଗ ସହ ସଂଯୋଜକ ସୁଶାନୁ ପାଣିଗ୍ରାହୀ ଜୟପାଟଣା ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ଶିଳ୍ପପତି ସୁବାସ ଚନ୍ଦ୍ର ମୁଣ୍ଡ, ଶିକ୍ଷା ବିକାଶ ସମିତି, ଓଡିଶା ମାଧ୍ୟମିକ ବିଭାଗ ଶୈକ୍ଷିକ ସଂଯୋଜକ ଆଶିଷ ରଥ, କୋରାପୁଟ ବିଭାଗ ନିରୀକ୍ଷକ ମାଧବ ଶତପଥୀ ସହ ବିଭାଗ ନିରୀକ୍ଷକ ବିଷ୍ଣୁ ଚରଣ ଦାସ ଉପସ୍ଥିତ ଥିଲେ ଏବଂ କଳାହାଣ୍ଡି ବିଭାଗ ନିରୀକ୍ଷକ ବିପିନ ବିହାରୀ ମିଶ୍ର କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । କଳାହାଣ୍ଡି ଓ କୋରାପୁଟ ଜିଲ୍ଲା ୧୩ଟି ସଂକୁଳରୁ ୧୦୬ ଟି ଶିଶୁ ବିଦ୍ୟା ମନ୍ଦିରରୁ ୯୮ ଜଣ ପ୍ରଧାନାଚାର୍ଯ୍ୟ ୭୮ଜଣ ସଂପାଦକ ପୂର୍ଣ୍ଣ କାଳୀନ କାର୍ଯ୍ୟ କର୍ତ୍ତା ସଂକୁଳ ପ୍ରମୁଖ ଜିଲ୍ଲା ପ୍ରମୁଖ ମୋଟ ୨୦୫ ଜଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଦକ୍ଷିଣ ସମ୍ଭାଗ ସଂଯୋଜକ ସୁକାନ୍ତ କୁମାର ବେହେରା ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ଓ ମୁଖ୍ୟ ବକ୍ତା ଭାବେ ସନ୍ତୋଷ କୁମାର ପଣ୍ଡା ଯୋଗ ଦେଇଥିଲେ। ଜୟପାଟଣା ଶିଶୁ ବିଦ୍ୟା ମନ୍ଦିର ର ସଂପାଦକ ସିଦ୍ଧାର୍ଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଙ୍କିବାହାଲ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ



ପାଟଣାଗଡ଼,(ସବ୍ୟୁ): ସୋମବାର ପାଟଣାଗଡ଼ ଠାରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବାଙ୍କିବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଉପ ମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏଥି ସହ ଉପସ୍ଥିତ କୁନି କୁନି ଶିଶୁ ମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ ।

# ହୀରାଖଣ୍ଡ ସାଂସ୍କୃତିକ ପ୍ରତିଷ୍ଠା ଦିବସରେ ସମ୍ମାନ ସମାରୋହ

ସମ୍ବଲପୁର,(ସବ୍ୟୁ): ହୀରାଖଣ୍ଡ ଅଞ୍ଚଳର ଶୋଷଣ କରି ପ୍ରବଞ୍ଚନା ମୂଳକ ଭାବରେ ଉପେକ୍ଷା ଓଡ଼ିଶାର ଶାସନ ବ୍ୟବସ୍ଥାର ଅଙ୍ଗ ହୋଇ ରହିଯାଇଥିବା ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଅଭିଯୋଗ କରିଛନ୍ତି। ହୀରାଖଣ୍ଡ ସାଂସ୍କୃତିକର ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ହୋତା କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଘୋଷଣା ଓ ଅର୍ଥ ମଞ୍ଜୁରୀ ପରେ ଚଞ୍ଚକତା କରି ଉକ୍ତ ଅର୍ଥରାଶିକୁ ଅନ୍ୟ ଅଞ୍ଚଳରେ ଖର୍ଚ୍ଚ କରିବାର ପରମ୍ପରା ବହୁ ଦିନରୁ ଚାଲି ଆସିଛି। ନିୟମିତ ଅର୍ଥ ମଞ୍ଜୁରୀ କ୍ଷେତ୍ରରେ ମାର୍ଚ୍ଚ ମାସରେ ଏଭଳି ସମୟରେ ଅର୍ଥ ଆସେ ଯାହାକି ଖର୍ଚ୍ଚ କରିବାର କୌଣସି ରାସ୍ତା ନଥାଏ। ଏହି ଅର୍ଥ ଫେରିବ ଓ କେଉଁଠି ଖର୍ଚ୍ଚ କରାଯିବ ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ । କେନ୍ଦୁପତ୍ର ପାଣ୍ଠି ଠାରୁ ଆରମ୍ଭ କରି ବରଗଡ଼ କ୍ୟାନ୍ସର ହସ୍ପିଟାଲ ପର୍ଯ୍ୟନ୍ତ କିଭଳି ଛଳନା କରାଯାଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଦୀପକ କୁମାର ପଣ୍ଡା ଯୋଗ ଦେଇ କଳିଙ୍ଗ, ଉତ୍କଳ, କୋଶଳ, ଦକ୍ଷିଣ କୋଶଳ ଓ ହୀରାଖଣ୍ଡର ଭୌଗଳିକ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର ହୀରାଖଣ୍ଡ ଏ ଅଞ୍ଚଳର ନିଜସ୍ ଓ ପ୍ରକୃତ ଭୌଗଳିକ ପରିଚୟ ଥିଲା। ହୀରାଖଣ୍ଡର ଅସ୍ତିତ୍ୱ ସମ୍ପର୍କରେ କହିବାକୁ ଯାଇ ସେ ବିଭିନ୍ନ ପ୍ରମାଣ ଦର୍ଶାଇଥିଲେ। ୧୯୪୬ ଅକ୍ଟୋବର ୭ ତାରିଖରେ ବଲାଙ୍ଗିରରେ ସମ୍ବଲପୁର, ବଉଦ, ସୋନପୁର ଆଦି ସ୍ଥାନର ବହୁସଂଖ୍ୟକ ପ୍ରତିନିଧିଙ୍କ ଯୋଗଦାନ କ୍ରମେ ଆୟୋଜିତ କୃଷକ ଦଳ ଓ ପ୍ରଜାମଣ୍ଡଳର ମିଳିତ ସଭାରେ ହୀରାଖଣ୍ଡ ପ୍ରଦେଶ ଗଠନ ଉପରେ ଆଲୋଚନା ହୋଇଥିଲା। ସଭାରେ ହୀରାଖଣ୍ଡ ସାଂସ୍କୃତିକର ସଭାପତି ରାମାନୁଜ ପଣ୍ଡା ଅଧକ୍ଷତା କରିଥିଲେ। ଉତ୍ସବରେ ସର୍ବାଧିକ ବାର ଗୋଟିଏ ନାଟକ ଭାବେ ବୀର ସୁରେନ୍ଦ୍ର ସାଏ ନାଟକ କରି ଆସିଥିବା ବରଗଡ଼ ଜିଲ୍ଲା କୁମ୍ଭାରୀର ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ ଓ ସମ୍ବଲପୁରର ସୁନାମଧନ୍ୟ କବି, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ତଥା ସାଂସ୍କୃତିକ ସଙ୍ଗଠକ ବିପିନ ବିହାରୀ ଦାସଙ୍କୁ ହୀରାଖଣ୍ଡ ସମ୍ମାନ ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। ବୀର ସୁରେନ୍ଦ୍ର ସାଏ ଚୁହାନ ନାଟକର ଅଭିନେତା ଭୂବନ ଭୋଇ, ବାସୁଦେବ ପ୍ରଧାନ ଓ ମନୋରଞ୍ଜନ ଚିରଗୁନ ସଂଳାପ କହିଥିଲେ। ସହ ସମ୍ପାଦକ ତର୍ପଣ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସତ୍ୟନାରାୟଣ ଠାକୁର, ତାପସ ଦାସ, ବିଜୟଲକ୍ଷ୍ମୀ ବେହେରା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ । ଅଖିଳ ପଟ୍ଟନାୟକ ଓ ପ୍ରଶାନ୍ତ ପାଟଯୋଶୀ ମାନପତ୍ର ପାଠ କରିଥିଲେ । ଶେଷରେ ଲଳିତ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



# ଚାଷୀଙ୍କୁ ଘାରିଛି ଫସଲ ବୀମା, ଧାନକାର୍ଡ ଓ ସାର ଚିନ୍ତା

ପଦ୍ମପୁର,(ସବ୍ୟୁ): ଚଳିତ ବର୍ଷ ଠିକ ସମୟରେ ଭଲ ବର୍ଷା ହେବା କାରଣରୁ ଚାଷୀ ମାନେ ଆନନ୍ଦିତ ହୋଇ ଚାଷ କାମ ଆରମ୍ଭ କରିଥିଲେ । ହେଲେ ବର୍ତମାନ ଘରେ ନ ପଶୁଣୁ ଚାଳ ବାଜିଲା ପରି ଘଟଣା ଦେଖିବାକୁ ମିଳିଲାଣି । ଚାଷୀ ମାନେ ବେଶ ଆନନ୍ଦର ସହ ଚାଷ କାମ ଆରମ୍ଭ କରିଛନ୍ତି ହେଲେ ଫସଲର ବୀମା କରିବାରେ ବେଶ ସମସ୍ୟାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି । ପ୍ରାୟତଃ ଲୋକଙ୍କ ଜମି ବାପା ଅଜାଙ୍କ ନାମରେ ରହିଛି । ହେଲେ ବାପା ଅଜାଙ୍କ ଦେହାନ୍ତ ପରେ ତାଙ୍କ ଉତ୍ତରାଧିକାରୀ ଭାବରେ ଚାଷ କରୁଛନ୍ତି । ହେଲେ ସରକାରଙ୍କ ନିୟମ ଅନୁସାରେ ଚାଷୀ ମାନେ ଫସଲର ବୀମା କରିବାରେ ଅଯୋଗ୍ୟ ହେଉଛନ୍ତି । ପଦ୍ମପୁର ଅଞ୍ଚଳ ଏକ ମରୁଡି ପ୍ରପିଡିତ ଅଞ୍ଚଳ ହୋଇଥିବାରୁ ଫସଲ ନଷ୍ଟ ହେବାର ସମ୍ଭାବନା ଅଧିକ ଦେଖିବାକୁ ମିଳିଥାଏ । ତେବେ ଚାଷୀ ମାନେ ଫସଲ ବୀମାରୁ ହିଁ



ନିଜର କ୍ଷତି ପୂରଣ ପାଇଥାନ୍ତି । ସେହିପରି ଚାଷୀ ଚାଷ କରିବ ହେଲେ ଫସଲ ବିକ୍ରି କରିବ ସରକାରୀ ମଣ୍ଡିରେ । ସରକାରୀ ଦରରେ ଧାନ ବିକ୍ରୟ କରିବା ପାଇଁ ଚାଷୀଙ୍କୁ ଧାନକାର୍ଡ ପାଇଁ ପଂଜିକରଣ କରିବା ପାଇଁ ପଡିଥାଏ ହେଲେ ଚାଷ ଜମି ପଟାର ସମାନ ସମସ୍ୟା ଯୋଗୁଁ ଚାଷୀ ମାନେ ଧାନ କାର୍ଡ ପାଇଁ ପଞ୍ଜିକରଣ କରି ପାରୁନଥିବା ଅଭିଯୋଗ ନେଇ ରାଜବୋଡାସମ୍ବର କୃଷକ ସଂଗଠନର ସଦସ୍ୟ ମାନେ ସୋମବାର ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଦାବୀ ପତ୍ର ଦେଇଛନ୍ତି । ଭଲ ବର୍ଷାକୁ ଦେଖି ଚାଷୀ ଚାଷ କାମ ଆରମ୍ଭ କରିଛି । ପାଗ ଅନୁକୁଳ ଦେଖି ଚାଷୀ ରୋଆ ବେଉଷଣ କାମ କରି ଚାଲିଛି । ଏହି ସମୟରେ ଚାଷ କାମରେ ଅଧିକ ମାତ୍ରାରେ ସାରର ଆବଶ୍ୟକତା ପଡିଥାଏ । ଚାଷୀ ମାନେ ମୁଖ୍ୟତଃ କୃଷି ସମବାୟ ସମିତି ମାଧ୍ୟମରେ ସରକାରୀ ଦରରେ ସାର ଆଣିଥାଏ । ହେଲେ ପଦ୍ମପୁର ଉପଖଣ୍ଡରେ ସମବାୟ ସମିତି ଗୁଡିକରେ ସାରର ଅଭାବ ରହିଥିବା କାରଣରୁ ଚାଷୀ ମାନେ ବାଧ୍ୟ ହୋଇ ଦୋକାନରୁ କିଣୁଥିବା ଅଭିଯୋଗ କରିଛନ୍ତି । ଏହାର ସୁଯୋଗ ନେଇ ଦୋକାନୀ ମାନେ ସାରର କଳା ବଜାରୀ କରୁଥିବା ଚାହୀ ମାନେ ଅଭିଯୋଗ କରିଛନ୍ତି । ଦୋକାନୀ ମାନେ ଚାଷୀ ମାନଙ୍କୁ ସରକାରୀ ଦରର ବିଲ ପ୍ରଦାନ କରୁଥିବା ବେଳେ ବିଲରୁ ଅଧିକ ଟଙ୍କା ନେଉଥିବା ଚାଷୀ ମାନେ ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କୁ ପଚରା ଯିବାରୁ ସେ କହିଛନ୍ତି କି ଧାନ କାର୍ଡ ଓ ଫସଲ ବୀମା ପାଇଁ ସରକାର ନୂତନ ନିୟମ ଧାର୍ଯ୍ୟ କରିଛନ୍ତି ଓ ସାର ର ଅଭାବ ତଥା କଳାବଜାରୀ ବିଷୟରେ କୃଷି ବିଭାଗ ଅଧିକାରୀ ମାନଙ୍କ ସହ ଆଲୋଚନା କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

## ନିଶା ଔଷଧ ସହ ଜଣେ ମହିଳା ସମେତ ୭ ଗିରଫ

ବରଗଡ,(ସବ୍ୟୁ): ନିଶାର ଗଡ଼ ପାଲଟିଥିବା ବରଗଡ଼ରେ ଏବେ ନିଶା ବେପାରୀଙ୍କ ଉପରେ ରହିଛି ପୋଲିସ୍‌ର କଡ଼ା ନଜର । କେତେ ବେଳେ ଗଞ୍ଜେଇ ତ ଆଉ କେତେବେଳେ ବ୍ରାଉନ୍ ସୁଗାର ଜବତ ହେଉଥିବା ବେଳେ ସହରରୁ ଗିରଫ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି । ରବିବାର ବରଗଡ଼ ଏସପିଙ୍କ ନିର୍ଦ୍ଦେଶ କ୍ରମେ କୌଣସି ସୂତ୍ରରୁ ଖବର ପାଇ ସହର ମଧ୍ୟରେ ଥିବା ବିଶିପଡ଼ା ସ୍ଥିତ ନରେଶ ଓ ଖୁସବୁ ନାମକ ଦମ୍ପତିଙ୍କ ଘରେ ଚଢ଼ାଉ କରି ପାଞ୍ଚ ବସ୍ତାରେ ମୋଟ୍ ୨୧୭୧ ବୋତଲ କଫ ସିରପ୍ ସହ ଜଣେ ମହିଳା ସମେତ ମୋଟ ୭ ଜଣଙ୍କୁ ଗିରଫ କରିଛି ବରଗଡ଼ ଟାଉନ୍ ପୋଲିସ । ଜବତ କଫ ସିରପର ଅନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ପୋଲିସ ସୂତ୍ରରୁ ଜଣା ପଡ଼ିଛି । ସେମାନଙ୍କ ଠାରୁ କଫ ସିରପ ନଗଦ ୭୪ ହଜାର ୧୦୦ ଟଙ୍କା ଓ ୬ ଟି ମୋବାଇଲ ଜବତ କରି ସମସ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି ବରଗଡ଼ ଟାଉନ୍ ପୋଲିସ୍ ବୋଲି କହିଛନ୍ତି ବରଗଡ଼ ଏସ୍ପି ପ୍ରହ୍ଲାଦ ସାହାଇ ମୀନା ।

## ଲକ୍ଷ୍ମୀ ବସ ଦୁର୍ଘଟଣାଗ୍ରସ୍ତ ତିନି ଯାତ୍ରୀ ଆହତ

ଦେବଗଡ,(ସବ୍ୟୁ) : ସୋମବାର ଅପରାହ୍ନ ସମୟରେ ଦେବଗଡ ଜିଲ୍ଲା ତିଲେଇବଣୀ ବ୍ଲକ ଅନ୍ତର୍ଗତ ଉସ୍ତବପାଲି ଗ୍ରାମ ନିକଟରେ ଲକ୍ଷ୍ମୀ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସଟି ସୋଡ ଗ୍ରାମରୁ ତିଲେଇବଣୀ ଅଭିମୁଖେ ଆସୁଥିବାବେଳେ ଉସ୍ତବପାଲି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଦୁର୍ଘଟଣାରେ ତିନିଜଣ ବସ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତୀ କରାଯାଇ ଚିକିତ୍ସା କରାଯାଇଛି। କଂସର ଫାଣ୍ଡି ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ଅଧିକ ତଦନ୍ତ କରୁଛି ।

## ପାରିବାରିକ କଳହରୁ ବୃଦ୍ଧଙ୍କ ବିଷ ପିଇ ଆତ୍ମହତ୍ୟା

ମୁରିବାହାଲ,(ସବ୍ୟୁ)ଢ଼: ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଇଛାପଡ଼ା ପଞ୍ଚାୟତ ଭଣ୍ଡାରବାଞ୍ଜି ଗ୍ରାମର ଗୋବର୍ଦ୍ଧନ ମାଝୀ(୮୦) ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। କୌଣସି ପାରିବାରିକ କଳହରୁ ବୃଦ୍ଧ ଜଣଙ୍କ ବିଷପିଇ ଦେଇଥିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ କଣ୍ଟାବାଞ୍ଜି ମେଡିକାଲ୍ ନେଇଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନା ପୁଲିସ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ଅପମୃତ୍ୟୁ କେଶ ନ ୧୪/୨୫ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

## ମୋହନ ଲାଲ ଯାଜୋଡ଼ିଆଙ୍କ ପରଲୋକ

ସମ୍ବଲପୁର,(ସବ୍ୟୁ): ବୁର୍ଲା ଗୁପ୍ତା ମେଡିକାଲ୍ ହଲର ପରିଚାଳକ ତଥା ସ୍ୱର୍ଗତ ବଜରଙ୍ଗ ଲାଲ୍ ଯାଜୋଡିଆଙ୍କ ୩ୟ ପୁତ୍ର ମୋହନ ଲାଲ୍ ଯାଜୋଡ଼ିଆଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ପୁତ୍ର ସମେତ ଯାଯୋଡିଆ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ସ୍ୱର୍ଗତ ମୋହନ ବୁର୍ଲା ସରକାରୀ ଉଚ୍ଚବିଦ୍ୟାଳୟ ୧୯୭୮ ବ୍ୟାଚର ଛାତ୍ର ଥିଲେ । ତାଙ୍କ ବିୟୋଗରେ ବୁର୍ଲା ହାଇସ୍କୁଲ ଆଲୁମିନି ଏସୋସିଏସନ୍ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

## ବିଜୁ ସେତୁର ଅବଧି ସରିଲା ହେଲେ କାମ ସମ୍ପୂର୍ଣ୍ଣ ହେଲା ନାହିଁ

ରାୟଗଡା,(ସବ୍ୟୁ): ବିଜୁ ସେତୁ ଅବଧି ସରି ୪ ବର୍ଷ ହେଲା । ହେଲେ ସମ୍ପୂର୍ଣ ହୋଇ ପାରିଲା ନାହିଁ ପୂର୍ବ ସରକାରଙ୍କ ସମୟରେ ଅନୁମୋଦିତ ହୋଇଥିବା ଏହି ପ୍ରକଳ୍ପ । ପୋଲ ନିର୍ମାଣକାରୀ ଠିକା ସଂସ୍ଥା ବର୍ତମାନ କାମ ଛାଡି ଉଭାନ ହୋଇ ଯାଇଥିବା ବେଳେ ଅଧା ପନ୍ତରିଆ ପୋଲକୁ ନେଇ ସ୍ଥାନୀୟ ବାସିନ୍ଦା ଭଗବାନ ଭରସା ବୋଲି କହୁଛନ୍ତି। ରାୟଗଡା ଜିଲ୍ଲା ଗୁଣପୁର ବ୍ଲକ ମେରିଙ୍ଗି ଓ ସାମ୍ପିନୀ ଗ୍ରାମ ଦେଇଅନାଦି କାଳରୁ ସାନ ନଦୀ ପ୍ରବାହିତ ହେଉଛି । ଦୁଇ ଗ୍ରାମକୁ ସଂଯୋଗ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଜୁ ସେତୁ ଯୋଜନାରେ ଏକ ପୋଲ ନିର୍ମାଣ କାମ ୨୦୧୮ ମସିହାରେ ଆରମ୍ଭ ହୋଇଥିଲା । ୧୫୩.୭୮ ମିଟର ଦୈର୍ଘ୍ୟ ଓ ୭.୫୦ ମିଟର ପ୍ରସ୍ଥ ବିଶିଷ୍ଟ ଏହି ସେତୁକୁ ୧୧କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରିବା ପାଇଁ ଠିକାଦାର ଜଣକ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଚୁକ୍ତି କରିଥିଲେ । ୧୧-ଡିସେମ୍ବର-୨୦୧୮ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ୧୦ ଡିସେମ୍ବର-୨୦୨୦ ମସିହା ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଥିଲା କିନ୍ତୁ ଏଯାବତ ପୋଲ କାମ ସମ୍ପୂର୍ଣ ହୋଇ ପାରିଲା ନାହିଁ।

ଗୋଟେ ପଟେ ସେତୁ କାମର ଅବଧି ସରି ୪ ବର୍ଷ ବିତିବାକୁ ଯାଉଛି , ଅନ୍ୟ ପଟେ ଠିକା ନେଇଥିବା ନିର୍ମାଣକାରୀ ସଂସ୍ଥା ସେତୁ କାମକୁ ଅଧାପନ୍ତରିଆ କରି ଛାଡି ଚାଲି ଯାଇଛି । ଅଧା ପନ୍ତରିଆ ପୋଲକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିବା ଭଗବାନ ଭରସା ବୋଲି କହିବା ସହ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି । ବର୍ଷା ଦିନେ ନଦୀର ଜଳ ସ୍ତର ବୃଦ୍ଧି ପାଇଲେ ନଦୀର ଉଭୟ ପାର୍ଶ୍ୱରେ ରହୁଥିବା ବାସିନ୍ଦାଙ୍କ ଦୁର୍ଦ୍ଦଶା ବଢିଯାଉଛି । ମୁଖ୍ୟତଃ ନଦୀ ଆର ପାର୍ଶ୍ୱରେ ଥିବା ସାମ୍ପିନୀ ଗ୍ରାମବାସୀ ପଂଚାୟତ କାର୍ଯ୍ୟାଳୟ ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାମ୍ପିନୀ ଗ୍ରାମ ଠାରୁ ଘନାନ୍ତ୍ରୀ ପଂଚାୟତ କାର୍ଯ୍ୟାଳୟର ଦୂରତା ମାତ୍ର ୫ କିଲୋମିଟର । କିନ୍ତୁ ଅଧପନ୍ତରିଆ ପୋଲ ଯୋଗୁଁ ବର୍ଷା ଦିନେ ଏହି ଗ୍ରାମ ବାସୀ ଚାଉଳ ,ବାର୍ଦ୍ଧକ୍ୟ ଭତ୍ତା ଆଣିବା ପାଇଁ ୫ କିମି ପରିବର୍ତେ ୨୦ ରୁ ଉର୍ଦ୍ଧ କିମି ଯାତ୍ରା କରିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି। ଯଥା ଶୀଘ୍ର ପୋଲ କାମ ସାରିବା ପାଇଁ ନୂତନ ସରକାରଙ୍କୁ ଅଂଚଳବାସୀ ନିବେଦନ କରିଛନ୍ତି । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ଫଳପ୍ରଦ ହେଉ ନ ଥିବା ଅଭିଯୋଗ କରିଛନ୍ତି ଘନାନ୍ତ୍ରୀ ସରପଞ୍ଚ ନୀଳକଣ୍ଠ ଶବର । ଗୁଣୁପୁର ଗ୍ରାମ୍ୟ ନିର୍ମାଣ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଏ ସମ୍ପର୍କରେ ବିଭାଗ ଅବଗତ ଅଛି ଏବଂ ଉପରିସ୍ଥ ଅଧିକାରୀମାନଙ୍କୁ ସେ ଜଣାଇ ଦେଇଛନ୍ତି । ଏହାର ସମାଧାନ ଅତିଶୀଘ୍ର କରାଯିବାର ପ୍ରୟାସ ଚାଲିଛି ବୋଲି କହିଛନ୍ତି ।

## ଅର୍ଜୁନ ଡିଗ୍ରୀ କଲେଜରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପୁନର୍ଗଠନ

ରେଢ଼ାଖୋଲ ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳୀଗଡ ଅର୍ଜୁନ ଡିଗ୍ରୀ କଲେଜ୍‌ରେ ସୋମବାର ଦିନ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭ୍ୟା ବିସ୍ମିତା ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ପୋକ୍ସୋ ଆକ୍ଟ ୨୦୧୩ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । କର୍ମଶାଳାରେ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପିକା ଅସୀମା ପ୍ରଧାନ ଛାତ୍ରଛାତ୍ରୀ ମାନଙ୍କୁ ପୋକ୍ସୋ ଆକ୍ଟ ୨୦୧୩ ବିଷୟରେ ସଚେତନ ମୂଳକ ପରାମର୍ଶ ଦେଇଥିଲେ । ସାଂପ୍ରତିକ ସମାଜରେ ଛାତ୍ରୀ ମାନଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଓଡ଼ିଶା ସରକାରଙ୍କ ନାରୀ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୮୧ ର ସଦୁପଯୋଗ କରିବା ପାଇଁ ଛାତ୍ରୀ ମାନଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ଯୋଗଦେଇ ଛାତ୍ରୀ ତଥା ମହିଳା କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ଗଠିତ ହେଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର କାର୍ଯ୍ୟ ଏବଂ ଆଭିମୁଖ୍ୟ ବିଷୟରେ ଆଲୋଚନା କରି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀ ମାନଙ୍କ ସୁରକ୍ଷା ନିମନ୍ତେ କଲେଜର ପ୍ରମୁଖ ସ୍ଥାନରେ ଆଇସିସି କମିଟିର ଫୋନ୍ ନମ୍ବର୍ ଏବଂ ହେଲ୍ପ ଲାଇନ ନମ୍ବର ୧୮୧ ପ୍ରଦର୍ଶିତ କରାଗଲା। ସଭା ଶେଷରେ ଇତିହାସ ଅଧ୍ୟାପକ ବୈନତେୟ ସାହୁ ସମସ୍ତଙ୍କୁ ଧନ୍ୟବାଦଅର୍ପଣ କରିଥିଲେ।

## ଅନ୍ଧାରିବାଞ୍ଜି ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ତାଲିମ

ଏସ୍-ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଅନ୍ଧାରିବାଞ୍ଜି ଉଚ୍ଚ ବିଦ୍ୟାଳୟ ରେ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ଦ୍ୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ଡ଼. ରବିଚନ୍ଦ୍ର ପଶାୟତ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କପୁର୍ଚ୍ଚନ ପଧାନ ,ସରପଞ୍ଚ ତେଜମୟୀ ସାହୁ, ଅନ୍ଧାରିବାଞ୍ଜି ସିଏଚଓ ସୁଜାତା ମହନ୍ତ , ପ୍ରଶିକ୍ଷିକା ତପସ୍ୱିନୀ ଦାସ, ପ୍ରଶିକ୍ଷକ ନିମାଇଁଚରଣ ମଲ୍ଲିକ ଓ ହୃଷିକେଶ ଡାଙ୍ଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପ୍ରାଥମିକ ଚିକିତ୍ସା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଏହି ଅବସରରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆଧାରରେ ବୃକ୍ଷରୋପଣ ମଧ୍ୟ କରିଥିଲେ। ଶିକ୍ଷକ ପବିତ୍ର ପଧାନ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଜୁନିଅର ରେଡକ୍ରସ କାଉନସିଲର ଅକୁନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଃସ୍ଥିତିରେ ଜୁନାଗଡ଼ ଜଳସେଚନ କେନାଲ

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ମଧ୍ୟକୁ ଦେଇ ଯାଇଥିବା ଜଳସେଚନ କେନାଲର ସ୍ଥିତି ଏବେ ବିପନ୍ନ ହୋଇପଡ଼ିଛି । ମେରିଆଦିଲି ଦେଇ ଆସିଥିବା ଇନ୍ଦ୍ରାବତୀ ଜଳସେଚନ ବିଭାଗର ଏହି କେନାଲ ସହର ଦେଇ ଶ୍ରୀଦୁର୍ଗା ନଗର ତଥା ଜୁନାଗଡ଼-ବ୍ରାହ୍ମଣୀଗୁଡା ରାସ୍ତାଦେଇ କଳମପୁର ଛକ ଗ୍ରାୟତ୍ରୀ ମନ୍ଦିର ପର୍ଯ୍ୟନ୍ତ ରହିଛି। ଏହି କେନାଲ ଉପରେ ଅଞ୍ଚଳର ଶହ ଶହ ଚାଷୀ ନିର୍ଭର କରୁଥିବା ବେଳେ କେନାଲ ଓ ଜଳସେଚନର ଦୁଃସ୍ଥିତିକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି ହେଲେ ଏବେ ଏହି କେନାଲର ଗତିପଥ ଗାୟତ୍ରୀ ମନ୍ଦିର ଠାରୁ ଉଭେଇ ଯାଇଛି । ବ୍ରାହ୍ମଣୀଗୁଡା ରାସ୍ତା ପାଖରୁ ଗାୟତ୍ରୀ ମନ୍ଦିର ଛକ ମଧ୍ୟରେ ଅଧାରୁ କେନାଲ ରାସ୍ତା ଦୀର୍ଘଦିନରୁ ଅବରୋଧ ହୋଇଛି। ସମ୍ପୃକ୍ତ କେନାଲର ସଂଲଗ୍ନ ସରକାରୀ ଜମି ଲୋକେ ଅନଧିକୃତ ଭାବେ ବେଆଇନ ଅକ୍ତିଆର କରିଥିବା ସର୍ବସାଧାରଣରେ ଅଭିଯୋଗ ହୁଏ। ଗ୍ରାୟତ୍ରୀ ମନ୍ଦିର ଆଗକୁ ନିଜର ଗତିପଥ ଅଣ୍ଡାଳୁଥିବା ଏହି କେନାଲ ର ସ୍ଥିତି ସଙ୍ଗିନ ହୋଇପଡିଛି। ପୂର୍ବରୁ କୁଆଡେ ଏହି କେନାଲ ର ଗତିପଥ ଯାଇଥିବା ଜାଗାରେ ଏବେ ବଡ଼ବଡ଼ ଶିଳ୍ପପତି-ବ୍ୟବସାୟୀଙ୍କ କବଜା ରହିଛି। କେନାଲ ପାର୍ଶ୍ୱବର୍ତ୍ତି ଲୋକେ କେନାଲ କୁ ଡ୍ରେନ ଭଳି ବ୍ୟବହାର କରି କୁଢ଼କୁଢ଼ ଅଳିଆ ଆବର୍ଜନା ପକାଉଛନ୍ତି। ସମ୍ପୃକ୍ତ କେନାଲ ଜମି କବଜା ଉପରେ ଏକ ଜିଲ୍ଲାପାଳ ସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି ।

## ରାୟଗଡ଼ା ଟ୍ୟାଲେଣ୍ଟ ଆୱାର୍ଡ ସିଜନ୍-୨

ରାୟଗଡା,(ସବ୍ୟୁ): ରାୟଗଡା ବିଜୁ ପଟ୍ଟନାୟକ ଅଡିଟୋରିଅମ୍ ଠାରେ ରାୟଗଡ଼ା ଟ୍ୟାଲେଣ୍ଟ ଆୱାଡ ସିଜନ୍ -୨ ମହା ଆଡ଼ମ୍ବରରେ ପାଳନ କରାଯାଇଛି । ମା ମଝିଘରିଆଣୀ ଏଣ୍ଟରଟେନମେଣ୍ଟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ, ଜିଲ୍ଲା କଳାକାର ମହସଂଘ ଓ ପିଡିସି ଗ୍ରାଫୀ ସହଯୋଗରେ ଦୁଇ ବର୍ଷ ଧରି ଚାଲିଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ସମାଜରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ଯାହା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କଳାକାର ନିର୍ଦ୍ଦେଶକ, ସଙ୍ଗୀତଜ୍ଞ, ଅଭିନେତା, ଚିତ୍ରକର, ଲେଖକ, ୟୁଟ୍ୟୁବର, ଇତ୍ୟାଦି ଇତ୍ୟାଦି ବିଷୟରେ ସିଧସ୍ତ ବ୍ୟକ୍ତି ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ସମ୍ମାନୀତ ଅତିଥି ଭାବେ




ରାୟଗଡା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା , ବିଜେପି ଜିଲ୍ଲା ସଭାପତି ଗୋପି ଆନନ୍ଦ, ବରିଷ୍ଠ ସାମ୍ବାଦିକ ଡଃ ବାଦଲ କୁମାର ତା,ପୂର୍ବତନ ରାଜ୍ୟ ସଂଯୋଜକ ସଂସ୍କୃତି ବିଭାଗ ବାସୁଦେବ ମାଳ ବିଶୋୟୀ , ଟ୍ରକ୍ ୟୁନିଅନ୍ ସଭାପତି ୱାଇ କୋଣ୍ଡା ବାବୁ ,ଭୁବନେଶ୍ୱର ଠାରୁ ଆସିଥିବା ସମାଜସେବୀ ସୁଜାତା ପାସାୟତ, ସତ୍ୟବାଦୀ ସ୍ୱାଇଁ, ଅନ୍ତର୍ଯ୍ୟାମି ବରାଳ ଓ ଆୟୋଜକ ସନ୍ତୋଷ କୁମାର ବଛା ପ୍ରମୁଖ ମଞ୍ଚରେ ମଞ୍ଚସ୍ଥ ହୋଇଥିଲେ। ଜିଲ୍ଲାର କଳାକାର ମାନଙ୍କୁ ଉତ୍ସାହିତ କରିବା ସହ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ ଅୟୋଜନ କରାଯାଉଛି ବୋଲି ଜିଲ୍ଲା କଳାକାର ମହାସଂଘର ସଭାପତି ସନ୍ତୋଷ କୁମାର ବଛା କହିଛନ୍ତି। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଆଙ୍କର ବିଦିଶା ଶତପଥୀ।

# ଖପ୍ରାଖୋଲରେ ବ୍ଲକସ୍ତରୀୟ ସମାଧାନ ଶିବିର

## ୯୩ଟି ଅଭିଯୋଗ ପଞ୍ଜୀକୃତ

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହ ରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସତ୍ୱାଲକର୍ ଓ ଏସପି ଅଭିଳାଷ ଜି ଯୋଗଦେଇଥିଲେ। ମୋଟ ୯୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୨୨ ଗୋଷ୍ଠିଗତ ଓ ୭୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାଯାଇଛି। ଏହି ଅବସରରେ ବେଲପଡ଼ା,ପାଟଣାଗଡ ,ମୁରିବାହାଲ ବ୍ଲକ ଅଞ୍ଚଳ ର ବିଭିନ୍ନ ଅଭିଯୋଗ ଆସିଥିବା ଜଣାଯାଇଛି। ଶିବିରରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର,ପାଟଣାଗଡ ଉପ ସୁନୀଲ କୁମାର ମେହେର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାଙ୍କୁଲି ଚରଣ ସେଠୀ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଏସ ଚୌଧୁରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



## ରୋତ କଲେଜରେ ଯୌନ ନିର୍ଯାତନା ସଚେତନତା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଆଇକ୍ୟୁଏସି ଦ୍ୱାରା କଲେଜ ପରିସରରେ ଏକ ଯୌନ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଗଲପୁର ଥାନା ଅଧିକାରୀ ବାସୁଦେବ ଭୋଇ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିବା ବେଳେ ଏସ.ଆଇ ସୁଚିସ୍ମିତା ଜେନା, ଆଇନ ପରାମର୍ଶ ଦାତା ତଥା ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟର ଅଧ୍ୟାପକ ସାର୍ଥକ ରଥ, ସମାଜସେବୀ ଧନେଶ୍ୱର ମେହେର, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପୀଠାଧିକାରୀ ରାଧେଶ୍ୟାମ ଯୋଷୀ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀମାନଙ୍କୁ ସୁପରାମର୍ଶ ଦେଇଥିଲେ। ଏଥିରେ ଯୌନ ନିର୍ଯାତନା ନ କରିବା ଓ ଏହାର ପ୍ରତିବାଦ କରିବା ସଂପର୍କରେ ଏକ ସମୂହ ଶପଥପାଠ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସଭାକୁ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରିଥିବା ବେଳେ ଆଇ.ସି.ସିର ସଂପାଦକ ଡକ୍ଟର ଭୁରିଶ୍ରବା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଦୈତାରୀ ଶବର, ନୀଳାମ୍ବର ବାରିକ ଓ ମାନସ କୁମାର ପରିଚାଳନା କରିଥିଲେ।

## 'ସମ୍ଭବ ' ତାଲିମ ଶିବିର ଉଦଘାଟିତ

ମାଲକାନଗିରି,(ସବ୍ୟୁ): ସ୍ଥାନୀୟ ଉଚ୍ଚ ବାଳକ ବିଦ୍ୟାଳୟ ଠାରେ ମାଲକାନଗିରି ଜିଲ୍ଲାର ୧୨୯ ଟି ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କ ୫ ଦିନିଆ ତାଲିମ ଶିକ୍ଷଣ ପେଟିକା 'ସମ୍ଭବ ' ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତାଲିମ ଶିବିରକୁ ଉଦଘାଟନ କରି ପ୍ରଧାନ ଶିକ୍ଷକମାନଙ୍କ ନେତୃତ୍ୱ ବିକାଶ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ । ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଗଣ୍ଡ, ଉଚ୍ଚ ବାଳକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ସଏ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଶୈକ୍ଷିକ ସଂଯୋଜକ ଶେଷ ଶଙ୍କର ମହାଳିକ ମଞ୍ଚାସୀନ ଥିଲା ବେଳେ, ସାଧନ କର୍ମୀ ଭୋବେଦିଲ୍ଲୀପ କୁମାର




ଗଣ୍ଡ,ଅଜୟ କୁମାର ନାୟକ, ଦିଲ୍ଲୀପ କୁମାର ସାହୁ ଓ ଦେବରାଜ ସେଠୀ ଉପସ୍ଥିତ ଥିଲେ । ଏହି ପାଞ୍ଚ ଦିନିଆ 'ସମ୍ଭବ' ତାଲିମ ଶିବିରରେ ଏନସିଏଫ ଓ ଏନଇପି- ୨୦୨୦ ର ଉଦ୍ଦେଶ୍ୟ ଓ ଶୈକ୍ଷିକ ଲକ୍ଷ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅର୍ନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକାରଣ, ଧନ୍ଧାମୂଳକ ଶିକ୍ଷା,ଏସଡିଜି, ଡିଆଇଏସଇ ଓ ପିଜିଆଇ ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନଙ୍କ ଦକ୍ଷତା ବୃଦ୍ଧି କରାଯିବାର କାର୍ଯ୍ୟକ୍ରମ ରହିଛି ।

## ଉଡାନ୍ ଯୋଜନାରେ ସାମିଲ ହେଉ ସତୀଭଟା ଏୟାରଷ୍ଟ୍ରିପ୍

ବରଗଡ,(ସବ୍ୟୁ): କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନାରେ ସତୀଭଟା ଏୟାରଷ୍ଟ୍ରିପ୍କୁ ସାମିଲ କରିବାକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଦାବି । ପଦ୍ମପୁରରେ ଥିବା ସତୀଭଟା ଏୟାରଷ୍ଟ୍ରିପ୍କୁ ନେଇ ସାଂସଦ ତୃତୀୟ ଥର ପାଇଁ କେନ୍ଦ୍ର ନିକଟରେ ଦାବି ରଖିଛନ୍ତି । ଏହାସହ ଝାରସୁଗୁଡ଼ା ଏୟାରପୋର୍ଟର ସମ୍ପ୍ରସାରଣ ପାଇଁ ଦାବି କରିଛନ୍ତି ସାଂସଦ ଶ୍ରୀ ପୁରୋହିତ । କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କୁ ଭେଟି ପଶ୍ଚିମ ଓଡ଼ିଶା ହିତରେ ଏହି ଦୁଇ ବଡ଼ ଦାବି ରଖିଛନ୍ତି । ପୂର୍ବରୁ ଚଳିତବର୍ଷ ଏପ୍ରିଲ ୨ ତାରିଖରେ ସାଂସଦ ଶ୍ରୀ ପୁରୋହିତ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଏହି ସମାନ ଦାବି ରଖିଥିଲେ । ଦୃଢ଼ ସାମାଜିକ ଓ ଅର୍ଥନୈତିକ ଏବଂ ଜରୁରୀକାଳୀନ ଆବଶ୍ୟକତା ଥିବା ପୂର୍ବରୁ ସୂଚାଇଥିଲେ ମଧ୍ୟ ଉପରୋକ୍ତ ବିଷୟ ଉପରେ ଚୂଡାନ୍ତ ପ୍ରତିକ୍ରିୟା କିମ୍ବା କାର୍ଯ୍ୟ ସମ୍ବନ୍ଧୀୟ କୌଣସି ଅପଡେଟ୍ ବିଭାଗ ତରଫରୁ ମିଳିନାହିଁ ବୋଲି କହିଛନ୍ତି ସାଂସଦ । ନୃସିଂହନାଥରେ ରହିଛି ସତୀଭଟା ଏୟାରଷ୍ଟ୍ରିପ୍ । ଆଂଚଳିକ ବିମାନ ଗମନାଗମନ ସହ ଆଂଚଳିକ ପର୍ଯ୍ୟଟନ କ୍ଷେତ୍ର ଓ ଅର୍ଥନେତିକ ଅଭିବୃଦ୍ଧିରେ ଏହା ବେଶ ଗୁରୁତ୍ୱବହନ କରେ ଏହି ଅଂଚଳ । ଉଡାନ୍ ଯୋଜନାରେ ସତୀଭଟା ଏୟାରଷ୍ଟ୍ରିପ୍କୁ ସାମିଲ କରାଗଲେ ବରଗଡ଼ ଓ ସମ୍ବଲପୁର ଜିଲ୍ଲା ପାଇଁ ଏହା ପ୍ରବେଶ ଦ୍ୱାର ହେବ ବୋଲି କହିଛନ୍ତି ସାଂସଦ । ସେହିଭଳି ପଶ୍ଚିମ ଓଡ଼ିଶାରେ ଝାରସୁଗୁଡ଼ା ବିମାନବନ୍ଦର ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ର ଭାବେ ରହିଛି । ହେଲେ ସକାଳ ଓ ସଂଧ୍ୟା ସମୟରେ ଭୁବନେଶ୍ୱର କିମ୍ବା ଦିଲ୍ଲୀ ଯିବା ପାଇଁ କୌଣସି ବ୍ୟବସ୍ଥା ବା ସୁବିଧା ନାହିଁ । ଯାହାଦ୍ୱାରା ଅନେକ ସଂଖ୍ୟାରେ ବ୍ୟବସାୟୀ, ପ୍ରଶାସନିକ ପରିଚାଳକ ଓ ଜରୁରୀ ମେଡ଼ିକାଲ ସେବାରୁ ବଂଚିତ ହେଉଛନ୍ତି । ଏହି ଅଂଚଳର ଲୋକସଂଖ୍ୟା ବୃଦ୍ଧି ଓ ଶିଳ୍ପାଞ୍ଚଳକୁ ନଜରରେ ରଖି ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ବିଶାଖାପାଟଣା, ହାଇଦ୍ରାବାଦ୍ ଓ କୋଲକାତା ଭଳି ମେଟ୍ରୋ ସ୍ଥାନକୁ ପ୍ରତିଦିନ ବିମାନ ଚଳାଚଳ ପାଇଁ ଦାବି ରଖିଛନ୍ତି ଶ୍ରୀ ପୁରୋହିତ । ଏସବୁ ଦିଗରେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଖୁବଶୀଘ୍ର ଏ ଦିଗରେ ତ୍ୱରୀତ ପଦକ୍ଷେପ ନେବାକୁ ବେସାମରିକ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ସାଂସଦ ।

## ବଜ୍ରାଘାତରେ ଚାଷୀ ମୃତ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ଡୁଡୁକାଠେଙ୍ଗା ପଞ୍ଚାୟତ ମୁନୁଗା ପଦର ଗ୍ରାମର ଜଣେ ଚାଷୀ ଭୋଦେ ଦଳପତି(୪୮) ସୋମବାର ସନ୍ଧ୍ୟାରେ ବଜ୍ରାଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସେ ନିଜ ଚାଷଜମିରୁ ଫେରିବା ବାଟରେ ହଠାତ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଗାଁର ଏକ ପୋଖରୀ ନିକଟରେ ବଜ୍ରପାତରେ ଗୁରୁତର ହୋଇଥିବା ବେଳେ ବର୍ଷା କମିବା ପରେ ପୋଖରୀ ହୁଡାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ତେବେ ପରିବାର ଲୋକେ ତାଙ୍କୁ ଏକ ଅଟୋରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାକୁ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ଆମପାଣି ପୋଲିସକୁ ସୂଚନା ଦିଆଯାଇଛି ଓ ମଙ୍ଗଳବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି । ତେବେ ସେ ଜଣେ ଛୋଟ ଚାଷି ଓ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ଦୁଇ ଶିଶୁ ଏବେ ବେସାହାରା ହୋଇ ପଡିଛନ୍ତି।

## ଅଲୋଡ଼ା ହେଲା ଶିଶୁ ପୁତ୍ର

ବଲାଙ୍ଗିର, (ସବ୍ୟୁ): ନବଜାତକର ମୃତଦେହ ଉଦ୍ଧାର । ଅଧା ଶରୀର ଖାଇ ଦେଇଛନ୍ତି ବୁଲା କୁକୁର । ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ବିବେକ ମେଡିକାଲ ନିକଟରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି । ଏକ ନବଜାତ ଶିଶୁକୁ ମୃତ ନା ଜୀବିତ ଅବସ୍ଥାରେ ଫିଙ୍ଗି ଦିଆଯାଇଥିବା ବେଳେ ତାର ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି । ମିଳିଥିବା ସୂଚନା ଅନୁସାରେ ବିବେକ ମେଡିକାଲ ନିକଟରେ ଏକ ନାଳରେ କପଡ଼ାରେ ନବଜାତକ ଶିଶୁର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ତୁରନ୍ତ ଟାଉନ ପୁଲିସ କୁ ଖବର ଦେବାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ତେବେ କିଏ ଓ କେବେ ଏହି ନବଜାତକର ମୃତଦେହକୁ ଫିଙ୍ଗିଲା ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି କୁହାଯାଉଛି ।

**AFFIDAVIT**

I SANJIB PANIGRAHI, S/O PURANDAR PANIGRAHI, AGED ABOUT 54 YEARS OLD, R/O - GOLAMUNDA, PO-MANESWAR, PS-DHAMA,DIST - SAMBALPUR, ODISHA DECLARE BY THIS AFFIDAVIT NO. 4178 DATED 21/07/2025 THAT SANJIB KUMAR PANIGRAHI AND SANJIB PANIGRAHI ARE THE NAMES OF ONE AND SAME PERSON I.E. ME AND NONE ELSE.

SANJIB KUMAR PANIGRAHI

TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

(ଶ୍ରୀମଦ୍ଭଗବଦ୍ ଗୀତା ୧୭/୨୩)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ )

**ଓଁତତ୍ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ ।**
**ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ।।୨୩।।**

(ନନୁ ଏବଂ ବିଚାର୍ଯ୍ୟମାଣେ ସର୍ବମପି ଯଜ୍ଞତପୋଦାନାଦି ରାଜାସତାମସପ୍ରାୟମେବେତି ବ୍ୟର୍ଥୋ ଯଜ୍ଞାଦିପ୍ରୟାସଃ ଇତ୍ୟାଶଙ୍କା ତଥାବିଧସ୍ୟ ଅପି ସାତ୍ତ୍ୱିକତ୍ୱାଦିଦାନପ୍ରକାରଂ ଦର୍ଶୟିତୁଂ ଆହ)–ଓଁ ତତ୍ ସତ୍ ଇତି ତ୍ରିବିଧଃ ବ୍ରାହ୍ମଣଃ (ପରମାତ୍ମନଃ) ନିର୍ଦ୍ଦେଶଃ (ନାମ୍ନା ବ୍ୟପଦେଶଃ) ସ୍ମୃତଃ, ତେନ ବ୍ରାହ୍ମଣାଃ ଚ ବେଦାଃ ଚ ଯଜ୍ଞାଃ ଚ ପୁରା ( ସୃଷ୍ଟ୍ୟାଦୌ) ବିହିତାଃ (ବିଧାତ୍ରା ନିର୍ମିତାଃ) ।। ୨୩ ।।

# ‘ପ୍ରତ୍ୟେକ ନାଗରିକଙ୍କ ହକ୍ ସୁଶାସନ’

ସମ୍ପାଦକୀୟ

ଏଇ ଅଳ୍ପ ଦିନ ତଳେ ଭୁବନେଶ୍ୱରରେ ‘ଉତ୍ତମ ପ୍ରଶାସନିକ ଅଭ୍ୟାସ’ ଶୀର୍ଷକରେ ଏକ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବକ୍ତବ୍ୟରେ ଖୁବ୍ ଭଲ କଥା କହିଛନ୍ତି । ସେ କହିଛନ୍ତି, ‘ଲୋକକୈନ୍ଦ୍ରିକ, ପ୍ରଯୁକ୍ତି ବିଦ୍ୟା ପରିଚାଳିତ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରଶାସନ ଲାଗି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରହିଛି । ସୁଶାସନ କିଛି ଲୋକଙ୍କ ବିଶେଷାଧିକାର ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ହକ୍ ଏବଂ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟ’ ବୋଲି ସେ କହିଛନ୍ତି । ଖୁବ୍ ଭଲ କଥା । ପ୍ରଶାସନିକ ବ୍ୟବସ୍ଥା ଏପରି ହେବା ଉଚିତ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଏଥିପାଇଁ ଆମେ ସ୍ୱାଗତ କରୁଛୁଁ ଓ ତାଙ୍କର ନିଜ ବକ୍ତବ୍ୟକୁ ସରକାରୀ କଳ ଠିକ୍ ଭାବେ ପାଳନ କରିବା ଉଚିତ । ଦୁଃଖର କଥା ଏଇ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ପାଇ ଆମେମାନେ ଆନନ୍ଦିତ ହୋଇଥାଉଁ ସତ, ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଜରୁରୀ ଘଟଣାରେ ଇ– ମେଲର ଜବାବ ଦିଅନ୍ତି ନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ବିଷୟରେ କିଛି କରନ୍ତି ନାହିଁ ।

ବିଜେପି କ୍ଷମତାସୀନ ହେବା ପରେ ରାଜ୍ୟ ବିଜେପିର ମୁଖ୍ୟ କାର୍ଯ୍ୟାଳୟରେ ଅଭିଯୋଗ ପ୍ରକୋଷ୍ଠମାନ କରାଯାଉଥିଲା । ବିଭାଗୀୟ ମନ୍ତ୍ରିମାନେ ଆସି ଅଭିଯୋଗଗୁଡ଼ିକର ଶୁଣାଣୀ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ସୁପାରିଶ ମଧ୍ୟ କରି ଆସୁଥିଲେ । କାହିଁକି କେଜାଣି ସେ ପ୍ରଥାକୁ ବନ୍ଦ କରି ଦିଆଗଲା । ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି ଭାବି ଅପରାଧୀ ଅଧ୍ୟାପକ ଜଣକ ଯଦି ବିଚାରି ଛାତ୍ରୀ ଜଣକୁ ଦୁର୍ବ୍ୟବହାର କରି ନଥାନ୍ତେ, ତା’ ହେଲେ ବାଲେଶ୍ୱର ପରି ଘଟଣା ସମ୍ଭବତଃ ଘଟି ନଥାନ୍ତା । ଏ କଥା ରାଜ୍ୟର ସଚେତନ ନାଗରିକମାନେ କହୁଛନ୍ତି ଯେଉଁମାନଙ୍କୁ ତଡିତ ଗଣମାଧ୍ୟମ ଗୁରୁତ୍ୱ ଦିଏ ନାହିଁ ବା ହାଇଲାଇଟ କରେ ନାହିଁ । ଧରାବନ୍ଧା କେତେକ ନିର୍ଦ୍ଦିଷ୍ଟ ସାମ୍ବାଦିକ ବା ରାଜନୀତିକ ସମୀକ୍ଷା କରୁଥିବା ବ୍ୟକ୍ତିଙ୍କର କଥାକୁ ରାଜ୍ୟ ସରକାର ତଡିତ ଗଣମାଧ୍ୟମରେ ହୁଏତ ଗୁରୁତ୍ୱ ଦେଉଥିବେ, କିନ୍ତୁ ସାଧାରଣ ଲୋକେ ସେମାନଙ୍କୁ ଗୁରୁତ୍ୱ ଦେଉଥିବା ପରି ମନେ ହୁଏ ନାହିଁ ।

ଉପରୋକ୍ତ ‘ଉତ୍ତମ ପ୍ରଶାସନିକ ଅଭ୍ୟାସ’ ଜାତୀୟ ସମ୍ମିଳନୀରେ କେନ୍ଦ୍ର ବିଜ୍ଞାନ ଓ କାରିଗରୀ ତଥା ସାଧାରଣ ଅଭିଯୋଗ ଏବଂ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଦାୟିତ୍ୱରେ ଥିବା ମନ୍ତ୍ରୀ ଜିତେନ୍ଦ୍ର ସିଂ ଯୋଗ ଦେଇ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ସେ କହିଛନ୍ତି, ସ୍ୱାଧୀନତା ପରଠାରୁ ୪୧ ଗୋଟି ସୁଶାସନ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ କାର୍ଯ୍ୟକାଳ ମଧ୍ୟରେ ୨୯ ଗୋଟି ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇପାରିଛି । ଏହା ଏବର ପ୍ରଶାସନିକ ସଂସ୍କାର ଆଣି ପ୍ରଶାସନର ଗତି ଓ ଧାରାକୁ ପ୍ରଭାବିତ କରିପାରିଛି । କେନ୍ଦ୍ରୀୟ ସାର୍ବଜନୀନ ଅଭିଯୋଗର ସମାଧାନ, ଅନୁଧ୍ୟାନ ପ୍ରଣାଳୀ ଓ ଡିଜିଟାଲ ଜୀବନୀ ପ୍ରମାଣପତ୍ର ପରି ଅନେକ ନୂତନ ପ୍ରଶାସନିକ ସଂସ୍କାର ବିଶ୍ୱର ଆଦର୍ଶ ଭାବେ ଗୃହୀତ ହୋଇଛି । ସେ ମଧ୍ୟ କହିଥିଲେ ଯେ ମୋଦୀ ସରକାର ୧୬ ହଜାରରୁ ଅଧିକା ପୁରୁଣା ଓ ଅଚଳ ଆଇନକୁ ରଦ୍ଦ କରି ପ୍ରଶାସନିକ ବୋଝକୁ ହ୍ରାସ କରିପାରିଛି । ପ୍ରକୃତରେ ଏହା ପ୍ରଶାସନିକ ସଂସ୍କାରର ଅନ୍ୟତମ ଦୃଷ୍ଟାନ୍ତ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ଷାଠିଏ ଦଶକର କଥା । ବିଜୁ ପଟ୍ଟନାୟକ କଂଗ୍ରେସ ଦଳରୁ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିଲେ । ସମ୍ବାଦପତ୍ରମାନଙ୍କର କଣ୍ଠରୋଧ ସକାଶେ ସେ ଓଡ଼ିଶା ବିଧାନସଭାରେ ଏକ ଆଇନ ପାରିତ କରାଇଥିଲେ । ତତ୍କାଳୀନ ସ୍ୱାଧୀନ ସଦସ୍ୟ(ପରେ ମନ୍ତ୍ରୀ ହୋଇଥିଲେ) ନିତ୍ୟାନନ୍ଦ ମହାପାତ୍ର ଏପରି ଆଇନ ସମ୍ବାଦପତ୍ରର ସ୍ୱାଧୀନତାକୁ କ୍ଷୁଣ୍ଣ କରିବ ବୋଲି ବିଧାନସଭାରେ ସ୍ୱର ଉତ୍ତୋଳନ କରିବାରୁ ମୁଖ୍ୟମନ୍ତ୍ରୀ ବିଜୁ ବାବୁ ସେହି ଆଇନଟି ଉପରେ ନିୟମାବଳୀ ପ୍ରସ୍ତୁତ କଲେ ନାହିଁ । ଫଳରେ ଆଇନଟି ଆପେ ଆପେ ଅଚଳ ଓ ଅକାମୀ ହୋଇଗଲା । ସମ୍ଭବତଃ ବିଜୁ ବାବୁ ସେ ସମୟରେ ଅନୁଭବ କରିଥିଲେ ଯେ ସେପରି ଆଇନ କରି ସେ ଭୁଲ କରିଛନ୍ତି । ଏପରି ଅନେକ ଅଦରକାରୀ ଆଇନ ଓଡ଼ିଶାରେ ରହିଛି । ସେଗୁଡ଼ିକ ରଦ୍ଦ କରାଯିବା ଦରକାର ।

ଏଠାରେ ମୁଁ ସ୍ମରଣ କରାଇ ଦେବାକୁ ଚାହୁଁଛି ଯେ ଇ–ପ୍ରଶାସନ ସଂକ୍ରାନ୍ତରେ ଅଷ୍ଟମ ଜାତୀୟ ସମ୍ମେଳନ ପ୍ରାୟ କୋଡିଏ ବର୍ଷ ତଳେ ୨୦୦୫ ଫେବୃଆରୀ ୩ରୁ ୫ ତାରିଖ ତିନିଦିନ ଯାଏଁ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ଏହାର ବିଷୟବସ୍ତୁ ଥିଲା ‘ଦକ୍ଷିତା ବିକାଶ’ । ଭାରତ ସରକାରଙ୍କର ଇନଫରମେସନ ଟେକ୍ନୋଲଜି ଓ ଓଡ଼ିଶା ସରକାରଙ୍କର ଇନଫରମେସନ ଟେକ୍ନୋଲଜି ବିଭାଗର ମିଳିତ ଆନୁକୁଲ୍ୟରେ ଏହି ତ୍ରିଦିବସୀୟ ସମ୍ମେଳନ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଏହାର କି ପ୍ରଭାବ ଓଡ଼ିଶାରେ ପଡ଼ିଥିଲା ତାହା ହୁଏତ ସମୟ କହିବ । ମାତ୍ର ଏବେ ଇଣ୍ଟରନେଟ ଓ ଇନଫରମେସନ ଟେକ୍ନୋଲଜି ଯୁଗରେ ଆମ ରାଜ୍ୟରେ ଇ–ପ୍ରଶାସନକୁ ଆହୁରି ସକ୍ରିୟ କରିବା ଦିଗରେ ପ୍ରଶାସନ ଉଦ୍ୟମ କରିବା ଆବଶ୍ୟକ । ଫଳରେ ପ୍ରଶାସନର ସୁଫଳ ଜନସାଧାରଣ ପାଇପାରିବେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ ‘ସମୟ’ କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମେ ନିଶାରେ ଅଛନ୍ତି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଯୁବପିଢ଼ିଙ୍କ ନିଶା ପ୍ରୀତି ଏକ ଗମ୍ଭୀର ଆହ୍ୱାନ ଭାବରେ ସମଗ୍ର ବିଶ୍ୱ ସମ୍ମୁଖରେ ଛିଡ଼ା ହୋଇଛ । ଜାତିସଂଘ ଦ୍ୱାରା ପ୍ରକାଶିତ ‘ୱାର୍ଲ୍ଡ ଡ୍ରଗ୍ ରିପୋର୍ଟ ୨୦୨୪’ ଅନୁଯାୟୀ ସାରା ବିଶ୍ୱରେ ୨୯.୨ କୋଟିରୁ ଅଧିକ ଲୋକ ନିଶା ସହ ଜଡିତ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତ ଦଶନ୍ଧି ତୁଳନାରେ ନିଶାଗ୍ରସ୍ତ ଲୋକଙ୍କ ସଂଖ୍ୟା ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ପାଇଛି । ନିଶା ପ୍ରତି ଏପରି ପ୍ରବୃତ୍ତି ମାନବ ସଭ୍ୟତା ସମ୍ମୁଖରେ ଏକ ଗମ୍ଭୀର ସଙ୍କଟ ଆଡ଼କୁ ଇଙ୍ଗିତ କରୁଛି ।

ଭାରତରେ ମଧ୍ୟ ବହୁ ସଂଖ୍ୟକ ଯୁବପିଢ଼ି ନିଶାର ଶିକାର ହେଉଛନ୍ତି । ସମ୍ପ୍ରତି ସୁପ୍ରିମକୋର୍ଟ ନିଶା ପ୍ରତି ଯୁବପିଢ଼ିଙ୍କ ବଢୁଥିବା ଆଗ୍ରହକୁ ଏକ ପିଢ଼ିଗତ ସଙ୍କଟ ବୋଲି କହିଛନ୍ତି । ଏହି ଆହ୍ୱାନ ଏତେ ଗମ୍ଭୀର ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪ ଡିସେମ୍ବର ୨୦୧୪ରେ ‘ମନ କି ବାତେ’ର ତୃତୀୟ ଏପିସୋଡରେ ସମ୍ପୂର୍ଣ୍ଣ ସମ୍ବେଦନଶୀଳତାର ସହିତ ଦେଶର ଯୁବପିଢ଼ିଙ୍କୁ ନିଶା ନିବାରଣରୁ ବାହାରି ଆସିବା ପାଇଁ ବିଶେଷ ଆହ୍ୱାନ କରିଥିଲେ । ସେ ଯୁବପିଢ଼ିଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଦେଶ ସାମ୍ନା କରୁଥିବା ଏହି ଗମ୍ଭୀର ସଙ୍କଟର ମୁକାବିଲା ପାଇଁ ସେ ଯୁବପିଢ଼ିଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଠିଆ ହେବାକୁ ପ୍ରସ୍ତୁତ ଅଛନ୍ତି । ପରିସଂଖ୍ୟାନ କୁହେ ଦେଶର ପ୍ରାୟ ୨୦ ପ୍ରତିଶତ ଲୋକ ନିଶା ସେବନର ଶିକାର ହେଉଛନ୍ତି । ଏଥିରେ ୧.୫ କୋଟିରୁ ଅଧିକ ମହିଳା ଅଛନ୍ତି ୧୦ ରୁ ୧୭ ବର୍ଷ ବୟସର ପ୍ରାୟ ୧.୫ କୋଟି କିଶୋର ମଧ୍ୟ ଏହି ବିପଦର ଶିକାର, ଯେଉଁଥିରେ ଛୋଟ ଛୋଟ ଝିଅଙ୍କ ସଂଖ୍ୟା ଚିନ୍ତାଜନକ । ‘ଗ୍ଲୋବାଲ୍ ୱାର୍ଡ ଅଫ୍ ଡିଜିଜ୍ ୨୦୧୭’ଅନୁଯାୟୀ ସାରା ବିଶ୍ୱରେ ଅବୈଧ ନିଶା ସେବନ ଯୋଗୁଁ ୭.୩୦ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଛି, ଯାହା ମଧ୍ୟରୁ ଭାରତରେ ୨୨ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି ।

ଏକ ରିପୋର୍ଟ ଅନୁଯାୟୀ ୨୦୧୯ରେ ସାରା ଦେଶରେ ୭୮୦୦ରୁ ଅଧିକ ଲୋକ ନିଶା ଯୋଗୁଁ ଆତ୍ମହତ୍ୟା କରିଛନ୍ତି ଯେଉଁଥିରେ ୨୦ ରୁ ୫୦ ବର୍ଷ ବୟସ ମଧ୍ୟରେ ଅଧିକ ଲୋକ ଥିଲେ । ଯନ୍ତ୍ରଣାଦାୟକ ପରିସ୍ଥିତି ହେଉଛି ଯେ ଆମର କିଛି ଯୁବକ ନିଶାସେବନର କୁପ୍ରଭାବ ଯୋଗୁଁ ମାନସିକ ରୋଗୀ ହେଉଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଦେଶର ପ୍ରାୟ ୪୫ଟି ମାନସିକ ସ୍ୱାସ୍ଥ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଲୋକଙ୍କ ମଧ୍ୟରୁ ୨୦ ପ୍ରତିଶତ ଲୋକ ନିଶା ଯୋଗୁଁ ମାନସିକ ରୋଗୀ ଥିବା ଜଣାପଡିଛି । ମାନସିକ ରୋଗରେ ପୀଡିତ ଲୋକଙ୍କ ମଧ୍ୟରେ ପ୍ରାୟ ଅଧା ମହିଳା । ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଏକ ରିପୋର୍ଟ ଅନୁଯାୟୀ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଏବଂ ପଞ୍ଜାବ ଭଳି ରାଜ୍ୟରେ ନିଶା ନିବାରଣ ସହିତ ଜଡିତ ଅପରାଧ ସଂଖ୍ୟା ବୃଦ୍ଧି ପାଇଛି । ଭାରତରେ ୩କୋଟିରୁ ଅଧିକ ଲୋକ ଗଞ୍ଜେଇ ସେବନରେ ଆକ୍ରାନ୍ତ ଯେଉଁଥିରୁ ୭୨ ଲକ୍ଷରୁ ଅଧିକ ଲୋକ ଏହି କାରଣରୁ ଅସୁସ୍ଥ ମଧ୍ୟ । ପ୍ରାୟ ୧୦ ଲକ୍ଷ ଲୋକ ଇଞ୍ଜେକ୍ସନ ମାଧ୍ୟମରେ ନିଶା ନିଅନ୍ତି । ୧୦ କୋଟିରୁ ଅଧିକ ଲୋକ ବିଭିନ୍ନ ଅବୈଧ ନିଶା ବ୍ୟବହାର କରନ୍ତି । କେବଳ ଭାରତ ଯେ ଏହି ସଙ୍କଟର ସମ୍ମୁଖୀନ ହେଉଛି ତାହା ନୁହେଁ, ଆମେରିକା, ଫ୍ରାନ୍ସ, ସିରିଆ, ନ୍ୟୁଜିଲ୍ୟାଣ୍ଡ, ଆଫଗାନିସ୍ତାନ, ରୁଷ୍, ବ୍ରାଜିଲ, ଇତ୍ୟାଦି ଦେଶ ମଧ୍ୟ ଏହି ସମସ୍ୟାରେ ପୀଡିତ । ନିଶା ଯୋଗୁଁ ବିଶ୍ୱରେ ସର୍ବାଧିକ ମୃତ୍ୟୁ ଆମେରିକା ଏବଂ ଫ୍ରାନ୍ସରେ ଘଟିଛି ।

> *ନିଶା ଯୋଗୁଁ ବିଶ୍ୱରେ ସର୍ବାଧିକ ମୃତ୍ୟୁ ଆମେରିକା ଏବଂ ଫ୍ରାନ୍ସରେ ଘଟିଛି ।*

ସିରିଆ ସରକାର ନିଜେ ନିଶା କାରବାରକୁ ପାଣି ଯୋଗାଉଛନ୍ତି । ବିଶ୍ୱ ଡ୍ରଗ୍ ରିପୋର୍ଟ ୨୦୧୭ଅନୁଯାୟୀ କେବଳ ଆମେରିକାରେ ନିଶା ଯୋଗୁଁ ୭୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଭାରତର ଅନେକ ସ୍ଥାନରେ ଶିକ୍ଷାନୁଷ୍ଠାନ ପାଖରେ ଚା’ ଦୋକାନ, ଜେନେରାଲ ଷ୍ଟୋର ଇତ୍ୟାଦି ମାଧ୍ୟମରେ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କବଳକୁ ଟାଣି ନିଆଯାଉଛି । ଭାରତ ସରକାରଙ୍କ ଦ୍ୱାରା ସମୟ ସମୟରେ ଅନେକ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି ।

ଗୋଟିଏ ପଟେ ସରକାର ତଦନ୍ତ ସଂସ୍ଥାଗୁଡ଼ିକ ମାଧ୍ୟମରେ ଅବୈଧ ନିଶାଦ୍ରବ୍ୟ କାରବାର ଉପରେ ନିରନ୍ତର ଚଢାଉ କରି ସେହି ନିଶାଦ୍ରବ୍ୟଗୁଡ଼ିକୁ ନଷ୍ଟ କରୁଛନ୍ତି । ଅନ୍ୟପଟେ ଆଇନର କଠୋର ବ୍ୟବସ୍ଥା ମାଧ୍ୟମରେ ଏଥିରେ ଜଡିତ ଅସାମାଜିକ ଲୋକମାନଙ୍କୁ ଦଣ୍ଡ ମଧ୍ୟ ଦେଉଛନ୍ତି । ୨୦୧୪ ମସିହାରୁ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ନିଶା ନିବାରଣ ପାଇଁ ନିର୍ଦ୍ଦିଷ୍ଟ ସହନଶୀଳତା ବିରୋଧ ନିଶା ନୀତି ଅଧୀନରେ ପ୍ରୟାସ କରାଯାଉଛି । ଗୃହ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଦେଶର ସମସ୍ତ ତଦନ୍ତ ସଂସ୍ଥା ୨୦୨୩ ମସିହାରେ ୧୬ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିଶା ଦ୍ରବ୍ୟ ଜବତ କରିଥିଲେ ।

୨୦୨୪ ମସିହାରେ ୨୫ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଔଷଧ ଜବତ କରାଯାଇଥିଲା । ୨୦୨୩ ତୁଳନାରେ ୨୦୨୪ ମସିହାରେ ୫୫ ପ୍ରତିଶତ ଅଧିକ ନିଶା ଦ୍ରବ୍ୟ ଜବତ କରାଯାଇଥିଲା । ଯଦି ନିଶା ନିବାରଣର ଗମ୍ଭୀର ଆହ୍ୱାନକୁ ସମାପ୍ତ କରିବାକୁ ଚାହୁଁଛନ୍ତି ତେବେ ଆମକୁ ସରକାରଙ୍କ ପ୍ରୟାସକୁ ଜନଭାଗୀଦାରୀ ସହିତ ଯୋଡ଼ି ଠିକ୍ କାର୍ଯ୍ୟାନ୍ୱୟନରେ ସହଯୋଗ କରିବାକୁ ପଡିବ । ବିଶ୍ୱର ପ୍ରମୁଖ ଦେଶଗୁଡ଼ିକରେ ନିଶା ନିବାରଣ ପାଇଁ କାର୍ଯ୍ୟକାରୀ ହେଉଥିବା ଆଇନ ଏବଂ ବ୍ୟବସ୍ଥାର ଅଧ୍ୟୟନ କରିବାର ଆବଶ୍ୟକତା ଅଛି ।

**ନୟାଗଡ଼,**
**ମୋ– ୯୪୩୭୬୪୨୯୪୭**

# ମା’ ରମାଦେବୀଙ୍କୁ ଶ୍ରଦ୍ଧାଞ୍ଜଳି



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ ମା’ ରମାଦେବୀ ସାରା ଓଡିଶାରେ ଏକ ଶ୍ରଦ୍ଧା ଉଚ୍ଚାରିତ ନାମ । ୧୮୯୯ ରୁ ୧୯୮୫ ଯାଏଁ ସେହି ପତିତପାବନୀ, ଅମୃତଦାୟିନୀ, ନିରବ ବିପ୍ଳବିଣୀ, ଚିର ସ୍ନେହମୟୀ, ଭୂଦାନ ଆନ୍ଦୋଳନର ହୃଦ୍ୟ, ବନ୍ୟା ବାତ୍ୟା ଓ ଦୁର୍ଭିକ୍ଷ ପ୍ରପୀଡିତମାନଙ୍କର ଚିରସାଥୀ ଓ ମମତାମୟୀ ମା’ପରି ଥିଲେ ମା’ ରମାଦେବୀ । ତାଙ୍କର ମାତୃବାଣୀ ସମସ୍ତଙ୍କର ପ୍ରଣିଧାନଯୋଗ୍ୟ ।

ସମାଜରେ ଅନ୍ନବସ୍ତ୍ରର ତ ଅଭାବ ରହିଛି, ତାହାଠାରୁ ଅଧିକ ମାରାତ୍ମକ ଅଟେ ସ୍ନେହମମତାର ଦୁର୍ଭିକ୍ଷ । ଏହି ସ୍ନେହ ମମତାର ଦୁର୍ଭିକ୍ଷ ହିଁ ସମସ୍ତଙ୍କର ହୃଦୟକୁ ବିଦଗ୍ଧ କରି ଦେଉଛି । ତାହାରି ସ୍ୱରୂପ ପ୍ରକାଶ ପାଉଛି ନାନା ପ୍ରକାରର ବିକ୍ଷୋଭରେ । ଏହି ସ୍ନେହ ମମତାର ଦୁର୍ଭିକ୍ଷ ଦାଉରୁ ରକ୍ଷା ପାଇବା କଥା ବିଚାରିବା ବେଳକୁ ଦୃଷ୍ଟି ଚାଲି ଯାଉଛି ମହିଳା ସମାଜ ଆଡକୁ । ନାରୀ ମଧ୍ୟରେ ପ୍ରକୃତିଦତ୍ତ ମାତୃତ୍ୱ ଶକ୍ତି ରହିଥିବାରୁ ସ୍ନେହ ମମତା ଓ ଆତ୍ମତ୍ୟାଗ କରିବାର ଶକ୍ତି ଯେ ନିଶ୍ଚିତ ଭାବରେ ତା ମଧ୍ୟରେ ରହିଛି , ଏଥିରେ ସନ୍ଦେହ ନାହିଁ । ତେଣୁ ଦେଶର ମହିଳା ସମାଜ ଏହି ସ୍ନେହ ପ୍ରେମର ଦୁର୍ଭିକ୍ଷରୁ ସଂସାରକୁ ରକ୍ଷା କରିବା ପାଇଁ ଆଗଭର ହୁଅନ୍ତୁ । ସାନବଡ ଭେଦ, ଉଚ୍ଚନୀଚ ଭେଦଭାବ ଯେ ନାନା କ୍ଷେତ୍ରରେ ରହିଛି ତାକୁ ଦୂର କରି ହୃଦୟ ସହିତ ହୃଦୟକୁ ଯୋଡିବା କାମରେ ଲାଗି ପଡିବା ପାଇଁ ସଂକଳ୍ପବଦ୍ଧ ହୁଅନ୍ତୁ । ତା ହେଲେ ଦାସେ ଆପଣ(ଗୋପବନ୍ଧୁ ଦାସ)ଙ୍କ ପଦ୍ୟାଂଶ– ***‘ଜାତୀୟ ମମତା ବିଶ୍ୱଜନ ପ୍ରୀତି,ଉତ୍କଳବାସୀର ହେଉ ଏହା ନୀତି ହୁଏ ତ ସାର୍ଥକ ହୁଅନ୍ତା ।’***

ମା’ ରମାଦେବୀ । ଧୀର ଚାଲି । ଧୀର କଥା । କେବେହେଲେ କେଉଁ ବିଷମ ପରିସ୍ଥିତିରେ ରାଗିବା, ବଡପାଟିରେ କଥାକହି ନିଜ ପାରିବାପଣିଆ ସାବ୍ୟସ୍ତକରିବା କେହି ଜାଣି ନାହାଁନ୍ତି । କାହାକୁ କଟୁବାକ୍ୟ କହି ଶବ୍ଦଚୋଟ ମାରିବାର କେହି ଶୁଣିନାହାନ୍ତି । ବିପଦ ବେଳରେ ନିଜର ପ୍ରତ୍ୟୁତ୍ପନ୍ନମତି ଗୁଣକୁ ଓ କର୍ତ୍ତବ୍ୟପରାୟଣତାକୁ କେବେବି ପାଶୋରିଦେଇ ନାହାଁନ୍ତି କି ଅନ୍ୟର ଦୋଷକୁ ଫେଣେଇ ଫେଣେଇ ଭୟଙ୍କର ପରିସ୍ଥିତି ସୃଷ୍ଟି କରିନାହାନ୍ତି ।

ଗୋପାଳ ବଲ୍ଲଭ ଦାସ ମଧୁସୂଦନ ଦାସଙ୍କ ସାନଭାଇ ସେତେବେଳର ଡେପୁଟି କଲେକ୍ଟର । ବିବାହ କରିଥିଲେ ବସନ୍ତ କୁମାରୀଙ୍କୁ । ଏହି ପିତାମାତାଙ୍କ କୋଳମଣ୍ଡନ କରିଥିଲେ ମା’ ରମାଦେବୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ । ସେତେବେଳର ପର୍ଦ୍ଦାପ୍ରଥା, ସଙ୍କୁଚିତ ରକ୍ଷଣଶୀଳ ସାମାଜିକ ବାତାବରଣ, ଜାତିଧର୍ମର ଅଶେଷ ବାଧା, ସମ୍ଭ୍ରାନ୍ତ ଆଭିଜାତ୍ୟ ପରିବାର ଭିତରେ ବାପାମାଆ, ବଡବାପା ବଡମାଆ, ଅଜାଆଇ, ମାମୁଁମାଇଁଙ୍କ ସ୍ନେହପୂର୍ଣ୍ଣ ତତ୍ତ୍ୱାବଧାନରେ ଜୀବନର ମଧୁରତମ ସମୟ ବାଲ୍ୟକାଳ କଟାଇଥିଲେ ସମସ୍ତଙ୍କର ଗେହ୍ଲା ‘ବେଲୁ’ ଓରଫ ରମାଦେବୀ ।

ଚଉଦବର୍ଷ ବୟସ ଭିତରେ ସେ ସ୍କୁଲ ନ ଯାଇ ଘରୋଇ ଭାବରେ ବଡ ଭଉଣୀ ଉମାଙ୍କ ସାଙ୍ଗରେ ଓଡ଼ିଆ, ବଙ୍ଗଳା ଓ ଅଳ୍ପ ଇଂରାଜୀ ଶିକ୍ଷା କରିଥିଲେ । ମାଆଙ୍କ ପାଖରୁ ଓଡିଆ ଘରର ପିଠାପଣା , ତରକାରୀ ପତ୍ର, ଖାନସାମା ପାଖରୁ ଆମିଷ ନିରାମିଷ ନାନା ପ୍ରକାର ଅନ୍ନବ୍ୟଞ୍ଜନ ଶିଖିଲେ । ମା’ ବସନ୍ତ କୁମାରୀଙ୍କ ସମସ୍ତ ସଦ୍‌ଗୁଣ ବେଲୁ ନିଜ ଜୀବନରେ ଉତାରି ନେଇଥିଲେ । ରୋଷେଇ, ସିଲେଇ, ରୋଗୀସେବା, ଧୈର୍ଯ୍ୟ ଓ ସହିଷ୍ଣୁତାର ସହିତ ଘର ଚଳାଇବା, ପରିବାର ଚଳାଇବା ଆଦି କାମ କିଶୋରୀ ବୟସରୁ ଶିଖିଥିଲେ । ଅଜା ନନ୍ଦକିଶୋର ଦାସଙ୍କର ପ୍ରଗତିଶୀଳ ମନୋଭାବ, ଆଇଙ୍କର ଆଦର୍ଶ ଗୃହିଣୀପଣିଆ, ବଡବାପା ମଧୁବାବୁଙ୍କର ଉଚ୍ଚ ଆଦର୍ଶ ଓ ଜାତୀୟତାଭାବ ସେ ଗ୍ରହଣ କରିଥିଲେ । ବାପାମା’ଙ୍କଠାରୁ ଶିଖିଥିଲେ କାହାରି ମନରେ କଷ୍ଟ ନ ଦେବା, ମା’ ଆଈ ଓ ମାମୁଁଙ୍କ ଠାରୁ ଶିଖିଥିଲେ ଅନ୍ୟକୁ କଷ୍ଟ ନ ଦେଇ ନିଜେ କଷ୍ଟ ସହିଯିବା ଗୁଣ । ଏଇ ଗୁଣ ଗ୍ରହଣକାରୀ ସ୍ୱଭାବ ହିଁ ତାଙ୍କୁ ମୁକ୍ତା ବହନକାରୀ ଶାମୁକାଟିଏ ପରି କରିଦେଇଥିଲା । ଏଇ ଶାମୁକାର ଗର୍ଭରେ ଗୁଣର ଅମୂଲ୍ୟ ମୁକ୍ତା ତିଆରି ହୋଇ ତାଙ୍କର ଅମୂଲ୍ୟ ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳ କରି ଗଢି ତୋଳିଥିଲା ।

ବୟସ ଚଉଦ ପୁରି ପନ୍ଦର । ଗୋପବନ୍ଧୁ ଚୌଧୁରୀଙ୍କ ସହ ବାହାଘର ପକ୍କା ହୋଇଗଲା । ଘରେ କାନ୍ଦବୋବାଳି ପଡିଗଲା । ମା’ ବସନ୍ତ କୁମାରୀ ଓ ବାପା ଗୋପାଳବଲ୍ଲଭ ଭଦ୍ର, ପରଦୁଃଖ କାତର, ଈଶ୍ୱରପ୍ରେମୀ, ଗୁଣଗ୍ରାହୀ ଓ ସଂସ୍କୃତି ସଂପନ୍ନ ଥିଲେ । ତାଙ୍କ ମା’ ବସନ୍ତ ଦେବୀ ଥିଲେ ଅସାମାନ୍ୟା ସୁନ୍ଦରୀ ଓ ଅନନ୍ୟା ରଚିସମ୍ପନ୍ନା । ଦେଢଶୁର ଉତ୍କଳଗୌରବ ମଧୁସୂଦନ ତାଙ୍କୁ ଝିଅ ପରି ଦେଖୁଥିଲେ । ଅନେକ ନୂତନ ଚିନ୍ତାଧାରା ଓ ନୂତନ ବିଚାରଧାରାରେ ପୁଷ୍ଟ କରାଇଥିଲେ ବସନ୍ତ ଦେବୀଙ୍କୁ ଯାହା ରମାଦେବୀଙ୍କ ପାଖକୁ ଆସିଥିଲା । ପ୍ରାଚୀନ ଓ ଆଧୁନିକ ସଂସ୍କାରଶୀଳତାର ସମ୍ମିଶ୍ରଣ ଘଟିଥିଲା ରମାଦେବୀଙ୍କ ଠାରେ ।

ଶାଶୁ ପଦ୍ମାବତୀ ଦେବୀ ଜଗତସିଂହପୁର ଅଞ୍ଚଳର ମରହଟ୍ଟା ଅମଳର ଜମିଦାର ବଂଶର କଡା ମିଜାଜର । ମା’ ବାବା ଓ ଘରର ସମସ୍ତେ ବ୍ୟସ୍ତ ହୋଇଗଲେ ‘ବେଲୁ’ ସେଠାରେ କେମିତି ଚଳିବ ବୋଲି । ବଡବାପା ମଧୁସୂଦନଙ୍କ ନିର୍ଦ୍ଦେଶ – ମନରେ ଦ୍ୱନ୍ଦ୍ୱ ନ ରଖି ସମସ୍ତଙ୍କୁ ବନ୍ଧୁ କର । ୧୯୧୪ ନଭେମ୍ବର ୧୧ ତାରିଖରେ ବିବାହର ଦିନ ସ୍ଥିର ହୋଇଥାଏ ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ଗୋପବନ୍ଧୁ ଚୌଧୁରୀଙ୍କ ସହିତ । ରମାଦେବୀଙ୍କ ଦେହରେ ୧୨୫ ଭରି ସ୍ୱର୍ଣ୍ଣ ଅଳଙ୍କାର ଥିଲା ଯାହା ପରବର୍ତ୍ତୀ କାଳରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦାନ କରାଯାଇଥିଲା । ନାରୀର ସର୍ବଶ୍ରେଷ୍ଠ ଲୋଭ ସୁବର୍ଣ୍ଣ ଅଳଙ୍କାରର ମୋହ ତ୍ୟାଗ କରିବା ଏତେ ସହଜ କେବେବି ନୁହେଁ, କିନ୍ତୁ ସେ ମୋହ ମହାତ୍ମା ଗାନ୍ଧିଙ୍କ ସ୍ୱାଧୀନତା ପାଇଁ ଡାକରାରେ ମା’ ରମାଦେବୀ ତ୍ୟାଗ କରିଦେଇଥିଲେ ।

ବିବାହ ଦିନ ସକାଳୁ ତାଙ୍କ ମା’ ତାଙ୍କ ପାଖରେ ବସି ପିଠି ଆଉଁସି ଦେଉ ଦେଉ ଯାହା ଉପଦେଶ ଦେଇଥିଲେ ତାହା ପ୍ରତ୍ୟେକ ଝିଅଙ୍କ ପାଇଁ ପ୍ରଯୁଜ୍ୟ ଥିଲା :–

‘ଆଜି ଯେ ତୋର ପର କାଲି ସେ ତୋର ଆପଣାର ହେବେ । ତୁ ତାଙ୍କୁ କେତେ ଆପଣାର କରିବୁ ସେ କଥା ତୋ ଉପରେ ନିର୍ଭର କରେ । କେତୋଟି କଥା ମନେରଖି ଚଳିଲେ ତୁ ଦୁଃଖ ପାଇବୁ ନାହିଁ । ତୁ କାହାରିଠାରୁ ସ୍ନେହ, ଦୟା ବା ଭଲ ବ୍ୟବହାର ପାଇବାର ଆଶା ରଖିବୁ ନାହିଁ । କିଏ ତୋତେ କେତେ ଭଲ ପାଉଛି, ଭଲ ବ୍ୟବହାର କରୁଛି, ସେକଥାରେ ଆଦୌ ଦୃଷ୍ଟି ନ ଦେଲେ ତୁ ସମସ୍ତଙ୍କୁ ଭଲ ପାଇବୁ । ସମସ୍ତଙ୍କ ସେବାଯତ୍ନ କରିବୁ । ତୋତେ ଅନେକ କଡା କଥା ଶୁଣିବାକୁ ହେବ । କିନ୍ତୁ ତୋ ମନକୁ ତୁ ଠିକ୍ ରଖିବୁ । ତୋ ପାଟିରୁ ଯେପରି ପଦେ ହେଲେ କଡା କଥା ବାହାରିବ ନାହିଁ । ତୋତେ ତୋ ଇଚ୍ଛା ବିରୁଦ୍ଧରେ କେତେ କଥା କରିବାକୁ ପଡିବ । ସେ ସବୁ କରିଯିବୁ, ମନରେ ରାଗ ରଖିବୁ ନାହିଁ । ଯେ କୌଣସି କାମ କହିଲେ ପାରିବି ନାହିଁ କି ଆସିବ ନାହିଁ କହି ମନା କରିବୁ ନାହିଁ । କୌଣସି ଜିନିଷକୁ ଖାଏନାହିଁ ବୋଲି କହିବୁ ନାହିଁ । ଖାଇବାରେ ସୁଆଦ ଅସୁଆଦ କହିବୁ ନାହିଁ । ଯାହା ଖାଇବାକୁ ଦେବେ ଖୁସିରେ ଖାଇବୁ । ଯାହା ନାଇବାକୁ ପିନ୍ଧିବାକୁ ଦେବେ ଖୁସିରେ ନାଇବୁ, ପିନ୍ଧିବୁ । ବାଧ୍ୟରେ ବା ବିରକ୍ତିରେ ପିନ୍ଧିଛୁ ନାଇଛୁ ବୋଲି ଯେପରି ସେମାନେ ନ ଭାବିବେ । ଯାହା କାମ ଦେବେ ତାକୁ ପାର କି ନ ପାର ତାକୁ କରିବୁ । ତୁ ପାରିବୁ । ତୋ ଶାଶୁ ଭାରି କଡା ଲୋକ । ତାଙ୍କ ମୁହଁରୁ ତୋ ପ୍ରଶଂସା ଶୁଣିଲେ ଆମେ ଧନ୍ୟ ହେବୁ ।’

ଜୀବନର କଷଟି ପଥରରେ ଘଷି ହୋଇ ଶୁଦ୍ଧ ସୁବର୍ଣ୍ଣ ପରି ଉଜ୍ଜ୍ୱଳି ଉଠିଲେ ମା’ ରମାଦେବୀ । ସତ୍ୟଭାମାପୁରର ଅତି ଅଲିଅଳି ଜେମା ଅତି ସୁନ୍ଦର ରୂପେ ସେ ଜଗତସିଂହପୁର ଖେରସର ଶାଶୁଘରେ ବୋହୂପଣିଆ କରି ସେବା ସତ୍କାରରେ ସମସ୍ତଙ୍କ ମନ କିଣିନେଲେ । ଯୁଗ୍ମ ଜୀବନର ପହିଲି ରାତିରେ ସ୍ୱାମୀ ଗୋପବନ୍ଧୁ ପଚାରିଲେ, ଆମ ଜୀବନର ଧ୍ୟେୟ କଣ ? କଥା କିଛି ନ କହି ସ୍ୱାମୀଙ୍କ ପିଠିରେ ନିଜ ଚମ୍ପାକଢିଆ ଆଙ୍ଗୁଳିରେ ଲେଖିଦେଲେ ପରୋପକାର ।



ନିନ୍ଦା ପ୍ରଶଂସା, ଦୁଃଖ ସୁଖ, ହାନି ଲାଭ ସବୁକୁ ପିଠେଇ ନେଇ ଗଡି ଚାଲିଲା ଜୀବନ ତରୀ । ଶ୍ୱଶୁରଙ୍କ ଗେହ୍ଲା ବୋହୂ, ଶାଶୁଙ୍କ ଆକଟ ଭିତରେ ଭଲପାଇବା, ଚାକରଚାକରାଣୀଙ୍କ ଲୋଟଣିପାରା ପରି ବୋହୂମା’, ନିଜର ପାରିବାପଣିଆରେ ସମସ୍ତଙ୍କୁ ନିଜର କରିନେଲେ । ବାହାଘରର ମାସକ ପରେ ବାବା ଶଯ୍ୟାଶାୟୀ ହେଲେ ଓ ଆରପୁରକୁ ଗଲେ ତା’ ପରେ ଶ୍ୱଶୁର ଓ ତା’ ପରେ ମାମୁଁ । ସୁଖ ଦୁଃଖ ଲାଗିରହିଲା । ତା’ ପରେ ପରେ ଶାଶୁ ଛ ମାତ୍ର ଷୋହଳ ବର୍ଷ ବୟସରେ ଘରର କୁଞ୍ଚିକାଠି (ଚାବିକାଠି) ହାତକୁ ଆସିଲା । ସବୁକଥାରେ ଅବିଚଳିତ ଭାବରେ କାର୍ଯ୍ୟ କରି ଚାଲିଥିଲେ ମା’ ରମାଦେବୀ ।

୧୯୨୧ ମସିହା ମାର୍ଚ୍ଚ ୨୨ ତାରିଖରେ ଗାନ୍ଧିଜୀଙ୍କ ସହିତ ସାକ୍ଷାତ ହେଲା । ତା’ ପରଦିନ କଟକରେ ହେଉଥିବା ମହିଳାମାନଙ୍କ ସଭାରେ ନିଜର ହାତକଟା ସୂତାର ମୋଡାଟି ଗାନ୍ଧିଜୀଙ୍କ ପାଦ ପାଖରେ ରଖିଦେଲେ ଓ ପ୍ରଣାମ କଲେ । ଗାନ୍ଧିଜୀ ତାଙ୍କ ମୁହଁକୁ ଚାହିଁ ରହିଲେ । ସେ ଚାହାଣୀରେ କଣ ଥିଲା କେଜାଣି ବାଟ ଅଣ୍ଡାଳୁଥିବା ଲୋକକୁ ବାଟ ପରିଷ୍କାର ଦେଖାଗଲା । ତା ପରଠାରୁ ଆଉ ସେ ପଛକୁ ଫେରି ଦେଖି ନାହାନ୍ତି । ଚାଲିଲେ ଯେ ଚାଲିଲେ । ତାଙ୍କ ତିରୋଧାନରେ ନନ୍ଦିନୀ ଶତପଥୀ କହିଥିଲେ ଏମିତି ଜଣେ ଜଣେ ଲୋକ ଥାଆନ୍ତି , ଯେଉଁମାନେ କି ଆମ ପୂର୍ବର , ଆମ ସମୟର ଏବଂ ଆମ ପରେ ମଧ୍ୟ ବଞ୍ଚି ରହିବେ । ସେମିତି ଲୋକ କୋଟିକରେ ଗୋଟିଏ ।

ଦେଶସେବା, ସଂଗ୍ରାମ, ସଂସ୍କାର, ସ୍ନେହ, କରୁଣା ଏବଂ ତ୍ୟାଗର ପ୍ରତୀକ ମହନୀୟା ନାରୀ ମାଆ ରମାଦେବୀ । ୧୮୯୯ ଡ଼ିସେମ୍ବର ୩ ରେ ଜନ୍ମିତା ମା’ ରମାଦେବୀ ଇହଲୀଳା ସମ୍ବରଣ କରିଥିଲେ ୧୯୮୫ ମସିହା ଜୁଲାଇ ୨୨ତାରିଖରେ । ଉତ୍କଳ ଗୌରବଙ୍କ ସାନ ଭାଇ ଗୋପାଳ ବଲ୍ଲଭ ଦାସଙ୍କ ସୁପୁତ୍ରୀ ରମାଦେବୀ ବିବାହ କରି ଥିଲେ ବିଶିଷ୍ଟ ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କ ସୁପୁତ୍ର ଗୋପବନ୍ଧୁ ଚୌଧୁରୀଙ୍କୁ । ଦୁଇ ପରିବାରରୁ ରମାଦେବୀ ଉତ୍ତରାଧିକାର ସୂତ୍ରରେ ହାସଲ କରିଥିଲେ ଦେଶ ପ୍ରେମର ସ୍ଫୁଲିଙ୍ଗ ।

ମାତ୍ର ୨୦ ବର୍ଷ ବୟସରୁ ସ୍ୱାଧୀନତା ଆନ୍ଦୋଳନ ପ୍ରତି ସେ ଆକର୍ଷିତା ହୋଇଥିଲେ ଏବଂ ତାଙ୍କର ପୁରା ପରିବାର ‘ଅସହଯୋଗ ଆନ୍ଦୋଳନ’କୁ ଝାସ ଦେଇଥିଲେ । ଜମିଦାର ପରିବାର ବୋହୂ ଗହଣାଗାଣ୍ଠି ଛାଡି ହାତବୁଣା ଧଳା ଖଦି ପିନ୍ଧି ପରଦା ଆଢୁଆଳରୁ ସଂଗ୍ରାମକୁ ଓହ୍ଲାଇ ଆସି ଲବଣ ସତ୍ୟାଗ୍ରହରୁ ଭାରତଛାଡ ଆନ୍ଦୋଳନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ନିଭାଇ ବାରମ୍ବାର ଜେଲ ଯାଇଥିଲେ । କ୍ଷମତା ରାଜନୀତିରୁ ବହୁ ଦୂରରେ ରହି ମହାତ୍ମା ଗାନ୍ଧିଙ୍କ ରଚନାତ୍ମକ କାର୍ଯ୍ୟକ୍ରମରେ ସେ ସମ୍ପୂର୍ଣ୍ଣ ସମର୍ପିତା ହୋଇଥିଲେ । ୧୯୩୪ରେ ଗାନ୍ଧୀଜୀଙ୍କ ଓଡ଼ିଶା ପଦଯାତ୍ରା ଓ ୧୯୩୮ରେ ବେରବୋଇ ସଭାର ସେ ଥିଲେ ଅନ୍ୟତମ ସଞ୍ଚାଳିକା ।

କଟକ ବାଖରାବାଦର ତାଙ୍କ ଘର ଥିଲା ସ୍ୱାଧୀନତା ସେନାନୀଙ୍କ ମିଳନ ପୀଠ । ବରୀରେ ସେବାଘର ଓ ସତ୍ୟଭାମାପୁରରେ କସ୍ତୁରବା ଗାନ୍ଧି ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ଓଡ଼ିଶା ଶାଖା ଥିଲା ତାଙ୍କରି ହାତ ଗଢ଼ା ଅନୁଷ୍ଠାନ । ଗାନ୍ଧିଜୀ, ଗୋପବନ୍ଧୁ, ବିନୋବା, ଜୟପ୍ରକାଶ ଆଦିଙ୍କ ଅତି ନିକଟରେ ସେ କାର୍ଯ୍ୟ କରିଛନ୍ତି ଏବଂ ଏହି ମହାମନିଷୀମାନଙ୍କ ଦ୍ୱାରା ବାରମ୍ବାର ଉଚ୍ଚ ପ୍ରଶଂସିତା ହୋଇଛନ୍ତି । ଭୂଦାନ ଆନ୍ଦୋଳନ ଓ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସେ ଥିଲେ ଅଗ୍ରଗଣ୍ୟା ନେତ୍ରୀ ।

ଚୀନ୍ ଏବଂ ବାଂଲାଦେଶ ଯୁଦ୍ଧ ସମୟରେ ରାଜ୍ୟ ଭିତରେ ଓ ବାହାରେ ଶାନ୍ତି, ସଦ୍ଭାବନା ଓ ସେବା କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ । ସମାଜ ପରିବାର ସହ ସେ ମୂଳରୁ ଜଡିତ ଥିଲେ । ତାଙ୍କ ନାମରେ ଭୁବନେଶ୍ୱର ସ୍ଥିତ ରମାଦେୀ ମହିଳା କଲେଜ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି । କେନ୍ଦ୍ର ସରକାର ନୌବାହିନୀର ଏକ ତଟରକ୍ଷୀ ଜାହାଜକୁ ରମାଦେବୀଙ୍କ ନାମରେ ଉତ୍ସର୍ଗ କରିଛନ୍ତି । ଉତ୍କଳ ସମେତ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡି ଲିଟ୍ ଉପାଧି ପ୍ରଦାନକରି ଥିବା ବେଳେ ଜାତୀୟ ସ୍ତରରେ ଯମୁନା ଲାଲ ବଜାଜ ପୁରସ୍କାର ଭଳି ବହୁସମ୍ମାନ ରମାଦେବୀଙ୍କ ଉପରେ ଅଜାଡି ହୋଇ ପଡିଛି । ସପରିବାର ସେ ସ୍ୱେଚ୍ଛାକୃତ ଦାରିଦ୍ର୍ୟ ବରଣ କରି ସେବା ଏବଂ ସାମାଜିକ ବିପ୍ଳବ କ୍ଷେତ୍ରରେ ଯେଉଁ କ୍ରାନ୍ତି ଆଣି ପାରିଛନ୍ତି ତାହା ଚିର ସ୍ମରଣୀୟ । ତାଙ୍କର ସମସ୍ତ ପରିବାରର ବ୍ରତ ଥିଲା ଦେଶ ସେବା । ଏହି ଦେଶ ସେବିକା ଓ ବିରଳ ସାଧିକାଙ୍କ ପବିତ୍ର ପୁଣ୍ୟ ଜନ୍ମ ତିଥିରେ ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ।

**ଚନ୍ଦ୍ରଶେଖରପୁର– ୧୬, ଭୁବନେଶ୍ୱର**
**ମୋ –୮୮୯୫୨୭୪୭୯୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମନ୍ତ୍ରିମଣ୍ଡଳ...

ଅନୁଯାୟୀ କେତେକ ମନ୍ତ୍ରୀଙ୍କୁ ବାଦ ଦିଆଯାଇପାରେ । ଏହା ଛଡା ମନ୍ତ୍ରୀ ଶୂନ୍ୟ ଥିବା କିଛି ଜିଲ୍ଲାକୁ ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ ମିଳିପାରେ । କେବଳ ମନ୍ତ୍ରିମଣ୍ଡଳ ନୁହେଁ, ରାଜ୍ୟ ଯୋଜନା ବୋର୍ଡରେ ମଧ୍ୟ ଉପାଧ୍ୟକ୍ଷ ପଦବୀ ସମେତ ଅନେକ ସଦସ୍ୟ ପଦବୀ ଖାଲି ରହିଛି । ବିଭିନ୍ନ ନିଗମର ଅଧ୍ୟକ୍ଷ ପଦବୀରେ ମଧ୍ୟ ନୂଆ ସରକାର ଆସିଲା ପରେ ନିଯୁକ୍ତି ହୋଇନାହିଁ । ସେ ସବୁ ନିଯୁକ୍ତି ହୋଇପାରେ ବୋଲି ଆଶାପ୍ରକାଶ କରାଯାଉଛି ।

## ଅଧ୍ୟକ୍ଷ...

ଉକ୍ତ ବୁଝାମଣାର ଲିଖିତପତ୍ର ପ୍ରଦାନ କରିଥି ଲେ। ଫଳରେ ଏହି ମାମଲାଟି ର ପରିସମାପ୍ତି ଘଟିଥିଲା। ତେବେ ଦୀର୍ଘଦିନ ଅନ୍ତରରେ ଏହି ଘଟଣାଟି ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରଣ ହେବାରୁ ଜିଲ୍ଲା ପ୍ରଶାସନ ଏହାର ପଦକ୍ଷେପ ନେବା ସ୍ୱରୂପ ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି ।

## ୧୦ ଛାତ୍ର...

ଏହି ମମାଲାରେ ୧୦ ସିନିୟର ଛାତ୍ର ନିଲମ୍ବିତ ମଧ୍ୟ ହୋଇଛନ୍ତି । କିନ୍ତୁ ଏହି ରାଗିଂ ଘଟଣା ରେ ବର୍ତ୍ତମାନ ଅନ୍ୟଏକ ଦିଗ ସମସ୍ତଙ୍କୁ ଚକିତ କରିଛି । ହଷ୍ଟେଲରେ ରହୁଥିବା ପ୍ରଥମ ବର୍ଷ ଛାତ୍ରଙ୍କ କହିବାନୁଯାୟୀ , ସିନିୟର ଛାତ୍ର ମାନଙ୍କ ସହ ହଷ୍ଟେଲ ସମ୍ବନ୍ଧୀୟ ଆଲୋଚନା ପାଇଁ ଏକାଠି ହୋଇଥିଲୁ । ନୂଆ ଆଡ଼ମିଶନ ନେଇଥିବାରୁ ହଷ୍ଟେଲ ରେ ଟାଇମ ଟେବୁଲ ଜାଣିବା ଓ ସିନିୟର ମାନଙ୍କ ନାଁ ଜାଣିବା ପାଇଁ ସମସ୍ତେ ବସିଥିଲା ବେଳେ ହଠାତ୍ ଡେପୁଟି ୱାର୍ଡେନ ଆସି ଭିଡ଼ିଓ ଫଟୋ ନେଇଥିଲେ । ଆମର କୌଣସି ରାଗିଂ ଅଭିଯୋଗ ନଥାଇ ସୁଦ୍ଧା କର୍ତ୍ତୃପକ୍ଷ ଏହାକୁ ରାଗିଂର ରୂପ ଦେଲେ ଯାହା ଦୁର୍ଭାଗ୍ୟ ଜନକ ବୋଲି କହିଛନ୍ତି । ଅନ୍ୟପଟେ ହଷ୍ଟେଲ ମଧ୍ୟରେ ଜଣେ ସାନ ଭାଇ କୁ ବଡ଼ ଭାଇ ମଧ୍ୟରେ କଥାବାର୍ତ୍ତା ହୁଅନ୍ତି ତାହା ରାଗିଂ ନୁହେଁ। ଏପରିକି ମିଥ୍ୟା ଅଭିଯୋଗ ଆଣି ସିନିୟର ଜୁନିୟର ଛାତ୍ର ମାନଙ୍କ ମଧ୍ୟରେ ରେଭେନ୍ସାରେ ଫାଟ ସୃଷ୍ଟି କରୁଥିବା କହିଛନ୍ତି ଛାତ୍ର। ତେବେ ଏହି ଷଡ଼ଯନ୍ତ୍ର ପଛରେ ଡେପୁଟି ୱାର୍ଡେନ ଙ୍କୁ ଦାୟୀ କରିଛନ୍ତି ସିନିୟର ଛାତ୍ର ସେପଟେ ରାଗିଂ ଘଟଣା କୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟ ମୁଖ୍ୟ ୱାର୍ଡେନ। ସେ କହିଛନ୍ତି ରାଗିଂ ହୋଇଛି ।ଯାହାର ପ୍ରମାଣ ଆମ ପାଖରେ ଅଛି । ଏହାର ଫଟୋ ଓ ଭିଡ଼ିଓ ଫୁଟେଜ ଆଣ୍ଟି ରାଗିଂ କମିଟି ପଠାଇ ଦିଆଯାଇଛି । ଶନିବାର ରାତିରେ ଇଷ୍ଟ ହଷ୍ଟେଲ ରେ ରାଗିଂ ଖବର ପାଇ ଘଟଣା ସ୍ଥଳରେ ଡେପୁଟି ୱାର୍ଡେନଙ୍କ ସହ ଆଣ୍ଟି ରାଗିଂ ସେଲର ଦୁଇ ସଦସ୍ୟ ପହଁଚିଥିଲେ । ସମସ୍ତ ପ୍ରମାଣ କୁ ହସ୍ତଗତ କରି ଡେପୁଟି ୱାର୍ଡେନ ଲିଖିତ ଅଭିଯୋଗ କରିଥିଲେ । ଯାହା ଫଳରେ ୧୦ ସିନିୟର ଅନ୍ତେବାସୀଙ୍କୁ ନିଲମ୍ବନ କରାଯାଇଛି । ବର୍ତ୍ତମାନ ଆଣ୍ଟି ରାଗିଂ ସେଲ ରେ ବୈଠକ ପରେ ସବୁ କିଛି ସ୍ପଷ୍ଟ ହେବ । ସେ ପର୍ଯ୍ୟନ୍ତ ନିଲମ୍ବନ ନିର୍ଦ୍ଦେଶ କାୟମ ରହିବ ବୋଲି କହିଛନ୍ତି ରେଭେନ୍ସା ମୁଖ୍ୟ ୱାର୍ଡେନ ଡ଼ ସୁଦର୍ଶନ ମିଶ୍ର । ତେବେ କିଏ କହୁଛି ସତ ଛାତ୍ର ନାଁ କର୍ତ୍ତୃପକ୍ଷ ? ରାଗିଂ ହୋଇଛି ନାଁ ଏହାପଛରେ ଅନ୍ୟ କିଛି କାରଣ ଲୁଚି ରହିଛି ତାହା ଆଣ୍ଟି ରାଗିଂ ସେଲ ବୈଠକ ପରେ ସ୍ପଷ୍ଟ ହେବ ।

## ପହଲଗାମ୍..

ତେବେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ପରେ ଆଲୋଚନା କରାଯିବ ବୋଲି କହିଥିଲେ। ତେବେ ବିରୋଧୀ ସଦସ୍ୟ ହଟ୍ଟଗୋଳ ଜାରି ରଖିବାରୁ ପ୍ରଥମେ ୧୨ଟା ଓ ପରେ ଅପରାହ୍ନ ଅଧିବେଶନ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା । ଇତି ମଧ୍ୟରେ ପ୍ରଧାନମନ୍ତ୍ରୀ ମନ୍ତ୍ରିମଣ୍ଡଳର ବରିଷ୍ଠ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଅପରେସନ୍ ସିନ୍ଦୂର ସମ୍ପର୍କରେ ପ୍ରଧାନମନ୍ତ୍ରୀ ଜବାବ ରଖିବାକୁ ବିରୋଧୀ ଦଳ ଦାବି କରିଛନ୍ତି । ତେବେ ଏହି ସପ୍ତାହରେ ପ୍ରଧାନମନ୍ତ୍ରୀ ବିଦେଶ ଯାଉଥିବାରୁ ଆସନ୍ତା ସପ୍ତାହରେ ଆଲୋଚନା ହୋଇପାରେ ବୋଲି ସୂଚନା ମିଳିଛି । ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନା ସମୟରେ ଉପସ୍ଥିତ ରହିବେ । ବିରୋଧୀ ଦଳ ପକ୍ଷରୁ ଲୋକସଭାରେ ଏହି ପ୍ରସଙ୍ଗ ଉଠାଯାଇଥିଲା । ପ୍ରଧାନମନ୍ତ୍ରୀ ଆଜି ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସଂସଦ ପରିସରରେ କହିଥିଲେ ଯେ ମୌସୁମୀ ଅଧିବେଶନ ରାଷ୍ଟ୍ର ପାଇଁ ଗୌରବପୂର୍ଣ୍ଣ ଅଧିବେଶନ । ଏହି ଅଧିବେଶନ ବିଜୟଉତ୍ସବର ଅଧିବେଶନ । ଅପରେସନ୍ ସିନ୍ଦୂର ସଫଳ ହୋଇଥିଲା । ଆମେ ୨୨ ମିନିଟରେ ଆତଙ୍କୀ ଶିବିର ଧ୍ୱଂଶ କରିଥିଲୁ । ସାରା ବିଶ୍ୱ ଭାରତର ସାମର୍ଥ୍ୟ ଦେଖିଥିଲା । ବୋମା ଓ ବନ୍ଧୁକ ଆଗରେ ସମ୍ବିଧାନର ବିଜୟ ହୋଇଛି । ଦେଶରୁ ମାଓବାଦର ମୂଳୋତ୍ପାଟନ ହୋଇଛି । ମହାକାଶରେ ଶୁଭାଂଶୁ ଶୁକ୍ଳା ତ୍ରିରଙ୍ଗା ଉଡାଇବା ଗୌରବର ବିଷୟ। ଦେଶର ଭବିଷ୍ୟତ ଉଜ୍ଜ୍ୱଳ ଦେଖାଯାଉଛି । ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଏହା କୃଷି ପାଇଁ ବେଶ୍ ଅନୁକୂଳକ । କୃଷକର ଆର୍ଥିକ ବ୍ୟବସ୍ଥା, ଦେଶର ଅର୍ଥ ବ୍ୟବସ୍ଥା ଓ ଗ୍ରାମୀଣ ଜୀବନର ଅର୍ଥ ବ୍ୟବସ୍ଥା ସବୁ ପରିବାର ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଅପରପକ୍ଷରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁତର ଅଭିଯୋଗ କରିଛନ୍ତି। ସରକାର ଗୃହ ଭିତରେ ବିରୋଧୀଙ୍କ ସ୍ୱର ଚାପିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି । ଏହାଛଡା ରାହୁଲ କହିଛନ୍ତି ଯେ ଯେଉଁଠି ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଗୃହରେ କହିବାକୁ ଅନୁମତି ଦିଆଯାଉଛି ସେଠାରେ ବିରୋଧୀ ଦଳ ନେତାଙ୍କୁ ସୁଯୋଗ ମିଳୁନାହିଁ । ଏହା ଏକ ନୂତନ ଧାରା । ମଲ୍ଲିକାର୍ଜୁନେ ଖଡଗେ ମଧ୍ୟ ରାଜ୍ୟସଭାରେ ଅପରେସନ୍ ସିନ୍ଦୂର ପ୍ରସଙ୍ଗ ଉଠାଇଛନ୍ତି। ପହଲଗାମ୍ ହମଲାରେ ପ୍ରକୃତ ଆତଙ୍କୀକୁ ଧରାଯାଇନି କି ହତ୍ୟା କରାଯାଇନି । ଭାରତ-ପାକିସ୍ତାନ ମଧ୍ୟରେ ଟ୍ରମ୍ପ ବାରମ୍ବାର ମଧ୍ୟସ୍ଥତା କହିବା ଭାରତ ପାଇଁ ଅପମାନଜନକ ବୋଲି ସେ କହିଥିଲେ । ଖଡଗେଙ୍କୁ ଜବାବ ଦେଇ ଜେପି ନଡ୍ଡା କହିଛନ୍ତି ଯେ ପହଲଗାମ୍ ହାମଲାରେ ୮ ଦିନ ମଧ୍ୟରେ ଏଭଳି କାର୍ଯ୍ୟାନୁଷ୍ଠାନ ହେଲା କୌଣସି ଅପରେସନରେ ହୋଇନି । ସରକାର ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ।

## ପ୍ଲାଷ୍ଟିକ୍..

ମନ୍ତ୍ରୀ ଶ୍ରୀ ପାତ୍ର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ପେଟ୍ରୋଲିୟମ୍ ସଂଘର କାର୍ଯ୍ୟକର୍ତ୍ତା ଓ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ଭାବେ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ଏହି ନିୟମର ବ୍ୟକ୍ତିଗତ ତଦାରଖ ପାଇଁ ଜିଲ୍ଲାପାଳମାନଙ୍କୁ ଅବଗତ କରାଯିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଥିଲେ । ମାତ୍ର ବିଭିନ୍ନ ଅନୁଷ୍ଠାନ, କୃଷକ ଓ ସରକାରୀ କାର୍ଯ୍ୟାଳୟର ବ୍ୟବହାର ପାଇଁ ଖୁଚୁରା ଭାବେ ପେଟ୍ରୋଲ ବିକ୍ରୟ କରାଯିବା ନେଇ ପୂର୍ବରୁ ଥିବା ନିୟମ ବଳବତ୍ତର ରହିବ । ଏତଦବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ପାଶ୍ୱର, ବିଭିନ୍ନ ଛୋଟ ଦୋକାନରେ ପେଟ୍ରୋଲ ବିକ୍ରୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏ କ୍ଷେତ୍ରରେ ଅନୈତିକ ଭାବେ ସହଯୋଗ କରୁଥିବା ପେଟ୍ରୋଲ ପମ୍ପ କିମ୍ବା ବ୍ୟକ୍ତିଙ୍କ ବିରୁଦ୍ଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ବିଭିନ୍ନ ସଂଘର କାର୍ଯ୍ୟକର୍ତ୍ତାମାନେ ପ୍ରତିଶ୍ରୁତି ଦେଇଥିଲେ ।

ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ,ବୈଧ ଓଜନ ମାପ ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରୀଶ ଚନ୍ଦ୍ର ପଟ୍ଟନାୟକ, ବିଏଣି ଗୁପ୍ତବାର୍ତ୍ତା ଉପନିର୍ଦ୍ଦେଶକ ଦୀପକ ଶତପଥୀ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ରାଜ୍ୟ ସ୍ତରୀୟ ସଂଯୋଜକ କମଳ ସିଲ, ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ, କୋଷାଧ୍ୟକ୍ଷ ମହିନ୍ଦର୍ ସିଂ କଲ୍ସି, ଭୁବନେଶ୍ୱର ପେଟ୍ରୋଲିୟମ୍ ଡିଲର ଆସୋସିଏସନର ସମ୍ପାଦକ ଏସ୍.କେ. ରହମାନ୍ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସୌମ୍ୟାଶ୍ରୀ...

କେଉଁମାନେ ଦାୟୀ ଏବଂ କେଉଁମାନେ ଅବହେଳା କରିଛନ୍ତି ସେ ଦିଗକୁ ନେଇ ବିଶେଷ ତର୍ଜମା ଚାଲିଛି । ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଟିମ ଆଉ କିଛିଦିନ ବାଲେଶ୍ୱରରେ ରହିବ । ଫରେନସିକ ରିପୋର୍ଟକୁ ଅପେକ୍ଷା କରାଯାଇଛି । ରିପୋର୍ଟ ମିଳିଲେ ବାକି ତଦନ୍ତ ଆଗକୁ ବଢ଼ିବ । ମୃତ ଛାତ୍ରୀ ନିଶ୍ଚିତ ନ୍ୟାୟ ପାଇବ ବୋଲି ଡିଜି ଶ୍ରୀ ମିଶ୍ର କହିଛନ୍ତି । ସୋମବାର ସକାଳ ୧୧ଟା ବେଳେ ଆଇଜି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରିବା ପରେ ସାଢ଼େ ୧୧ଟା ବେଳେ ଘଟଣାସ୍ଥଳକୁ ଯାଇଥିଲେ । ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଏହି ମାମଲା ସହିତ ସମ୍ପୃକ୍ତ ଥିବା ୨୦ ଜଣ ଲୋକଙ୍କୁ ପଚରାଉଚରା କରିଥିଲେ । ଡିଜିଙ୍କ ସହ ଥିଲେ କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଶାଖା ଆଇଜି ଏସ. ସାଇନି, ଡିଏସପି ଇମାନ କଲ୍ୟାଣ ନାୟକ, ଇନ୍ସପେକଟର ପାଞ୍ଚାଳୀ ରାଉତ । କ୍ରାଇବ୍ରାଞ୍ଚ ଆଇଜି ଏସ ସାଇନି ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପରେ ଡିଜି ଶ୍ରୀ ମିଶ୍ର କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାତ୍ରୀଙ୍କ ସହ କଥା ହେବା ସହ ଆବଶ୍ୟକ କିଛି ପ୍ରଶ୍ନ ପଚାରିଥିଲେ । ଡିଜି ଶ୍ରୀ ମିଶ୍ର କଲେଜରୁଫେରି ଅପରାହ୍ନ ୩ଟା ବେଳେ ଆଇଜିଙ୍କ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏଠାରେ କ୍ରାଇମବ୍ରାଞ୍ଚର ଆଇଜି ଏସ ସାଇନିଙ୍କ ସହ ତଦନ୍ତକାରୀ ଟିମର୍ ର ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।ସେପଟେ ଆଇସିସି କମିଟିର ରିପୋର୍ଟ ।ଏହାର ସଦସ୍ୟଙ୍କୁ ସନ୍ଦେହ ଘେରକୁ ଆଣିଛି । ପୀଡିତାଙ୍କୁ ନିୟମିତ ଭାବେ କ୍ଲାସ ନ ଆସିବା ଏବଂ ସମୀର ସାହୁ ତାଙ୍କୁ ତାଗିଦ କରୁଥିବା କଥା ଉଲ୍ଲେଖ ରହିଛି । ଏପରିକି କଲେଜ କ୍ୟାମ୍ପସ ବାହାର କଥା ଅର୍ଥାତ ପୀଡିତା କେଉଁ କେଉଁ ମେସ ବା ଘରେ ଭଡାରେ ରହୁଥିବା ବେଳେ ତାଙ୍କୁ ମେସର ମାଲିକ ବାହାର କରିଥିଲେ ସେହି କଥା ବି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।ବଡ଼ କଥା ହେଉଛି, ଅଭିଯୁକ୍ତ ସମୀର ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରିପୋର୍ଟରେ କିଛି ବି ଉଲ୍ଲେଖ ନାହିଁ ।ଉଲ୍ଲେଖ ଥାଉକି ଆଇସି କମିଟିର ସଦସ୍ୟା ଲୋପାମୁଦ୍ରା ମହାପାତ୍ର ଗଣମାଧ୍ୟମକୁ କହିଥିଲେ, ରିପୋର୍ଟ ପ୍ରସ୍ତୁତି ନେଇ ଆମେ ଅନେକଙ୍କୁ ତଦନ୍ତ ପରିସରଭୁକ୍ତ କରିଛୁ । ଆବଶ୍ୟକ ଅନୁସାରେ ଭିଜୁଆଲ ରେକର୍ଡିଂ ହୋଇଛି । ରିପୋର୍ଟ ଦାଖଲ ସହ ପରାମର୍ଶ ରିପୋର୍ଟ ମଧ୍ୟ ଦେଇଛୁ । ଯେଉଁ ଛାତ୍ରଛାତ୍ରୀମାନେ ତଦନ୍ତ ପରିସରଭୁକ୍ତ ହୋଇଥିଲେ, ସେମାନଙ୍କୁ ସଂପୃକ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନେ ଲଟେରି ମାଧ୍ୟମରେ ଚୟନ କରିଥିଲେ । ତେଣୁ ରିପୋର୍ଟ ଯେମିତି ହେବା କଥା, ସେମିତି ହୋଇଛି । ହେଲେ ନିୟମ ମୁତାବକ, ତଦନ୍ତ ପାଇଁ କମିଟିକୁ ଅତିକମରେ ୯୦ ଦିନ ସମୟ ଦେବା କଥା । ଆମକୁ ମାତ୍ର ୭ ଦିନ ଦିଆଗଲା । ତା' ଭିତରେ ପୁଣି ୨ ଦିନ ଛୁଟି ଥିଲା । କମିଟିର ଅଧିକାଂଶ ସଦସ୍ୟ ବିଭିନ୍ନ କଲେଜ ଦାୟିତ୍ୱରେ ଥିବା ଯୋଗୁ ଆବଶ୍ୟକ ସମୟ ଦେଇପାରି ନଥିଲେ ।

## ବଲଙ୍ଗାରେ...

ଅନୁସାରେ, ୩ ଯୁବକ ନିଆଁ ଲଗାଇ ଦେଇଥିଲେ । ହେଲେ କିଏ ସେହି ତିନି ଦୁର୍ବୃତ୍ତ ଏବଂ କାହିଁକି ନିଆଁ ଲଗାଇଲେ ସେନେଇ କୌଣସି ସୂଚନା ମିଳିପାରି ନାହିଁ । ପୀଡ଼ିତା ୮ ସଂପର୍କୀୟଙ୍କୁ ସ୍କାନରରେ ରଖି ପୋଲିସ ତଥ୍ୟ ଆଦାୟ କରୁଛି । ଫରେନସିକ ଟିମ ଗାଁରେ ପ୍ରମାଣ ଖୋଜୁଛି । ପୀଡ଼ିତାଙ୍କ ଘରେ ବ୍ୟବହୃତ କିରୋସିନ ବୋତଲ, ପୀଡ଼ିତାଙ୍କ ବାପାଙ୍କ ବଲଙ୍ଗାରେ ଥିବା ଗ୍ୟାରେଜ ଦୋକାନ ଚାବିକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି । ଏହାସହ ଘଟଣାସ୍ଥଳରୁ ମିଳିଛି ଏକ ରୁପା ମୁଦି । ଏହି ମୁଦି କାହାର ଏବଂ ଘଟଣାସ୍ଥଳକୁ କେମିତି ଆସିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୋଲିସ ମୁଦି ଜବତ କରିଛି ।ଉଲ୍ଲେଖଯୋଗ୍ୟ, ଶନିବାର ଦିନ ଝିଅଟି ଜଣେ ବନ୍ଧୁଙ୍କୁ ଭେଟିବାକୁ ଯାଉଥିବା ସମୟରେ ଭାର୍ଗବୀ ନଦୀ ନିକଟରେ ତିନି ଜଣ ଅଜଣା ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ । ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦାମାନେ ତାଙ୍କୁ ସାହାଯ୍ୟ କରିବାକୁ ଦୌଡ଼ି ଆସିଥିଲେ ଏବଂ ନିଆଁ ଲିଭାଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର ପୂର୍ବରୁ ପ୍ରଥମେ ନିକଟସ୍ଥ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା । ମାତ୍ର ସେ ଅଜଣା ଯୁବକ କିଏ ଥିଲେ, କାହିଁକି ନାବାଳିକାଙ୍କୁ ଆକ୍ରମଣ କଲେ, ଏନେଇ ଏପର୍ଯ୍ୟନ୍ତ କିଛି ବି ତଥ୍ୟ ହସ୍ତଗତ ହୋଇନାହିଁ ।

## ଭଉଣୀ...

ଆହତ ହୋଇଥିଲେ । ପରେ ତାଙ୍କ ବାଇଁଙ୍କ ସହଯୋଗରେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ଭର୍ତ୍ତି ହୋଇଥିଲେ । ପରେ ବିଶିକେଶନଙ୍କ ବାଇଁ ଘରକୁ ଆସି ଦେଖିଲା ବେଳକୁ ଅଭିଯୁକ୍ତ ଶଶିଭୂଷଣ ତା ଖୁଡି ଓ ଭଉଣୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା । ଅଘଟଣ ଘଟାଇବା ପରେ ଅଭିଯୁକ୍ତ ବିଶିକେଶନ ପଦ୍ମପୁର ଥାନାରେ ଆତ୍ମସମର୍ପଣ କରିଛି । ଘଟଣା ସମ୍ପର୍କରେ ଜାଣିବା ପରେ ପଦ୍ମପୁର ପୋଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଡାକ୍ତରଖାନାକୁ ପଠାଇଛି । ପଦ୍ମପୁର ଥାନା କେଶ ନମ୍ବର ୨୦୧/୨୦୨୫ରେ ଏକ ମାମଲା ରୁଜୁ କରି ଘଟଣା ପଛରେ କଣ ସବୁ କାରଣ ରହିଛି ସେ ବିଷୟରେ ତଦନ୍ତ ଜାରି ରଖିଛି ।


**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated. 2.04.2025. I Susanta Dakua At/Po-Aladi, Ps- Buguda, Dist- Ganjam, Pin-761120 declare that I have changed the name of my son from Surjya Dakua to Suryakanta Dakua. Henceforth he shall be known as Suryakanta Dakua for all purpose.

Sd/- Susanta Dakua

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated. 07.07.2025. I, Dilip Kumar Swain, Address : At: Dinaudharan (Laxminarayanpur) PO : Sangalai Sasan, P.S. Pipili, Dist : Puri, Odisha, Pin-752104 declare that I have changed my name from Dilip Kumar Das to Dilip Kumar Swain. Henceforth, I shall be known as Dilip Kumar Swain for all purposes.

Sd/- Dilip Kumar Swain

**AFFIDAVIT**

I, Almas Affroze, D/o- Shaik Shafi resident of Plot No.: 3C/291, Sector-9, C.D.A. Jugal Kishore Park, P.O.: Bidanasi, Dist.: Cuttack-14, declare by this affidavit No.: 6486, Dt. 17.07.2025 that now onwards I shall be known as Almas Affroz for all future purposes.

**ODISHA LIFT IRRIGATATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**
e-Mail: eeolicdivn.bbsr@ymail.com Tel. 0674-2391847
**e-Procurement Notice**
**Bid Identification No. 1910 /2025-26 Dt 19.07.2025**

CAD-1201 : The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites percentage Rate bids in online mode for Plan Fund 2024-25 & Reinforcement 2024-25 of Lift Irrigation Projects in Puri & Khordha district under in TURNKEY BASIS as mentioned below from the reputed Contractors/ Firms having valid HT license issued by E.L.B.O, Odisha and Civil license as mentioned below with experience in similar nature of work.

| | | |
|---|---|---|
| 1. | Nature of work | : Execution of work for Plan Fund 2024-25 & Reinforcement 2024-25 of 21 Nos L. I. Projects in Puri & Khordha district. |
| 2. | Period of completion | : 90 & 60 days. |
| 3 | Date & time of availability of bid documents in the portal | : 24.07.2025 at 10.00 A.M. |
| 4. | Last date & time for receipt of bids in the portal | : 31.07.2025. up to 5.00 P.M. |
| 5. | Date & time of seeking clarification | : 24.07.2025 at 10.00 A.M. to 31.07.2025 up to 5.00 P.M. |
| 6. | Bid Opening date & time | : 01.08.2025. at 11.00 A.M. |
| 7. | Name & address of the officer inviting Bid | : Executive Engineer, Lift Irrigation Division, Bhubaneswar |

The details of tender are available in the; Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website

Sd/- Executive Engineer
L.I. Division, Bhubaneswar

OIPR : 32155/11/0022/2526

**ODISHA CO-OPERATIVE HOUSING CORPORATION LTD.**
JANPATH, UNIT-III, BHUBANESWAR- 751001
Phone - 0674 - 2392387 (O) (FAX), 2392393,
E-mail:- ochc_bbsr@rediffmail.com
www.housingcorporation.in
GSTIN:- 21AAAAO0219L2ZZ

**No. 1059/P&E Date.21.07.2025**
**Tender No.: OCHC/DH PROJECT/01/2025**
**TENDER CALL NOTICE**

The Odisha Cooperative Housing Corporation Ltd., Bhubaneswar invites EPC tenders from authorized agencies for supply, installation, testing, and commissioning of a firefighting system at Dhauli Heights, Tamando, Bhubaneswar (72,000 sqft, 56 flats). System must meet Odisha Fire Service norms with certification. Mandatory site visit required. Tender documents available on **www.housingcorporation.in** (July 22-July 31,2025). **Submission deadline: August-1, 2025, 5:00PM. Contact: OCHC, Bhubaneswar - +91-674-2391234/ 7008694077**

Sd/-
General Manager

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER-CUM -DY. ELECTRICAL INSPECTOR, JAGATSINGHPUR, PLOT NO-963/2288, 2nd FLOOR AT-SIKHARPUR, NADIKULA SAHI, PO-NAYABAZAR, PS-CHAULIAGUNJ, CUTTACK, PIN-753004**
Email ID: deljagatsinghpur-od@,od.gov.in
AA-19
No-01/2025-26 Dt. 21.07.2025

**SHORT TENDER NOTICE FOR OFFICE ACCOMODATION**

A suitable building is required to be taken on hire at Jagatsinghpur for the office of the Superintending Engineer-Cum-Deputy Electrical Inspector, Jagatsinghpur.

The building shall have an effective floor area of approximately 1500 sq. ft., excluding veranda, staircase, portico, etc. It shall have adequate space for vehicle parking and garage facilities. The premises shall be complete in all respects and shall include a minimum of two toilets, water and electricity supply, and standard sanitary and electrical installations. The building shall be preferably located near main roads or easily accessible from them and shall also be in close proximity to a bus stand or railway station to facilitate easy communication. The owner desirous of letting out his/her building is requested to furnish sealed quotation in plain paper from 21.07.2025 till 02.08.2025 by 1 PM as per this notice to the Superintending Engineer-Cum-Deputy Electrical Inspector, Jagatsinghpur stating inter alia in his offer.

1. Location of the building.
2. A copy of approved plan of the building.
3. Minimum monthly rent acceptable.

The tenders will be open on 04.08.2025 at 12 Noon the next working day of the last date of submission thereof in presence of the renderer or their authorized representative in the office of the Superintending Engineer-Cum-Deputy Electrical Inspector, Jagatsinghpur, at plot no-963/2288,2nd floor At-Sikharpur, Nadikula sahi, Po-Nayabazar, Ps-Chauliagunj, Cuttack, pin-753004.Incomplete tenders and those received after due date are liable to be rejected. The authority reserves the right to reject any or all tenders without assigning any reason whatsoever.

Sd/- Superintending Engineer-Cum-Deputy Electrical Inspector, Jagatsinghpur

OIPR : 04050/11/0002/2526

**ଦ.ପୂ. ରେଳପଥ-ଟେଣ୍ଡର**

ନିମ୍ନୋକ୍ତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ ଚକ୍ରଧରପୁର, ଦ.ପୂ. ରେଳପଥ ଓପନ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ. ଏବଂ ଇ-ଟେଣ୍ଡର ନୋଟିସ୍ ନଂ, ତାରିଖ, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଇଏମଡି : (୧) ୩୪-ଇଏଲ-କକ୍ରୁଟି-୨୦୨୫-୨୬ ତାରିଖ ୧୭.୦୭.୨୦୨୫ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ ଝାରସୁଗୁଡ଼ାଙ୍କ ଅଧୀନରେ ୩ ବର୍ଷ ଅବଧି ଯଥା : ୧୦୯୫ ଦିନ ପାଇଁ ଆଟେଣ୍ଡିଂ ବ୍ରେକଡାଉନ୍ ଓ ମେଣ୍ଟେନାନ୍ସ ସକାଶେ ବ୍ରେକଡାଉନ୍ ସାଇଡ୍ସ ପମ୍ପ ହାଉସ, ଷ୍ଟେସନଗୁଡ଼ିକୁ ସାମଗ୍ରୀ ପରିବହନ ଲାଗି ୧ଟି ୧ ଟନ କ୍ଷମତା ବିଶିଷ୍ଟ ଟ୍ରକ ଭଡ଼ାରେ ଯୋଗାଇଦେବା, ଟ. ୧୭,୯୩,୭୯୨.୫୫, ଟ. ୩୫,୯୦୦/– (୨) ୩୬-ଇଏଲ-କକ୍ରୁଟି-୨୦୨୫-୨୬ ତାରିଖ : ୧୭.୦୭.୨୦୨୫, ଆସିଷ୍ଟାଣ୍ଟ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି) / ଟାଟାନଗରଙ୍କ କାର୍ଯ୍ୟାଳୟ ପାଇଁ ୦୨ ବର୍ଷ ନିମନ୍ତେ (୨ୟ କଲ) ନିମନ୍ତେ ଗୋଟିଏ ସଡ଼କ ଯାନ (ଟାଟାସୁମୋ କିମ୍ବା ବୋଲେରୋ କିମ୍ବା ତକ୍ସୁଭ୍ୟ) ଭଡ଼ାରେ, ଟ. ୧୦,୮୮,୨୬୩.୬୮, ଟ. ୨୧,୮୦୦/– । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ (ଟଙ୍କାରେ) : ଉଭୟ ପାଇଁ ଶୂନ୍ୟ । ବନ୍ଦ/ ଖୋଲା ତାରିଖ : ଉଭୟ ପାଇଁ ୧୨.୦୮.୨୦୨୫ । ୱେବସାଇଟ http://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-416)

**OFFICE OF THE EXECUTIVE ENGINEER, UPPER LANTH IRRIGATION DIVISION**
**BELPADA, DIST-BALANGIR**
Email : eeulidbelpada2024@gmail.com
e-Procurement Notice No. EEULID-02(01-01)/2025-26, Dt. 17.07.2025
Bid Identification No. EEULID-02(01-01)/2025-26
**PERCENTAGE RATE e-TENDER**
A-407

| | | |
|---|---|---|
| 1. | Type / Nature of work | : Electrical Works |
| 2. | Total No. of works | : 01 (one) No |
| 3. | Approx. value of works | : Approx. 10.87 Lakhs (Excluding GST). |
| 4. | Period of Completion | : 02 (Two) Calendar Months. |
| 5. | Class of Contractor | : "MV" or "HT" Class Electrical Contractor |
| 6. | Bid Identification No. | : EEULID-02(01-01)/2025-26 |

| | |
|---|---|
| Name of Officer inviting tender | Executive Engineer, Upper Lanth Irrigation Division, Belpada, Dist. - Balangir. |
| Date and time of availability of bid documents in the portal | From 22.07.2025 at 11.00 AM to 01.08.2025 up to 17.30 PM. |
| Last date and time for receipt of bids in the portal | 01.08.2025 up to 17.30 PM. |
| Date, time and venue of opening of tender Bid | 02.08.2025 (11.30AM) in the O/o the Executive Engineer, Upper Lanth Irrigation Division, Belpada, Dist.- Balangir, Odisha, Pin-767026 |
| Name of Officer inviting tender | Executive Engineer, Upper Lanth Irrigation Division, Belpada, Dist-Balangir. |

N.B. : Further details can be seen from the e-procurment portal https://tendersodisha.gov.in and any addendum/Corrigendum/Cancellation to the above notice will be published in the above Govt. website (only)

Sd/- (Er. Pritam Meher)
Executive Engineer,
Upper Lanth Irrigation Division, Belpada, Dist-Balangir

OIPR : 32532/11/0008/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
e-mail Id - cebmumbburla@gmail.com
A-
**'e' Procurement Notice No-CE & MB-MB 05/2025-2026 (Online)**
**BID IDENTIFICATION NO-CE & BM-MB-05/2025-2026 (Online)**

| | | |
|---|---|---|
| 1 | Name of the work | : Renovation of Canal System of Hirakud Dam Project (Bargarh Canal Section, Bargarh Irrigation Division, Bargarh). |
| 2. | No of works | : One (01) number |
| 3 | Class of Contractor | : "A Class" and "Special Class" |
| 4. | Bid Identification No. | : CE&BM-MB/-05/2025-2026 (Online) |
| 5. | Estimated Cost | : Rs. 14,62 Crores |
| 6. | Period of Completion | : 24 (Twenty-Four) Calendar Months |
| 7. | Date and time of availability of Bid Documents in the portal | : Dated - 22.07.2025 at 11.30 AM to Dated - 12.08.2025 up to 5.00 PM. |
| 8. | Last date / time of receipt of Bids in the portal | : Dated- 12.08.2025 up to 5.00 PM. |
| 9. | Date of opening of Technical Bid (Cover-I) | : Dated - 13.08.2025 at 11.30 A.M, O/o Chief Engineer & Basin Manager Mahanadi Basin, Burla |
| 10. | Name and Address of the Officer inviting Bid | : Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha, 768017 Email Id : cebmumbburla@gmail.com |

1. Any addendum / corrigendum / cancellation / erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in

Sd/- Chief Engineer & Basin Manager,
Mahanadi Basin, Burla

OIPR : 32508/11/0010/2526

**OFFICE OF THE DISTRICT MAGISTRATE JAGATSINGHPUR**
**RE-TENDER NOTICE**
Letter No.: 13136 / Sub-collector/ Date : 19.07.2025
Selection of Agency for Providing Facility Management Services (FMS) at Atal Bus Stands, Balikuda and Erasama in Jagatsinghpur District.
F-43

In continuation of earlier Tender Notice No. 10201 dated 31/05/2025, and in accordance with the recommendation of the Tender Committee and subsequent approval of the Collector-cum-District Magistrate-cum-Chairman, Atal Bus Stand Scheme, the earlier tender has been declared unsuccessful due to limited technical qualification, and it has been decided to proceed with re-tendering to ensure transparency and wider participation.

Fresh proposals are hereby invited from eligible Firms/Agencies interested in providing different Manpower Services / Facility Management Services (FMS) at Type-C category Atal Bus Stands on an outsourcing basis for New Bus Stands at Balikuda and Erasama, Jagatsinghpur.

The tender documents, eligibility criteria, terms and conditions, and formats for submission shall remain as per the original tender unless otherwise amended. Interested agencies may download the tender documents from the official website https://jagatsinghpur.odisha.gov.in/and the tender should reach the office of the undersigned by 05/08/2025 (5.00 PM). The undersigned reserves the right to reject any or all tenders without assigning any reason thereof.

Note-: As Balikuda & Erasama are two separate "C" Type Bus Stand in Jagatsinghpur District bidders are required to submit separate tenders for each location.

Collector-cum-Chairman
District Level ABS Committee, Jagatsinghpur

OIPR : 24426/11/0001/2526

**Office of the District Manager**
**Odisha State Civil Suppliers Corporation Ltd. (OSCSC)**
**Kendrapara District Phone : 9438200047**
CAD-1204

Cost of Tender Document:-Rs.5900/-Inclusive of GST for each RRC to Unit Aul Block T.No.1968 Dtd.19.07.25, Derabish Block T.No.1969 Dtd.19.07.25, Garadapur Block T.No.1970 Dtd.19.07.25, ,Kendrapara Block T.No.1971 Dtd.19.07.25, Kendrapara MPL T.No.1972 Dtd.19.07.25, Mahakalapada Block T.No.1973 Dtd.19.07.25, Marshaghai Block T.No.1974 Dtd.19.07.25, Pattamundai Block T.No.1975 Dtd.19.07.25, Pattamundai MPL T.No.1976 Dtd.19.07.25, Rajakanika Block T.No.1977 Dtd.19.07.25, & Rajanagar Block T.No.1978 Dtd.19.07.25 combination of the district.

Cost of Tender Document :- Rs.11800/- Inclusive of GST for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC) vide Tender No 1967 Dtd. 19.07.2025 of Kendrapara District.

District Manager, Odisha State Civil Supplies, Corporation Ltd., Kendrapara invites tenders in Double Cover System through ONLINE MODE ONLY for the work below :

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of Foodgrains from FSD, FCI to RRCs (ii) Level-II Transport Contractor for transportation of Foodgrains from RRCs to Retail Ceners (FPS) in the District of the State of Odisha. |
| 2 | Availability of tender documents in the Portal | From Date 22.07.2025 Downloadable from website: www oscsc.in, www.foododisha.in & www.tendersodisha.gov.in |
| 3 | Last date and time for online Submission of completed Tender Documents with enclosures | Through e-Procurement Portal: www.tendersodisha.gov.in Dt. 05.08.2025 05:00PM |
| 4 | Date, time and venue for opening of Technical Bid by the Tender Committee | On dt 06.08.2025 at 1 0.30 AM, Place: Collectorate, Kendrapara |
| 5 | Name and Address of the Officer Inviting Tender | District Manager, OSCSC Ltd., Kendrapara |

Tender Documents and other details can be seen from the e-Procurement Portal www.oscsc.in, www.foododisha.in and www.tendersodisha.gov.in along with District website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager
OSCSC Ltd., Kendrapara

OIPR : 07039/11/0007/2526

**GOVERNMENT OF ODISHA : OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**
ee_rwbdk2@yahoo.co.in
O-458
"e" Procurement Notice for Periodical Maintenance Road Works
Identification Online Tender 05/RWD/BDK-II/2025-26 Dtd. 18/07/2025

| | | |
|---|---|---|
| 1. | Name of the Work | : Periodical Maintenance Works as per Annexure |
| 2. | Total Number of Works | : 03 Nos. |
| 3. | Approximate Estimated Cost | : Rs. 16.80 lakhs & Rs. 29.41 lakhs |
| 4. | Class of Contractor | : As per Annexure |
| 5. | Period of Completion | : As per Annexure. |
| 6. | Other details | : The details are as follows. |

| Procurement Officer | Bid Identification No. | Availability of Tender On-line for bidding From | Availability of Tender On-line for bidding To | Last Date & Time of seeking tender clarification | Date & Time of Opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Bhadrak | 05 | 22.07.2025 At 4.00 P.M. | 30.07.2025 up to 4.00 P.M. | 29.07.2025 up to 3.00 P.M. | 01.08.2025 at 11.30 AM |

7. Further details can be seen from the e-procurement portal "https://www.tendersorissa.gov.in"
8. Any other changes / Corrigendum may be seen only in website www.tendersorissa.gov.in.
9. Date of transparent lottery to be conducted on dt. 12.08.2025 at 11.30 A.M. in the office of the Superintending Engineer, Rural Works Division-II, Bhadrak.

Sd/- Executive Engineer
R.W.Division-II, Bhadrak

OIPR : 25090/11/0022/2526

**ଫର୍ମ ନଂ. ଆଇଏସସି-୪**
**ନିୟମ ୩(୩) ଅନୁଯାୟୀ କଟକ ସିପି ନମ୍ବର ୪୪ /ସିବି/ ୨୦୨୫ ମ୍ୟାପ ମାଇନ୍ସ ଓ ମିନେରାଲ୍ସ ଲିଃ. ଙ୍କ ଜାତୀୟ ଆଇନ ଟ୍ରିବ୍ୟୁନାଲ ବେଞ୍ଚଙ୍କ ନିକଟରେ**
.............ଆବେଦନକାରୀ
**ବିଜ୍ଞପ୍ତି ପ୍ରକାଶ**

ନୋଟିସ୍ ଗ୍ରହଣ କରାଯାଇପାରିବ ସେ ଉପରୋକ୍ତ କମ୍ପାନୀର ଅଂଶଧନ ୬,୧୪,୦୦,୦୦୦ ଟଙ୍କାରୁ ୧୪,୦୦,୦୦୦ ଟଙ୍କାକୁ ହ୍ରାସ କରିବା ନିଶ୍ଚିତ କରିବା ପାଇଁ ୧୫ ଜୁଲାଇ ୨୦୨୫ ରେ କଟକ ବେଞ୍ଚରେ ଟ୍ରିବ୍ୟୁନାଲରେ ଏକ ଆବେଦନ ଉପସ୍ଥାପିତ ହୋଇଥିଲା । ବ୍ୟକ୍ତିଗତ ଋଣଦାତାଙ୍କୁ ନୋଟିସ୍ ଜାରି କରାଯାଇଛି । କମ୍ପାନୀ ଦ୍ୱାରା ୧୬ ଜୁନ୍ ୨୦୨୫ ରେ ପ୍ରସ୍ତୁତ ଋଣଦାତାଙ୍କ ତାଲିକା କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ମାର୍ଫତ ମୁକେଶ ଧଞ୍ଜାନିଆ ପୋଷ୍ଟ ରାଇରଙ୍ଗପୁର,ରାଇରଙ୍ଗପୁର, ଓଡିଶା, ଭାରତ, ୭୫୭୦୪୩ରେ ସମସ୍ତ କାର୍ଯ୍ୟ ଦିବସରେ ଯାଞ୍ଚ ପାଇଁ ୧୬/ ୦୭/୨୦୨୫ –୨୫/୦୮/୨୦୨୫ ମଧ୍ୟରେ ଉପଲବ୍ଧ । ଯଦି କମ୍ପାନୀର କୌଣସି ଋଣଦାତାଙ୍କର ଆବେଦନ କିମ୍ବା ଋଣଦାତାଙ୍କ ତାଲିକାରେ ଥିବା ବିବରଣୀ ପ୍ରତି କୌଣସି ଆପତ୍ତି ଥାଏ, ତେବେ ଏହାକୁ (ସହାୟକ ଡକ୍ୟୁମେଣ୍ଟ ସହିତ) ଏବଂ ତାଙ୍କ ନାମ ଏବଂ ଠିକଣା ଏବଂ ତାଙ୍କ ପ୍ରାଧିକୃତ ପ୍ରତିନିଧିଙ୍କ ନାମ ଏବଂ ଠିକଣା, ଯଦି କିଛି ଥାଏ, ଏହି ନୋଟିସ୍ ତାରିଖରୁ ତିନି ମାସ ମଧ୍ୟରେ କାଳିବକାର, ପୋଷ୍ଟ- ବକ୍ସିବଜାର, ଜିଲ୍ଲା-କଟକ -୭୫୩୦୦୧ ରେ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଯାଇପାରିବ । ଯଦି ଉପରେ ଉଲ୍ଲିଖିତ ସମୟ ମଧ୍ୟରେ କୌଣସି ଆପତ୍ତି ଗ୍ରହଣ କରାଯାଏ ନାହିଁ, ତେବେ କମ୍ପାନୀର ଅଂଶଧନ ମୂଳଧନ ହ୍ରାସ କରିବା ପାଇଁ ଉପରୋକ୍ତ ଆବେଦନ ଅନୁଯାୟୀ ସମସ୍ତ କାର୍ଯ୍ୟପନ୍ଥାରେ ଋଣଦାତାଙ୍କ ତାଲିକାରେ ଥିବା ପ୍ରବେଶଗୁଡ଼ିକୁ ସଠିକ୍ ଭାବରେ ବିବେଚନା କରାଯିବ । ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ୨୬ ଅଗଷ୍ଟ ୨୦୨୫ ପାଇଁ ଏକ ଶୁଣାଣି ସ୍ଥିର କରାଯାଇଛି ଯେଉଁଥିରେ ଟ୍ରିବ୍ୟୁନାଲ୍ ଆବେଦନର ଶୁଣାଣି କରିବେ । ଯଦି କୌଣସି ଋଣଦାତା ଶୁଣାଣିରେ ଯୋଗ ଦେବାକୁ ଚାହାନ୍ତି, ତେବେ ସେ ତାଙ୍କର ଆପତ୍ତି ସହିତ ଏକ ଅନୁରୋଧ କରିବା ଉଚିତ ।

କମ୍ପାନୀ ପାଇଁ ପ୍ରାଧିକୃତ ପ୍ରତିନିଧି
ସ୍ୱା/-ସିଏସ ସନ୍ତୋଷ କୁମାର ସାହୁ


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

# ସୋଆ ପକ୍ଷରୁ ଉଦ୍‌ଭାବନକୁ ନେଇ ଏଆଇସିଟିଇ ପ୍ରାୟୋଜିତ ଏଫ୍‌ଡିପି ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଉଦ୍‌ଭାବନ ଓ ଉଦ୍ୟୋଗୀକରଣ ବର୍ତ୍ତମାନ ସାରା ବିଶ୍ୱର ଅର୍ଥନୈତିକ ସମୃଦ୍ଧି ଓ ସାମାଜିକ ବିକାଶର ମୂଳମନ୍ତ୍ର ପାଲଟିଛି ବୋଲି ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ୫- ଦିନିଆ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ (ଏଫ୍‌ଡିପି)ରେ ବକ୍ତାମାନେ ମତ ରଖିଛନ୍ତି।



ଉଦ୍‌ଭାବନର ଆବଶ୍ୟକତା ବେଶ ବ୍ୟାପକ ଥିବା ବେଳେ ଆମେ ଯଦି କିଛି ଉଦ୍‌ଭାବନ କରୁ ନାହୁଁ ତେବେ ଆମେ କୌଣସି କାର୍ଯ୍ୟ କରୁନାହୁଁ ବୋଲି କହିଛନ୍ତି ଟାଟା ପାୱାର ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ୍)ର ସିଏସ୍ଆର ମୁଖ୍ୟ ପ୍ରଦୀପ ଘୋଷାଲ। 'ଉଦ୍‌ଭାବନ ଓ ଉଦ୍ୟୋଗୀକରଣ' ଶୀର୍ଷକ ଏଫଡିପିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟ ରଖିବା ଅବସରରେ ଏହା କହିଛନ୍ତି ଶ୍ରୀ ଘୋଷାଲ। ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ), ଶିକ୍ଷା ମନ୍ତ୍ରଣାଳୟ ଅଧିନସ୍ଥ ଇନୋଭେସନ୍ ସେଲ୍ (ଏମ୍ଆଇସି) ଏବଂ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ମିଳିତ ଆନୁକୂଲ୍ୟରେ ଏହି ଏଫଡିପିର ଆୟୋଜନ କରାଯାଇଛି।

ସାରା ବିଶ୍ୱରେ ଏକ ସମୟରେ କ୍ୟାମେରା ନିର୍ମାଣକୁ ନେଇ ନିଜର ସ୍ୱତନ୍ତ୍ର ସ୍ଥିତି ଜାହିର କରିଥିବା କୋଡାକ କମ୍ପାନୀର ଉଦାହରଣ ଦର୍ଶାଇ ଶ୍ରୀ ଘୋଷାଲ କହିଥିଲେ ଯେ ଯଦି କୌଣସି କମ୍ପାନୀ ଉଦ୍‌ଭାବନ ବନ୍ଦ କରିଦେବ ତେବେ ଏହା ସମ୍ପୂର୍ଣ୍ଣ ଉଭେଇ ଯିବ। ଉଦ୍‌ଭାବନ ପ୍ରତ୍ୟେକ ଦିନ ହେଉଛି ଏବଂ ଲୋକମାନେ ଏହାକୁ ଉଦ୍ୟୋଗରେ ପରିଣତ କରିବା ଉଚିତ୍ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ଶିକ୍ଷାନୁଷ୍ଠାନର ଫ୍ୟାକଲ୍ଟିମାନେ ପୂର୍ବରୁ କେବଳ ଜ୍ଞାନ ପ୍ରଦାନର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବର୍ତ୍ତମାନ ଆଗକୁ ଆସି ଅଭିନବ ଉପାୟ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାର ଅବକାଶ ଆସିଛି। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି ଉଦ୍‌ଭାବନର ଆବଶ୍ୟକତା ଏବଂ କ୍ଲାସ୍‌ରୁମରେ ଏହାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମର ସଂଚାଳକ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କହିଥିଲେ ଯେ ସାରା ଓଡ଼ିଶାର ୨୮ ଟି ଉଚ୍ଚ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଏହି ଏଫ୍‌ଡିପିରେ ଯୋଗ ଦେଇଛନ୍ତି। ଆଇବିସିଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ସସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟବସାୟୀଙ୍କ ଠାରୁ ୧୫ ହଜାର ଟଙ୍କା ଲୁଟ ଅଭିଯୋଗରେ ୪ ଅଭିଯୁକ୍ତ ଗିରଫ

କଟକ,(ସବ୍ୟୁ) କନ୍ଦରପୁର ଥାନା ଅନ୍ତର୍ଗତ ଅଥଙ୍ଗା ଗ୍ରାମର ପ୍ରଶାନ୍ତ ରାଉତ ନାମକ ଜଣେ ବ୍ୟବସାୟୀ ଙ୍କ ଠାରୁ ୧୫ ହଜାର ଟଙ୍କା ଲୁଟ କରିବା ଅଭିଯୋଗରେ ପୁଲିସ ସୋମବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।ଅଭିଯୁକ୍ତ ମାନେ ହେଲେ ଭୁବନେଶ୍ୱର ମଞ୍ଚେଶ୍ୱର୍ ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳର ପ୍ରକାଶ ଭୋଇ(୨୩), ପାହାଳ ଥାନା ଅନ୍ତର୍ଗତ ତିରଣପଦା ଅଞ୍ଚଳର ସୌମ୍ୟରଞ୍ଜନ ଭୋଇ(୨୩),ବାଲିଅନ୍ତା ଥାନା ଅନ୍ତର୍ଗତ ଅଣ୍ଡିଲୋ ଭୋଇ ସାହିର ତପନ ଭୋଇ(୨୩) ଓ କଟକ ଜିଲ୍ଲା ଗୋବିନ୍ଦ ପୁର ଥାନା ଅନ୍ତର୍ଗତ ବାର ସାଇଲୋ ଯୋହଳ ଅଞ୍ଚଳର ଦୀପକ ଭଞ୍ଜ(୨୦)। ଏମାନଙ୍କ ଠାରୁ ୭ ହଜାର ଟଙ୍କା,ଏକ ବାଇକ୍ ନଂ ଓ ଡି ୦୨ ଡି ସି ୪୪୨୯ ସହିତ ବ୍ୟବହୃତ ଛୁରୀ କୁ ପୋଲିସ ଜବତ କରିଛି।ପୁଲିସ ସୂତ୍ରରୁ ପ୍ରକାଶ ୧୯ ତାରିଖ ଭୋର୍ ରେ ଶ୍ରୀ ରାଉତ ଟଙ୍କା ନେଇ ଛତ୍ର ବଜାର କୁ ଫଳ କିଣିବା ପାଇଁ ଯାଉଥିବା ବେଳେ ମାଛଗାଁ କେନାଲ ବନ୍ଧରେ ୪ ଦୁର୍ବୃତ୍ତ ବାଇକ୍ ରେ ଆସି ତାଙ୍କ ମୁଣ୍ଡରେ ଛୁରୀ ଲଗାଇ ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଥିଲେ।ବ୍ୟବସାୟୀ ଜଣକ ସ୍ଥାନୀୟ ଗ୍ରାମର ହୋଇଥିବାରୁ ତାର ଅନ୍ୟ ସାଙ୍ଗ ମାନେ ଖବର ପାଇଁ ଲୁଟେରା ମାନଙ୍କର ପିଛା କରିଥିଲେ। ବୟାଳିଶ ମୌଜା କୂଳ ସରିଛୁଆଁ ପୋଲ ନିକଟରେ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବା ବେଳେ ବାଇକ୍ ଛାଡ଼ି ୪ଜଣ ଯାକ ପଳାଇଥିଲେ।

# ଆଦାନୀ ପୋର୍ଟସ ଏବଂ ଏସ୍‌ଇଜେଡ୍ ପକ୍ଷରୁ 'କନେକ୍ଟ ୨.୦' ଆୟୋଜିତ

ଭୁବନେଶ୍ୱର, ୨୧.୦୭.୨୦୨୫: ପୂର୍ବ ଭାରତର ଅଗ୍ରଣୀ ବନ୍ଦର ଲଜିଷ୍ଟିକ୍ସ କମ୍ପାନୀ, ଆଦାନୀ ପୋର୍ଟସ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଏପିଏସ୍‌ଇଜେଡ୍) ପକ୍ଷରୁ 'କନେକ୍ଟ ୨.୦' ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ 'ଟୁଗେଦର୍ସ ଟୁୱାର୍ଡସ ଟୁମୋରୋ' ଶୀର୍ଷକ ଉପରେ ପର୍ଯ୍ୟବେକ୍ଷିତ ଥିଲା । ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ରାଜ୍ୟରୁ ପୋର୍ଟକୁ ସହଯୋଗ କରୁଥିବା ସମନ୍ୱିତ ମଲ୍ଟି-ମୋଡାଲ ଲଜିଷ୍ଟିକ୍ କମ୍ପାନୀ, ରେଳବାଇ, ଟ୍ରକ୍ ନେଟ୍‌ୱର୍କ ପ୍ରମୁଖ ନୌବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଧାମରା ପୋର୍ଟ, ଗୋପାଳପୁର ପୋର୍ଟ ଏବଂ ହଳଦିଆ ଟର୍ମିନାଲର ମିଳିତ ଶକ୍ତିକୁ ପ୍ରଦର୍ଶିତ କରିଥିଲା । ଧାମରା ପୋର୍ଟ ୫୦ ଏମ୍ଏମ୍‌ଟିପିଏ ରୁ ୨୦୩୦ ଏବଂ ୨୦୪୦ ସୁଦ୍ଧା ଯଥାକ୍ରମେ ୧୦୦ ଏମ୍ଏମ୍‌ଟିପିଏ ୨୦୦ ଏମ୍ଏମ୍‌ଟିପିଏ, ଗୋପାଳପୁର ପୋର୍ଟ ୨୫ ଏମ୍ଏମ୍‌ଟିପିଏ, ନଭେମ୍ବର ୪ ରୁ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ହଳଦିଆ ଟର୍ମିନାଲ ୪ ଏମ୍ଏମ୍‌ଟିପିଏ ବନ୍ଦରଗୁଡ଼ିକ ମିଳିତ ଭାବରେ ବାର୍ଷିକ ୧୩୦ ନିୟୁତ ମେଟ୍ରିକ୍ ଟନ୍ (ଏମ୍ଏମ୍‌ଟିପିଏ) ବ୍ୟବସାୟ ପରିଚାଳନା ବ୍ୟବସାୟିକ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ଧାମରା ଏବଂ ଗୋପାଳପୁର ପୋର୍ଟରେ କ୍ଷମତା ଏବଂ ଦକ୍ଷତା ବୃଦ୍ଧି ପାଇଁ ଯୋଜନା କରାଯାଇଥିବା ଆଦାନୀ ଗ୍ରୁପ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ନିବେଶ ବିଷୟରେ ପୋର୍ଟ ସହ ପ୍ରତ୍ୟେକ୍ଷ ଭାବେ ବାଣିଜ୍ୟ କାରବାର କରୁଥିବା କମ୍ପାନୀଗୁଡ଼ିକୁ ଅବଗତ କରାଯାଇଥିଲା । ଏହି ସମ୍ମିଳନୀରେ ଗ୍ରାହକ ଓ ନୌବାଣିଜ୍ୟିକ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା ଯାହା ଏପିଏସ୍‌ଇଜେଡ୍ର ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟକୁ ପୁନରାବୃତ୍ତି କରିଥିଲା । ଏକତ୍ର ଭାବେ ଆମେ ପୂର୍ବ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶକୁ ଆଗେଇ ନେବାର ଲକ୍ଷ୍ୟ ରଖିଥିବା କାର୍ଯ୍ୟକ୍ରମରେ କୁହାଯାଇଥିଲା । ଟାଟା ଷ୍ଟିଲ, ରୁଙ୍ଗଟା ମାଇନ୍ସ, ରଶ୍ମି ମେଟାଲିକ୍ସ, ଷ୍ଟିଲ ଅଥୋରିଟୀ ଅଫ୍ ଇଣ୍ଡିଆ, ଟ୍ୟାନ୍ସିଡ୍କୋ, ବେଦାନ୍ତ ଆଲୁମିନା, ଜିନ୍ଦଲ୍, ବେଙ୍ଗଲ ଏନର୍ଜୀ ପ୍ରମୁଖ କମ୍ପାନୀଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । 'କନେକ୍ଟ ୨.୦' ସିରିଜ୍ର ଲକ୍ଷ୍ୟ ହେଉଛି ସହଯୋଗକୁ ପ୍ରୋତ୍ସାହିତ କରିବା, ଅଭିବୃଦ୍ଧି ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ଏବଂ ଗ୍ରାହକ ସନ୍ତୁଷ୍ଟି ପାଇଁ ଏପିଏସ୍‌ଇଜେଡ୍ର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ।




# ବିଦ୍ୟାଧରପୁର ବାଳିକା ବିଦ୍ୟାଳୟ ହେଲା କୋ-ଏଜୁକେସନ ବିଦ୍ୟାଳୟ

କଟକ, (ସ୍ୱପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ୫୫ ନମ୍ବର ୱାର୍ଡ ବିଦ୍ୟାଧରପୁର ଠାରେ ଅନୁଦାନପ୍ରାପ୍ତ ବାଳିକା ବିଦ୍ୟାଳୟକୁ କୋ ଏଜୁକେଶନ ବିଦ୍ୟାଳୟ ଭାବରେ ପରିଣତ କରାଯାଇଛି । ଏଣିକି ଏଠାରେ ବାଳକ ଓ ବାଳିକା ଉଭୟ ପାଠ ପଢ଼ି ପାରିବେ । ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଏହା ଜଣାପଡିଛି । ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହି ବିଦ୍ୟାଳୟକୁ କୋ-ଏଜୁକେଶନ୍ ଭାବରେ ଗ୍ରହଣ କରାଯାଇଛି । ୧୯୯୧ ମସିହାରେ ବିଦ୍ୟାଧରପୁର ଠାରେ କେତେକ ଉଦ୍ୟମୀ ବିଶିଷ୍ଟ ବ୍ୟକ୍ତି ଓ ଯୁବକ ମାନଙ୍କ ଉଦ୍ୟମରେ ଏଠାରେ ବାଳିକା ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ଦୀର୍ଘ ୩୪ବର୍ଷ ପରେ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଏହାକୁ କୋ-ଏଜୁକେଶନ ବିଦ୍ୟାଳୟ ଭାବରେ ପରିଣତ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ ଓ ଲୋକଙ୍କ ବାରମ୍ବାର ଦାବି ଫଳରେ ସରକାର ଏହି ବିଦ୍ୟାଳୟକୁ କୋ- ଏଜୁକେସନ ଭାବରେ ପରିଣତ କରିଛନ୍ତି । ଚଳିତବର୍ଷ ଠାରୁ ଏହି ବିଦ୍ୟାଳୟରେ ବାଳକ ଓ ବାଳିକା ଉଭୟ ପାଠ ପଢ଼ି ପାରିବେ । ଏନେଇ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ । ଏଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଗଣ ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ବିଧାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ ଘଟଣା

# ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ମୁଖରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର, (ସବ୍ୟୁ): ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଶେଷ ମୁହୂର୍ତ୍ତରେ ବାତିଲ ହେବା ପରେ, ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ କଟକ ସ୍ଥିତ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦଳର ବିଧାୟକ ଶ୍ରୀ ବ୍ୟୋମକେଶ ରାୟ ଓ ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ, ରାଜ୍ୟ ବିଜେପି ସରକାର ବିଭିନ୍ନ ନିଯୁକ୍ତି ଓ ଅନ୍ୟାନ୍ୟ ପରୀକ୍ଷାକୁ ତ୍ରୁଟିଶୁନ୍ୟ ଭାବେ ଆୟୋଜିତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ । ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷାର ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ଘୁଞ୍ଚାଇ ଦିଆଯାଇଥିଲା । ପ୍ରଶ୍ନପତ୍ର ପ୍ରଘଟ ନୁହେଁ ବରଂ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ । ଏହି ପ୍ରଶ୍ନପତ୍ର ପ୍ରଘଟ ବା ପ୍ରଶ୍ନପତ୍ର ବିକ୍ରି ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି ବୋଲି ନେତାମାନେ କହିଥିଲେ ।

ଗତ ଏକ ବର୍ଷର ବିଜେପି ଶାସନରେ ଏଭଳି ଅନେକ ପରୀକ୍ଷା ବାତିଲ ହୋଇଛି ଓ ଏକ ବର୍ଷ ଶାସନରେ ଅନେକ ସଫଳତା ଦାବି କରି ଉତ୍ସବ ମୁଖର ହୋଇଥିବା ରାଜ୍ୟ ବିଜେପି ସରକାର ବାସ୍ତବରେ, ପରୀକ୍ଷାଟିଏ ତ୍ରୁଟିଶୂନ୍ୟ ଭାବେ ଆୟୋଜନ କରିବାରେ ସକ୍ଷମ ହୋଇନାହାନ୍ତି । ଗତ ଏକ ବର୍ଷ ଭିତରେ, ରାଜ୍ୟରେ ପ୍ରାୟ ୧୨ଟି ପରୀକ୍ଷା ବିଭିନ୍ନ କାରଣରୁ ଘୁଞ୍ଚାଯାଇଛି । କେଉଁଠି ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ବେଳେ, କେଉଁଠି ଭୁଲ୍ ପ୍ରଶ୍ନପତ୍ର ବଣ୍ଟନ ଯୋଗୁଁ ପରୀକ୍ଷା ଘୁଞ୍ଚାଯାଉଛି । ଓପିଏସସି, ଓଏସଏସଏସସି, ଏସଏସବି ମାଧ୍ୟମରେ ହେଉଥିବା ପରୀକ୍ଷା ଗୁଡିକରେ ବିଭିନ୍ନ କାରଣରୁ ବାତିଲ କରାଯାଇଛି । ଏହାଛଡା, ଆରଆଇ ଓ ଅମିନ ପରୀକ୍ଷାରେ ମଧ୍ୟ ସମାନ ତ୍ରୁଟି ଥିବାରୁ ବାତିଲ କରାଯାଇଥିଲା । ଏଭଳି ପ୍ରଶ୍ନପତ୍ର ପ୍ରଘଟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ଓଡିଶା ପବ୍ଲିକ ସର୍ଭିସ ପରୀକ୍ଷା ବିଲ୍ ୨୦୨୪ରେ କରାଯାଇଛି । ଏହି ବିଲ୍ ଅନୁଯାୟୀ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲଦଣ୍ଡ ସହ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି । କିନ୍ତୁ, ପ୍ରଶ୍ନପତ୍ର ପ୍ରଘଟ ଘଟଣା ଏକ ନିୟମିତ ବ୍ୟାପାର ହୋଇଥିଲେ ମଧ୍ୟ ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦଣ୍ଡିତ ହୋଇନାହାନ୍ତି । ଏହି ଆଇନକୁ କାର୍ଯ୍ୟକାରୀ ନକରିବା ସରକାର ଦୋଷୀଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଥିଲେ । ଶେଷ ମୁହୂର୍ତ୍ତରେ ବାତିଲ ହେଉଥିବା ପରୀକ୍ଷା ଯୋଗୁଁ ରାଜ୍ୟର ଲକ୍ଷାଧିକ ଚାକିରି ଆଶାୟୀ ହତାଶ ହୋଇଛନ୍ତି । ଏଥିରେ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ ଏବଂ ଅନ୍ୟ ଯୁବ ଓ ଛାତ୍ର ନେତୃବୃନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ବନ୍ଧନ ଲାଇଫ୍ ତରଫରୁ ଆଇ ଇନକମ୍ ୱେଲଥ୍ ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ବନ୍ଧନ ଗ୍ରୁପ୍ ର ଜୀବନ ବୀମା ଶାଖା, ବନ୍ଧନ ଲାଇଫ୍ ଇନସ୍ୟୁରାନ୍ସ ଆଜି ବନ୍ଧନ ଲାଇଫ୍ ଆଇଇନକମ୍ ୱେଲଥ୍ ର ଶୁଭାରମ୍ଭ ଘୋଷଣା କରିଛି - ଏହା ପ୍ରିମିୟମ୍ ପୈଠର ୫ ରୁ ୭ ଦିନ ମଧ୍ୟରେ ତୁରନ୍ତ ଆୟ ଦେବା ଆରମ୍ଭ କରେ, ଏବଂ ୧୦୦ ବର୍ଷ ବୟସ ପର୍ଯ୍ୟନ୍ତ ଜୀବନ ସୁରକ୍ଷା ମଧ୍ୟ ପ୍ରଦାନ କରେ। ଏହି ଆୟରେ ସୁନିଶ୍ଚିତ ଦେୟ ସହିତ ସମ୍ଭାବ୍ୟ ନଗଦ ବୋନସ୍ ଅନ୍ତର୍ଭୁକ୍ତ। ପ୍ଲାନ୍ ର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି 'ସୁରକ୍ଷିତ ପଲିସି ଲାଭ', ଯାହା ନିଶ୍ଚିତ କରେ ଯେ ଯଦି ପଲିସି ଅବଧି ମଧ୍ୟରେ ପଲିସିଧାରକଙ୍କ ମୃତ୍ୟୁ ହୁଏ, ତେବେ ପରିବାର ଏକକାଳୀନ ରାଶି ପାଆନ୍ତି ଏବଂ ଭବିଷ୍ୟତରେ କୌଣସି ପ୍ରିମିୟମ୍ ଦେୟ ନ ଦେଇ ଆୟ ଏବଂ ପରିପକ୍ୱତା ଲାଭ ପାଇବା ଜାରି ରହେ।

# ନିସ୍ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ




ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ମଦନପୁର ସ୍ଥିତ ନିସ୍ ହାୟର ସେକେଣ୍ଡାରି ସ୍କୁଲର ନବାଗତ ଯୁକ୍ତ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍ୱାଗତ ଉତ୍ସବରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକଫର ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଉନ୍ନତମାନର ଶିକ୍ଷାଗ୍ରହଣ କରିବା ସହିତ କିପରି ସେମାନଙ୍କର ଭବିଷ୍ୟତ ଗଠନ କରିପାରିବେ ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବରେ ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଉପାଧ୍ୟକ୍ଷ ପ୍ରଫେସର ଇନ୍ଦ୍ରଜିତ ଦାସ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ, କୋଅର୍ଡ଼ିନେଟର ପ୍ରଫେସର ସ୍ମୃତିରଞ୍ଜନ ନାୟକ, ବଟନି ବିଭାଗର ମୁଖ୍ୟ ପ୍ରଫେସର ରାଜଲକ୍ଷ୍ମୀ ବଳିୟାରସିଂହଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ଅଧ୍ୟାପିକା ପ୍ରଫେସର ପୂର୍ଣ୍ଣିମା ମିତ୍ର ମଞ୍ଚ ପରିଚାଳନା କରିଥିଲେ । ନବାଗତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ଏକ ଶପଥ ପାଠର ଆୟୋଜନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା ।

## ରମାଦେବୀଙ୍କ ୪୦ତମ ପୁଣ୍ୟତିଥି

# ରକ୍ତଦାନ ଶିବିର ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ) : ମହିଳା ଶକ୍ତି ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଣୀ ନେତ୍ରୀ ମାତୃଶକ୍ତି ମାତା ରମାଦେବୀଙ୍କ ୪୦ତମ ପୁଣ୍ୟତିଥି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଉଦ୍‌ଯାପିତ ହେବାକୁ ଯାଉଛି। ଏହି ଉପଲକ୍ଷ୍ୟରେ ସୋମବାର ବିଶ୍ୱବିଦ୍ୟାଳୟର ଏକାଡେମିକ୍ ବ୍ଲକ-୧ ରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

ଶିବିରଟି ବିଶ୍ୱବିଦ୍ୟାଳୟର ୟୁଥ୍ ରେଡ୍ କ୍ରସ୍ (ୱାଇ ଆର୍ ସି) ଏବଂ ରେଡ୍ କ୍ରସ୍ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସଙ୍ଗଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କାଉନସିଲର ଡ଼. ରେବତୀକାନ୍ତ ମହାରଣା, ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ, ରେଜିଷ୍ଟ୍ରାର ମନସ୍ୱିନୀ ସାହୁ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଅଧ୍ୟାପିକା ଶ୍ରୀମତୀ ନୀତି, ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ଶ୍ରୀମତୀ ହେଲେନା ଯତି ଉପସ୍ଥିତ ଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ଚଣ୍ଡି ଚରଣ ରଥ ଶିବିରରେ ଉପସ୍ଥିତ ରହି ବଦଳୁଥିବା ସମାଜରେ ଯୁବତୀମାନଙ୍କ ଉଦ୍ୟମ ଓ ନିଷ୍ଠଳତା ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିଥିଲେ। ସେ




କହିଥିଲେ, "ଏପରି ଉଦ୍ୟମ ସମାଜ ପାଇଁ ଏକ ଦିଗଦର୍ଶନ ଓ ପ୍ରେରଣା ସ୍ରୋତ ହେବ। ଏହା ଯୁବପୀଢ଼ୀଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱ ବୋଧ ବୃଦ୍ଧି କରିଥାଏ। ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏହି ମହତ କାର୍ଯ୍ୟକ୍ରମ ମାତୃଶକ୍ତି ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଅର୍ପଣ କରିଛି।"

ଏହି ଅବସରରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀମତୀ ମନସ୍ୱିନୀ ସାହୁ, କହିଥିଲେ ଯେ, "ଏହି ପ୍ରୟାସ ତାଳମେଳ ଓ ସଂଘବଦ୍ଧ ଉଦ୍ୟମର ଫଳ। ଏହା ଦ୍ୱାରା ମାନବିକ ମୂଲ୍ୟ ବିକାଶ ପାଉଛି ଓ ଛାତ୍ରୀମାନେ ଏକ ଗଂଭୀର ଦାୟିତ୍ୱ ଅନୁଭବ କରୁଛନ୍ତି।" ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ବହୁ ସଂଖ୍ୟକ ଛାତ୍ରୀ ସ୍ୱଇଚ୍ଛାରେ ଯୋଗଦେଇ ରକ୍ତଦାନ କରି ଏକ ସାମାଜିକ ଦାୟିତ୍ୱ ନିଭାଇଥିଲେ। ସମସ୍ତଙ୍କ ସହଯୋଗ ଓ ସମର୍ପଣ ଦ୍ୱାରା ଏହି ଶିବିର ଏକ ଅନୁପମ ଦୃଷ୍ଟାନ୍ତ ରୂପେ ଦେଖାଦେଲା।

## ବେଦାନ୍ତ ଉପରେ କ୍ଷୁଦ୍ର ବିକ୍ରେତା ଭାଇସରାୟଙ୍କ

# ରିପୋର୍ଟକୁ ପୂର୍ବତନ ମୁଖ୍ୟ ବିଚାରପତି ଦୃଢ଼ ନିନ୍ଦା କରିଛନ୍ତି

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଲିମିଟେଡ କହିଛି ଯେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଡ. ବିୱାଇଙ୍କ ଠାରୁ ଏକ ବିସ୍ତୃତ ଆଇନଗତ ମତାମତ ପାଇଛି। ଚନ୍ଦ୍ରଚୂଡ଼ କମ୍ପାନି ଦ୍ୱାରା କୌଣସି ଭୁଲ ଦେଖିବାକୁ ମିଳିନାହିଁ ଏବଂ ଭାଇସରାୟ ରିପୋର୍ଟର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। କମ୍ପାନି ଏହି ମତାମତକୁ ଷ୍ଟକ ଏକ୍ସଚେଞ୍ଜରେ ମଧ୍ୟ ଦାଖଲ କରିଛି। ଏହା ଏଠାରେ ଉପଲବ୍ଧ ଅଛି। ୨୦ ପୃଷ୍ଠାର ମତାମତରେ କୁହାଯାଇଛି ଯେ ଆମେରିକୋର କ୍ଷୁଦ୍ର ବିକ୍ରେତା ଭାଇସରାୟ ରିସର୍ଚ୍ଚ ଗ୍ରୁପର ସାଂପ୍ରତିକ ରିପୋର୍ଟ ମାନହାନିଜନକ, ଏଥିରେ ବିଶ୍ୱସନୀୟତାର ଅଭାବ ଅଛି। ବେଆଇନ ଆର୍ଥିକ ଲାଭ ପାଇବା ଲାଗି ବଜାରକୁ ପରିଚାଳନା ଉଦ୍ଦେଶ୍ୟରେ ଡିଜାଇନ କରାଯାଇଛି। ମତାମତରେ କୁହାଯାଇଛି ଯେ ବେଦାନ୍ତ ମାନହାନି ସଂପର୍କରେ ପର୍ଯ୍ୟାପ୍ତ ସୁରକ୍ଷା ଓ ପ୍ରତିକାର ଲାଗି ଭାରତୀୟ ଅଦାଲତକୁ ଯିବା ପାଇଁ ଭଲ ସ୍ଥାନରେ ରହିବ। ଡ. ଚନ୍ଦ୍ରଚୁଡ଼ଙ୍କ ମତ ଗବେଷକଙ୍କ ବିଶ୍ୱସନୀୟତା ଓ ରିପୋର୍ଟ ସହ ଏହାର ପ୍ରକାଶନ ସମୟ ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ପୂର୍ବତନ ମୁଖ୍ୟ ଜଷ୍ଟିସ କହିଛନ୍ତି ଯେ ଗବେଷକମାନଙ୍କ ସନ୍ଦେହଜନକ ପ୍ରମାଣପତ୍ର ରିପୋର୍ଟର ବିଶ୍ୱସନୀୟତା ବିଷୟରେ ପ୍ରାରମ୍ଭିକ ଚିନ୍ତା ସୃଷ୍ଟି କରେ। କମ୍ପାନିଗୁଡ଼ିକ ସଂପର୍କରେ ଭାଇସରାୟଙ୍କ ଦ୍ୱାରା ପ୍ରକାଶିତ ସମାନ ରିପୋର୍ଟ ବିପକ୍ଷରେ ଭାରତ ଓ ବିଶ୍ୱ ସ୍ତରରେ ଅନେକ ମାମଲା ରୁଜୁ ହୋଇଛି।

ମତାମତରେ କୁହାଯାଇଛି ଯେ ଏହି ସମୟ ରଣନୈତିକ ଓ ଗୋଷ୍ଠୀର ସକାରାତ୍ମକ କ୍ରେଡିଟ ଗତି ଓ ପୁନଃଅର୍ଥ ସଫଳତା ସହ ମେଳ ଖାଉଥିବା ପରି ମନେ ହେଉଛି। ରିପୋର୍ଟର ଉନ୍ମୋଚନ ବେଦାନ୍ତର ଡିମର୍ଜର ଅଭ୍ୟାସକୁ ପ୍ରତିକୂଳ ପ୍ରଭାବିତ କରିବା ଲାଗି ସମ୍ଭାବନା ରହିଛି ବୋଲି ଦର୍ଶାଇ ପୂର୍ବତନ ଜଷ୍ଟିସ କହିଛନ୍ତି ଯେ ବିଶେଷ କରି ବେଦାନ୍ତ ଗ୍ରୁପର କିଛି ସଂସ୍ଥାର ପ୍ରସ୍ତାବିତ କର୍ପୋରେଟ ଡିମର୍ଜର ସହ ସମୟ ମେଳ ଖାଉଥିବା ପରି ମନେ ହେଉଛି। ତେଣୁ ମତାମତ ନିନୋଟି କାରଣ ଦର୍ଶାଏ ଯେ କାହିଁକି ଭାଇସରାୟ ରିପୋର୍ଟର ବିଶ୍ୱସନୀୟତା ନାହିଁ। ପ୍ରଥମତଃ ଏପରି ରିପୋ।ର୍ଟ ମାଧ୍ୟମରେ ସଂକ୍ଷିପ୍ତ ବିକ୍ରୟରୁ ଲାଭ ଆଦାୟ କରିବାରେ ଭାଇସରାୟଙ୍କ ପ୍ରତିଷ୍ଠିତ ଟ୍ରାକ ରେକଡର୍, ଦ୍ୱିତୀୟ ପ୍ରକାଶନ ପଛରେ ଗବେଷକଙ୍କ ସନ୍ଦେହଜନକ ପ୍ରମାଣପତ୍ର ଏବଂ ଶେଷରେ ରିପୋର୍ଟ ପ୍ରକାଶନର ସନ୍ଦେହଜନକ ସମୟ। ଯାହା ବେଦାନ୍ତର ପ୍ରସ୍ତାବିତ ବିଚ୍ଛିନ୍ନତା ସହ ପ୍ରାୟ ମେଳ ଖାଉଛି ଓଏହା କ୍ଷୁଦ୍ର ବିକ୍ରେତାଙ୍କ ପାଇଁ କ୍ଷତି ପହଁଚାଇପାରେ।

ଡ. ଚନ୍ଦ୍ରଚୂଡ଼ ଭିସରାୟଙ୍କ ଦ୍ୱାରା ନିୟୋଜିତ ଏକ ସ୍ଥିର କାର୍ଯ୍ୟପନ୍ଥା ବୋଲି ମତ ଦେଇଛନ୍ତି। ମତ ଅନୁସାରେ ସର୍ଟ ବିକ୍ରେତା ପ୍ରଥମେ ଟାର୍ଗେଟ କମ୍ପାନିର ଷ୍ଟକ ବା ବଣ୍ଡରେ ସର୍ଟ ପୋଜିସନ ନିଅନ୍ତି। ଏହା ପରେ କମ୍ପାନିଠାରୁ କୌଣସି ସ୍ୱାଧୀନ ଯାଂଚ ନକରି ସାର୍ବଜନୀନ ଭାବରେ ଉପଲବ୍ଧ ସୂଚନା ଉପରେ ଆଧାରିତ ବିକୃତ ତଥ୍ୟ ସହ ଏକ ତଥାକଥିତ ଗବେଷଣା ରିପୋର୍ଟ ପ୍ରକାଶ କରାଯାଏ। ପରେ ଏହି ରିପୋର୍ଟ ଯୋଗୁ ସୃଷ୍ଟି ହୋଇଥିବା ଆତଙ୍କ ଯୋଗୁଁ ଷ୍ଟକ ମୂଲ୍ୟରେ ହ୍ରାସରୁ ସର୍ଟ ସେଲର ଲାଭ ପାଆନ୍ତି। ଡ. ଚନ୍ଦ୍ରଚୂଡ କହିଥିଲେ ଯେ ଏହା କୌଣସି ପ୍ରମାଣ ନାହିଁ ଯେ ରିପୋର୍ଟଟି ଜନସ୍ୱାର୍ଥ ଦ୍ୱାରା ପ୍ରେରିତ ବରଂ ଏହା ବଜାରକୁ ନିୟନ୍ତ୍ରଣ କରିବା ଉଦ୍ଦେଧଶ୍ୟରେ ପରିଚାଳିତ ହୋଇଥିବା ପରି ମନେ ହେଉଛି। ଡ. ଚନ୍ଦ୍ରଚୂଡ଼ଙ୍କ ମତରେ ଭାରତୀୟ କମ୍ପାନି ଗୁଡ଼ିକ ବିଶେଷକରି ତାଲିକାଭୁକ୍ତ କମ୍ପାନି ଗୁଡ଼ିକ ଏକ କଡା ନିୟନ୍ତ୍ରିତ ପରିବେଶ ମଧ୍ୟରେ କାର୍ଯ୍ୟ କରନ୍ତି ଯାହା କେବଳ ଦୁଷ୍କର୍ମକୁ ରୋକିବା ଲାଗି ନୁହେଁ ବରଂ ନୈତିକ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଆଚରଣକୁ ପ୍ରୋତ୍ସାହିତ କରିବା ଲାଗି ମଧ୍ୟ ଉଦ୍ଦିଷ୍ଟ। ଏପରି ପ୍ରୟାସ କମ୍ପାନିଗୁଡ଼ିକର ପ୍ରତିଷ୍ଠାକୁ କ୍ଷତି ପହଁଚାଇବା ସହ ଭାରତର ନିୟାମକ ପ୍ରତିଷ୍ଠାନର ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିବା ଓ ଏହାର ବଜାର ଉପରେ ବିଶ୍ୱାସକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଛି।

ଏହି ନିଷ୍କର୍ଷରେ ଡ. ଚନ୍ଦ୍ରଚୂଡ଼ ଉଲ୍ଲେଖ କରିଛନ୍ତି ଯେ ଏକ ତାଲିକାଭୁକ୍ତ ସଂସ୍ଥା ଭାବରେ ବେଦାନ୍ତ ଏକ ଦୃଢ ଏବଂ ବହୁସ୍ତରୀୟ ନିୟାମକ ଢାଂଚା ଅଧୀନରେ କାଯ୍ୟଁକରୁଛି, ଆଜି ପର୍ଯ୍ୟନ୍ତ କୌଣସି ନିୟାମକ ସଂସ୍ଥା ବା କ୍ରେଡିଟ ରେଟିଂ ଏଜେନ୍ସିରୁ ପ୍ରତିକୂଳ ନିଷ୍କର୍ସ ମିଳିନାହିଁ। ବେଦାନ୍ତ କହିଛି ଯେ ନିୟାମକ କର୍ତ୍ତୃପକ୍ଷଙ୍କ ନିକଟରେ ଏହାର ପ୍ରକାଶନ ପ୍ରଯୁଜ୍ୟ ଆଇନ ଓ ନିୟାମକ ଆବଶ୍ୟତା ଅନୁଯାୟୀ କରାଯାଇଛି। ବେଦାନ୍ତ କ୍ଷେତ୍ରରେ ମଧ୍ୟ ରିପୋର୍ଟରେ ଥିବା ବକ୍ତବ୍ୟଗୁଡ଼ିକର କର୍ପୋରେଟ ବିଶ୍ୱସନୀୟତାକୁ କ୍ଷତି ପହଁଚାଇବାକୁ ଚେଷ୍ଟା କରାଯାଇଛି।

## ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ

# ହଟିବେ ଜଷ୍ଟିସ୍ ବର୍ମା ?



ନୂଆଦିଲ୍ଲୀ: ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କୁ ହଟାଇବା ପ୍ରକ୍ରିୟା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି। ରାଜ୍ୟସଭା ଅଧ୍ୟକ୍ଷ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖର ସୋମବାର ସଂସଦରେ କହିଛନ୍ତି ଯେ ସେ ସମ୍ବିଧାନର ଧାରା ୨୧୭(୧)(ବି), ୨୧୮ ଏବଂ ୧୨୪(୪) ଅନୁଯାୟୀ ଏକ ନୋଟିସ ପାଇଛନ୍ତି। ସମ୍ବିଧାନର ଧାରା ୧୨୪(୪)) ଏବଂ ୨୧୭(୧)(ବି), ଅନୁଯାୟୀ, ସଂସଦର ପ୍ରତ୍ୟେକ ଗୃହରେ ଦୁଇ-ତୃତୀୟାଂଶ ବହୁମତ ଦ୍ୱାରା ଏକ ସଂକଳ୍ପ ଗୃହୀତ ହେଲେ ଜଣେ ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କୁ ଖରାପ ଆଚରଣ କିମ୍ବା କ୍ଷମତା ଅପାରଗତା ଆଧାରରେ ମହାଭିଯୋଗ ଆଣି ଅପସାରଣ କରାଯାଇପାରିବ।

ସେ କହିଛନ୍ତି ଯେ ରାଜ୍ୟସଭାର ୫୦ରୁ ଅଧିକ ସଦସ୍ୟ ଏହି ନୋଟିସରେ ସ୍ୱାକ୍ଷର କରିଛନ୍ତି। ଏହା ସହିତ ଆବଶ୍ୟକ ସଂଖ୍ୟା ସର୍ତ୍ତ ପୂରଣ ହୋଇଛି। କେବଳ ଏତିକି ନୁହେଁ, ଲୋକସଭାର ୧୫୨ ଜଣ ସାଂସଦ ମଧ୍ୟ ଏହା ଉପରେ ନୋଟିସ ଦେଇଛନ୍ତି। ବର୍ତ୍ତମାନ, ଏହି ନୋଟିସ ଆଧାରରେ, ଏକ କମିଟି ଗଠନ କରାଯିବ, ଯାହା ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଅଭିଯୋଗର ତଦନ୍ତ କରିବ। ଧନଖର କହିଛନ୍ତି ଯେ ଯଦି ଉଭୟ ଗୃହରେ ଗୋଟିଏ ଦିନରେ ନୋଟିସ୍ ଦିଆଯାଏ, ତେବେ ଏହାର ପ୍ରକ୍ରିୟା ଭିନ୍ନ, କିନ୍ତୁ ଏହି ମାମଲାରେ ନୋଟିସ୍ ଭିନ୍ନ ଦିନରେ ଆସିଛି। ଏହି ଆଧାରରେ, ସେ ପରବର୍ତ୍ତୀ କାର୍ଯ୍ୟ ଆରମ୍ଭ କରିବାକୁ ରାଜ୍ୟସଭାର ମହାସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ବିଧାନର ଧାରା ୧୨୪(୪)) ଏବଂ ୨୧୭(୧)(ବି), ଅନୁଯାୟୀ, ସଂସଦର ପ୍ରତ୍ୟେକ ଗୃହରେ ଦୁଇ-ତୃତୀୟାଂଶ ବହୁମତ ଦ୍ୱାରା ଏକ ସଂକଳ୍ପ ଗୃହୀତ ହେଲେ ଜଣେ ଉଚ୍ଚ କିମ୍ବା ଉଚ୍ଚତମ ନ୍ୟାୟାଳୟ ବିଚାରପତିଙ୍କୁ ଖରାପ ଆଚରଣ କିମ୍ବା କ୍ଷମତା ଅପବ୍ୟବହାର ଆଧାରରେ ମହାଭିଯୋଗ ଆଣି ଅପସାରଣ କରାଯାଇପାରିବ।

# ଢାକାରେ ବିମାନ ଦୁର୍ଘଟଣା : ୧୯ ମୃତ



ଢାକା : ବାଂଲାଦେଶ ବାୟୁସେନାର ଏକ ଜେଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ।କାର ଏକ ସ୍କୁଲରେ ଖସି ପଡିବାରୁ ୧୯ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି। ଭାରତୀୟ ସମୟ ଦିନ ଗୋଟାଏ ସମୟରେ ରାଜଧାନୀରେ ଏକ ଜେଟ ଏହି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନଟି ସ୍କୁଲ କୋଠାରେ ମାଡ ହୋଇଥିଲା।

ଭିଡ଼ିଓ ଫୁଟେଜ ହୋଇ ଜଣାପଡିଛି ଯେ ବିମାନଟି ଦୁର୍ଘଟଣାଗ୍ରସ୍ତ ହେଲା ପରେ ନିଆଁ ଲାଗିବା ସହ କଳାଧୂଆଁ ଛାଇ ଯାଇଥିଲା। କାର ଉତ୍ତରରେ ଥିବା ଦିଆବାରି ଅଞ୍ଚଳରେ ବାୟୁସେନାର ଏଫ୍-୭ ତାଲିମ୍ ପ୍ରଦାନକାରୀ ଏୟାରକ୍ରାଫ୍ଟ ମାଇଲଷ୍ଟୋନ୍ କଲେଜର ଉତ୍ତରା କ୍ୟାମ୍ପସରେ ଧକ୍କା ଖାଇଥିଲା। ଫଳରେ ଏଥିରେ ନିଆଁ ଲାଗିଯାଇଥିଲା। ଆହତ ମାନଙ୍କ ମଧ୍ୟରେ ୪୮ ଜଣଙ୍କ ଅବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇଛି। କେତେକ ଛାତ୍ର ମଧ୍ୟ ନିଆଁରେ ପୋଡି ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଜଣେ ତୃତୀୟ ବର୍ଷର ଛାତ୍ର ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ୩ ଜଣ ଛାତ୍ର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଫ୍ଲାଇଟ୍ ଲେଫ୍ଟନାଣ୍ଟ ଏମବି ତୌକୁର ଇସଲାମ୍ କହିଛନ୍ତି ଯେ ବଡଧରଣର କ୍ଷତିକୁ ଦୂରେଇବା ପାଇଁ ପାଇଲଟ୍ ଜଣକ ସମସ୍ତ ପ୍ରଚେଷ୍ଟା କରିଥିଲେ। ହେଲେ ବିମାନଟି ମାଇଲଷ୍ଟୋନ ସ୍କୁଲ ଓ କଲେଜର ଦୁଇ ମହଲା କୋଠାରେ ବାଜି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସମସ୍ତ ଆହତଙ୍କୁ ତୁରନ୍ତ କମ୍ବାଇନ୍ ମିଲିଟାରୀ ହସ୍ପିଟାଲ ଓ ନିକଟସ୍ଥ ହସ୍ପିଟାଲକୁ ବାୟୁସେନାର ହେଲିକପ୍ଟର ଓ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ବାଂଲାଦେଶର ବାୟୁସେନା ଏଭଳି ଦୁର୍ଭାଗ୍ୟଜନକ ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛି। କଲେଜର ଶିକ୍ଷକ ଓ କର୍ମଚାରୀଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଉଦ୍ଧାର କରାଯାଇଛି। ଜଣେ ଶିକ୍ଷକଙ୍କ କହିବାନୁଯାୟୀ ସ୍କୁଲର କୋଠା ସମ୍ମୁଖରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଓ ଅନେକ ଛାତ୍ର ତା ମଧ୍ୟରେ ଫଶି ଯାଇଥିଲେ଼ଛ ୩୦ ଜଣଙ୍କୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ବର୍ଣ୍ଣ ଓ ପ୍ଲାଷ୍ଟିକ୍ ସର୍ଜରୀରେ ଭର୍ତ୍ତି କରାଯାଇଛି। ବାଂଲାଦେଶର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍ କହିଛନ୍ତି ଯେ ସରକାର ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରିବେ ଓ ସମସ୍ତଙ୍କୁ ସହାୟତା ପ୍ରଦାନ କରାଯିବ। ଏହା ରାଷ୍ଟ୍ର ପାଇଁ ଗଭୀର ଦୁଃଖର ସମୟଛ ବାୟୁସେନା, ଛାତ୍ର, ଅଭିଭାବକ, ଶିକ୍ଷକ ଓ ମାଇଲଷ୍ଟୋନ୍ ସ୍କୁଲ, କଲେଜର ଯାହା କ୍ଷତି ହୋଇଛି ତାହା ଭରଣା କରାଯିବ। ମେଡିକାଲ କର୍ତ୍ତୃପକ୍ଷଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛିଛ ଆସନ୍ତାକାଲିକୁ ରାଷ୍ଟ୍ରୀୟ ଶୋକ ଭାବେ ଘୋଷଣା କରାଯାଇଛି। ଚୀନ୍ ଦ୍ୱାରା ଏହି ବିମାନ ଏଫ୍-୭ ପ୍ରସ୍ତୁତ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ମଧ୍ୟ ଘଟଣାକୁ ନିନ୍ଦା କରିବା ସହ ଯେଉଁମାନେ ଏଥିପାଇଁ ଦାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

# ଜମ୍ମୁ କୋର୍ଟ ପରିସରରେ କେବଳ ଓକିଲ ପିନ୍ଧିବେ କଳା ପ୍ୟାଣ୍ଟ, ଧଳା ସାର୍ଟ

ଶ୍ରୀନଗର: ଜମ୍ମୁ-କାଶ୍ମୀର ହାଇକୋର୍ଟ ବାର ଆସୋସିଏସନ ଆଇନଜୀବୀମାନଙ୍କ ବ୍ୟତୀତ ଅନ୍ୟ କାହାକୁ ଧଳା ସାର୍ଟ ଏବଂ କଳା ପ୍ୟାଣ୍ଟ ପିନ୍ଧି ଜମ୍ମୁର କୋର୍ଟ ପରିସରରେ ପ୍ରବେଶ କରିବାକୁ ନିଷେଧ କରିଛି । ସୁରକ୍ଷା କାରଣରୁ ହାଇକୋର୍ଟ ବାର ଆସୋସିଏସନ ଏହି ନିଷ୍ପତ୍ତି ନେଇଛି।

ଯଦି ଆପଣ ଜମ୍ମୁରେ ରହୁଛନ୍ତି ଏବଂ କୌଣସି କାମ ପାଇଁ କୋର୍ଟକୁ ଯାଉଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ନିଶ୍ଚିତ କାମରେ ଆସିବ । ଜମ୍ମୁ ଏବଂ କାଶ୍ମୀର ହାଇକୋର୍ଟ ବାର ଆସୋସିଏସନ ଜମ୍ମୁ ଓକିଲମାନଙ୍କ ବ୍ୟତୀତ ଅନ୍ୟ କାହାକୁ ଧଳା ସାର୍ଟ ଏବଂ କଳା ପ୍ୟାଣ୍ଟ ପିନ୍ଧି କୋର୍ଟ ପରିସରରେ ପ୍ରବେଶ କରିବାକୁ ନିଷେଧ କରିଛି। ଯଦି ଆପଣ ଏହି ପୋଷାକ ପିନ୍ଧି କୋର୍ଟକୁ ଆସନ୍ତି, ତେବେ ଆପଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇପାରେଛ ଜମ୍ମୁ କାଶ୍ମୀର ହାଇକୋର୍ଟ ବାର ଆସୋସିଏସନର ସାଧାରଣ ସମ୍ପାଦକ ପ୍ରଦୀପ ମାଜୋତ୍ରାଙ୍କ ଅନୁଯାୟୀ, ସୁରକ୍ଷା କାରଣରୁ ବାର ଆସୋସିଏସନ ଏହି ପଦକ୍ଷେପ ନେଇଛି। ଜମ୍ମୁ କାଶ୍ମୀର ଏକ ସମ୍ବେଦନଶୀଳ ରାଜ୍ୟ କିନ୍ତୁ ଅପରାଧୀମାନେ ମଧ୍ୟ ହାଇକୋର୍ଟକୁ ଆସନ୍ତି। ଏପରି ପରିସ୍ଥିତିରେ, ଯଦି ଜଣେ ଅପରାଧୀ କଳା ପ୍ୟାଣ୍ଟ ଏବଂ



ଧଳା ସାର୍ଟ ପିନ୍ଧି ଆସନ୍ତି, ତେବେ ସୁରକ୍ଷା ପାଇଁ ଏଠାରେ ନିୟୋଜିତ ଲୋକମାନେ ତାଙ୍କୁ ଜଣେ ଓକିଲ ବୋଲି ବିବେଚନା କରନ୍ତି, ଯାହାର ସୁଯୋଗ ଅପରାଧୀମାନେ ନେଇପାରନ୍ତି ଏବଂ କିଛି ବଡ଼ ଅଘଟଣ ଘଟିପାରେ।

ସେ କହିଛନ୍ତି ଯେ ଅପରାଧୀମାନେ କଳା ପ୍ୟାଣ୍ଟ ଏବଂ ଧଳା ସାର୍ଟ ପିନ୍ଧି ଯେକୌଣସି ଅପରାଧିକ କାର୍ଯ୍ୟକଳାପ କରିପାରନ୍ତି ଏବଂ ଆମେ ଏହାକୁ ବନ୍ଦ କରିବା ପାଇଁ ପଦକ୍ଷେପ ନେଇଛୁ ସେ କହିଛନ୍ତି ଯେ କଳା ପ୍ୟାଣ୍ଟ ଏବଂ ଧଳା ସାର୍ଟ ହେଉଛି ଓକିଲଙ୍କ ପୋଷାକ। ଆମେ ଅନେକ ଥର ଦେଖିଛୁ ଯେ ଅନେକ ଦଲାଲ ଏପରି ପୋଷାକ ପିନ୍ଧନ୍ତି ଏବଂ ଏଠାକୁ ଆସୁଥିବା ଲୋକଙ୍କୁ ଏବଂ ଆବେଦନକାରୀଙ୍କୁ ନିଜ ଜାଲରେ ଫସାଇ ସେମାନଙ୍କର ଫାଇଦା ଉଠାନ୍ତି। ଏହି ନିଷେଧ ଏପରି ଦଲାଲମାନଙ୍କୁ ମଧ୍ୟ ଲଗାମ ଦେବଛ ସେ କହିଛନ୍ତି ଯଦି ଜଣେ ବ୍ୟକ୍ତି ଏହି ନିର୍ଦ୍ଦେଶ ପାଳନ କରନ୍ତି ନାହିଁ, ତେବେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଭିଏସ୍ ଅଚ୍ୟୁତାନନ୍ଦନଙ୍କ ପରଲୋକ

ତିରୁଅନନ୍ତପୁରମ୍: କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କମ୍ୟୁନିଷ୍ଟ ନେତା ଭିଏସ୍ ଅଚ୍ୟୁତାନନ୍ଦନଙ୍କର ୧୦୧ ବର୍ଷ ବୟସରେ ପରଲୋକ ଘଟିଛି। ଥିରୁଅନନ୍ତପୁରମର ଏକ ଘରୋଇ ଡାକ୍ତରଖାନାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି। ବେଲିକକାଥୁ ଶଙ୍କରନ୍ ଅଚ୍ୟୁତାନନ୍ଦନ, ଯିଏକି ଭିଏସ୍ ନାମରେ ବେଶି ପରିଚିତ ଥିଲ। ସେ ୨୦୦୬ରୁ ୨୦୧୧ ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଣେ ପ୍ରମୁଖ ନେତା ଥିଲେ ଏବଂ ଦଳର ପ୍ରତିଷ୍ଠାତା ସଦସ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଅଚ୍ୟୁତାନନ୍ଦନ ତାଙ୍କର ଦୀର୍ଘ ରାଜନୈତିକ ଜୀବନରେ କେରଳ ବିଧାନସଭାରେ ୧୫ ବର୍ଷ ଧରି ବିରୋଧୀ ଦଳର ନେତା ଭାବରେ କାର୍ଯ୍ୟ କରିଥିଲେ, ଯାହା ଏକ ରେକର୍ଡ ଅଟେ । ସେ ତାଙ୍କର ସ୍ପଷ୍ଟବାଦିତା ଏବଂ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ ପାଇଁ ଜଣାଶୁଣା ଥିଲେ । ତାଙ୍କ ଶାସନ କାଳରେ ମୁନ୍ନାରରେ ବେଆଇନ ଜବରଦଖଲ ହଟାଇବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିଲା । ୧୯୨୩ ମସିହା ଅକ୍ଟୋବର ୨୦ ତାରିଖରେ ଜନ୍ମଗ୍ରହଣ କରିଥିବା ଅଚ୍ୟୁତାନନ୍ଦନ କିଶୋର ବୟସରୁ ରାଜନୀତିରେ ସକ୍ରିୟ ଥିଲେ ଏବଂ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ତାଙ୍କ ବିୟୋଗରେ କେରଳ ତଥା ଦେଶର ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି।



# ଓବାମାଙ୍କୁ ଜେଲ୍ ପଠେଇବେ ଟ୍ରମ୍ପ !



ଓ୍ୱାସିଂଟନ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କୁ ଜେଲ ପଠାଇବାକୁ ଚାହୁଁଛନ୍ତି କି ? ଏ ପରି କୌଣସି ନିର୍ଦ୍ଦେଶ ଟ୍ରମ୍ପ ଦେଇନଥିଲେ ବି ନିଜ ସୋସିଆଲ ମିଡିଆ (ଟ୍ରୁଥ) ଆକାଉଣ୍ଟରେ ସେ ଏପରି ଏକ ଏଆଇ-ଭିଡିଓ ସେୟାର କରିଛନ୍ତି, ତାହାକୁ ଦେଖିଲେ ମନେହେବ ଯେ ସେ ଓବାମାଙ୍କୁ ଜେଲରେ ଦେଖିବାକୁ ଚାହୁଁଛନ୍ତି।

ସୋସିଆଲ ମିଡିଆ ଟ୍ରୁଥରେ ଟ୍ରମ୍ପ ଯେଉଁ ଏଆଇ ପ୍ରସ୍ତୁତ ଭିଡିଓ ସେୟାର କରିଛନ୍ତି ସେଥିରେ ଦେଖାଯାଉଛି ଯେ ଓବାମା ଓ ଟ୍ରମ୍ପଙ୍କ ମଧ୍ୟରେ ଏକ ଆଲୋଚନା ଚାଲିଛି। ଏହି ସମୟରେ ଏଫବିଆଇର କର୍ମଚାରୀମାନେ ଆସି ଓବାମାଙ୍କୁ ଗିରଫ କରୁଛନ୍ତି ଓ ଏହି ସମୟର ଟ୍ରମ୍ପ ହସୁଛନ୍ତି।

ସୋସିଆଲ ମିଡିଆ ଟ୍ରୁଥରେ ଟ୍ରମ୍ପ ଯେଉଁ ଏଆଇ ପ୍ରସ୍ତୁତ ଭିଡିଓ ସେୟାର କରିଛନ୍ତି ସେଥିରେ ଦେଖାଯାଉଛି ଯେ ଓବାମା ଓ ଟ୍ରମ୍ପଙ୍କ ମଧ୍ୟରେ ଏକ ଆଲୋଚନା ଚାଲିଛି। ଏହି ସମୟରେ ଏଫବିଆଇର କର୍ମଚାରୀମାନେ ଆସି ଓବାମାଙ୍କୁ ଗିରଫ କରୁଛନ୍ତି ଓ ଏହି ସମୟର ଟ୍ରମ୍ପ ହସୁଛନ୍ତି। କିଛି ସମୟ ପରେ ଓବାମା ଜେଲରେ ଥିବା ଦେଖାଯାଉଛି। ଟ୍ରମ୍ପ ଏଥିରେ ଏହା ମଧ୍ୟ ଲେଖିଛନ୍ତି ଯେ କେହି ଆଇନର ଉର୍ଦ୍ଧ୍ୱରେ ନୁହଁନ୍ତି।

ଏହି ଭିଡିଓ ପରେ ଆମେରିକାରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି ଯେ ଟ୍ରମ୍ପ ଓବାମାଙ୍କୁ ଜେଲ ପଠାଇବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତ। ଯେତେବେଳେ ଟ୍ରମ୍ପ ପ୍ରଥମ ଥର ପାଇଁ ନିର୍ବାଚନ ଜିତିଥିଲେ, ସେତେବେଳେ ତାଙ୍କ ଉପରେ ରୁଷ ସହାୟତାରେ ମିଥ୍ୟା ଷଡ଼ଯନ୍ତ୍ର ରଚିବାର ଅଭିଯୋଗ ଆସିଥିଲା। ଗତ ଶୁକ୍ରବାର ଆମେରିକାର ଗୁଇନ୍ଦା ମୁଖ୍ୟ ତୁଲସୀ ଗବାର୍ଡ ଏହି ମାମଲାରେ ଓବାମାଙ୍କ ବିରୁଦ୍ଧରେ ପର୍ଯ୍ୟାପ୍ତ ପ୍ରମାଣ ସଂଗ୍ରହ କରିଥିବା ଦାବି କରିଥିଲେ।

ଏବେ ଟ୍ରମ୍ପଙ୍କ ପୋଷ୍ଟ ପରେ, ଏହା ବିଶ୍ୱାସ କରାଯାଉଛି ଯେ ସେ ଓବାମାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ଅନୁମତି ଦେଇପାରିବେ।

# ପୁଣି ହିମାଚଳ ପ୍ରଦେଶରେ ପ୍ରକୃତିର କୋପ : ୨ ମୃତ, ୧୪୨ ରାସ୍ତା ବନ୍ଦ



ସିମଲା: ହିମାଚଳପ୍ରଦେଶରେ ପୁଣି ଦେଖିବାକୁ ମିଳିଛି ପ୍ରକୃତିର ତାଣ୍ଡବଲୀଳା । ଗତ କିଛି ଦିନ ତଳେ ବର୍ଷା, ବନ୍ୟାରେ ବେହାଲ ହୋଇଥିବା ହିମାଚଳ ପ୍ରଦେଶରେ ପୁଣି ଦେଖିବାକୁ ମିଳିଛି ନାହିଁ ନଥିବା ଦୁଃଖ । ପ୍ରକୃତିର କୋପ ପୁଣି ପଡିବା ପରେ ଏବେ ହିମାଚଳରେ ହାହାକାର ପରିସ୍ଥିତି । ମୌସୁମୀ ଜନିତ ଲଗାତାର ବର୍ଷାରେ ପୁଣି ଥରେ ସ୍ଥିତି ସଙ୍ଗୀନ ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲଗାଣ ବର୍ଷା ପଳରେ ଜନଜୀବନ ପୁଣି ଥରେ ପ୍ରଭାବିତ ହୋଇଛି । ଚଂମ୍ବା ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ପରିସ୍ଥିତି ସୃଷ୍ଟି ହୋଇଛି ଫଳରେ ଘର ଭୁଶୁଡି ଝିଅ-ଜ୍ୱାଇଁଙ୍କ ମୃତ୍ୟୁ ହୋଇଛି । ମଣ୍ଡି ଏବଂ କୁଲୁର ଅବସ୍ଥା ସଙ୍ଗୀନ ଥିବା ସୂଚନା ମିଳିଛି । ପୂର୍ବଥର ବି ମଣ୍ଡିର ଅବସ୍ଥା ସାଙ୍ଘାତିକ ଥିଲା । ବର୍ଷା, ବନ୍ୟାରେ ବେହାଲ ହୋଇଥିଲା ମଣ୍ଡି । ତେବେ ଗତକାଲି ସୁଦ୍ଧା ହୋଇଥିବା ବର୍ଷା ଫଳରେ ହିମାଚଳରେ ଏଯାଏଁ ୧୪୨ଟି ରାସ୍ତା ବନ୍ଦ ହୋଇଛି । ସେହିପରି କେବଳ ମଣ୍ଡିରେ ୯୧ଟି ସଡକ ବର୍ଷା ଏବଂ ଭୂସ୍ଖଳନ ପାଇଁ ବନ୍ଦ ହୋଇଯାଇଛି , କୁଲୁରେ ୩୩ଟି ରାସ୍ତାର ଅବସ୍ଥା ସାଙ୍ଘାତିକ । ପ୍ରକୃତିର ତାଣ୍ଡବରେ ଜଳ ଯୋଗାଣ ଏବଂ ବିଜୁଳି ସେବା ସମ୍ପୂର୍ଣ୍ଣ ରୂପେ ବ୍ୟାଘାତ ଘଟିଛି । ମଣ୍ଡିରେ ଏକ ପେଟ୍ରୋଲ ପମ୍ପରେ ମାଟି ଧସି ପଡିଛି । ତେବେ ଏଭଳି ସ୍ଥିତିରେ ହିମାଚଳ ପ୍ରଦେଶ ଯାଉଥିବା ଯାତ୍ରୀଙ୍କୁ ବୁଲି ନଯିବାକୁ ପରାମର୍ଶ ଜାରି କରାଯାଇଛି । ସ୍ଥିତି ଭଲ ନଥିବାରୁ ଯାତ୍ରା ନକରିବାକୁ କୁହାଯାଉଛି।

# ଅବତରଣ ବେଳେ ରନୱେରୁ ଖସିଲା ଏୟାର ଇଣ୍ଡିଆ ବିମାନ



ମୁମ୍ବାଇ: ଅହମଦାବାଦରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ବିସ୍ଫୋରଣ ଘଟଣାକୁ ମାସେ ବିତିଛି। ଏହି ସମୟ ମଧ୍ୟରେ ଏୟାର ଇଣ୍ଡିଆର ଅନେକ ବିମାନ ଯାନ୍ତ୍ରିକ ତ୍ରୁଟି ବା ଅନ୍ୟ କାରଣ ପାଇଁ ଜରୁରୀକାଳିନ ଅବତରଣ କରିଛି। ବାରମ୍ବାର ଦେଖାଯାଉଥିବା ତ୍ରୁଟି ପାଇଁ ବିବାଦରେ ଥିବା ଏୟାର ଇଣ୍ଡିଆକୁ ନେଇ ଏବେ ଆଉ ଏକ ଖବର ଆସିଛି। କୋଚିରୁ ମୁମ୍ବାଇ ଆସୁଥିବା ଏକ ଏୟାର ଇଣ୍ଡିଆ ବିମାନ ରନ୍‌ୱେରୁ ଖସିଯାଇଥିବା ଜଣାଯାଇଛି। ଏଥିପାଇଁ ବିମାନର ଅନେକ ଭାଗ କ୍ଷତିଗ୍ରସ୍ତ ହେବା ସହ ମରାମତି ପାଇଁ ବିମାନକୁ ଏବେ ଉଡ଼ାଣରୁ ନିବୃତ୍ତ ରଖାଯାଇଛି। ବିମାନ କମ୍ପାନିର ଏକ ସରକାରୀ ବିବୃତି ଅନୁଯାୟୀ, ସହର ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପ୍ରବଳ ବର୍ଷା ପାଇଁ ଏହି ଘଟଣା ଘଟିଛି। ମିଳିଥିବା ସୂଚନା ମୁତାବକ, ସକାଳ ୯.୨୭ରେ ଏଆଇ ୨୭୪୪ ଅବତରଣ କରୁଥିବା ବେଳେ ରନ୍‌ୱେ ଓଦା ଥିବାରୁ ବିମାନର ଚକା ଖସିଥିଲା। ଏହା ଫଳରେ ବିମାନଟି ରନ୍‌ୱେରୁ ବାହାରକୁ ଚାଲିଯାଇଥିଲା। ହେଲେ ପାଇଲଟ୍ ବିମାନକୁ ରୋକିବାରେ ସଫଳ ହୋଇଥିଲେ। ଏନେଇ ସୂଚନା ମିଳିବା ପରେ ତୁରନ୍ତ ସେଠାରେ ଏମରଜେନ୍ସି ରେସପନ୍ସ ଟିମ୍ ପହଞ୍ଚି ବିମାନକୁ ପାର୍କିଂ ପର୍ଯ୍ୟନ୍ତ ଟାଣି ଟାଣି ଆଣିଥିଲେ। ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କର୍ମଚାରୀଙ୍କୁ ଓହ୍ଲାଇ ଦିଆଯିବା ପରେ ବିମାନରେ ଏବେ ଯାଞ୍ଚ କାମ ଆରମ୍ଭ ହୋଇଛି। ଯେଉଁ ସବୁ ଫଟୋ ସାମ୍ନାକୁ ଆସିଛି, ସେଥିରେ ବିମାନ ଇଞ୍ଜିନ ଓ ୱିଙ୍ଗ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି।

# ଗୋଆରୁ -ଇନ୍ଦୋର ବିମାନର ଜରୁରୀ ଅବତରଣ

ଇନ୍ଦୋର : ସୋମବାର ଦିନ ଗୋଆରୁ ଇନ୍ଦୋର ଆସୁଥିବା ଇଣ୍ଡିଗୋ ବିମାନ (ନମ୍ବର ୬ଇ୮୧୩)ର ଜରୁରୀକାଳୀନ ଅବତରଣ କରାଯାଇଛି। ଏହି ବିମାନରେ ୧୪୦ ଜଣ ଯାତ୍ରୀ ଥିଲେ ଓ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ପାଇଲଟଙ୍କୁ ଲ୍ୟାଣ୍ଡିଂ ଗିୟରରେ ଯାନ୍ତ୍ରିକ ତ୍ରୁଟି



ଥିବା ବିଷୟରେ ସୂଚନା ଦିଆଯାଇଥିଲା। ଏହା ପରେ, ବିମାନଟିକୁ ଇନ୍ଦୋର ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରାଯାଇଥିଲା। ଏହା ପରେ ଯାତ୍ରୀମାନେ ଶାନ୍ତିରେ ନିଶ୍ୱାସ ମାରିଥିଲେ । ଅଣ୍ଡରକ୍ୟାରେଜ୍ ଓ୍ୱାର୍ଣ୍ଣିଂର ଅର୍ଥ ହେଉଛି ବିମାନର ଅଣ୍ଡରକ୍ୟାରେଜ୍ ରେ କିଛି ସମସ୍ୟା ଅଛି ଯାହାକୁ ତୁରନ୍ତ ସମାଧାନ କରିବା ଆବଶ୍ୟକ। ଏହା ଏକ ସାଧାରଣ ସତର୍କତା ସୂଚକ ନୁହେଁ, ଏବଂ ଏହା ସାଧାରଣତଃ ଏକ ଗମ୍ଭୀର ସମସ୍ୟାକୁ ସୂଚିତ କରେଛ ଇଣ୍ଡିଗୋର ବୈଷୟିକ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବିମାନର ତଦନ୍ତ ଆରମ୍ଭ କରିଛି। ପ୍ରାରମ୍ଭିକ ତଦନ୍ତରେ ଏକ ବଡ଼ ଦୁର୍ଘଟଣାର ସମ୍ଭାବନାକୁ ଖାରଜ କରାଯାଇଛି, କିନ୍ତୁ ପ୍ରକୃତ କାରଣ ଜାଣିବା ପାଇଁ ବିସ୍ତୃତ ବୈଷୟିକ ବିଶ୍ଳେଷଣ କରାଯାଉଛି।ଗତ ଦୁଇ ଦିନ ମଧ୍ୟରେ ଇଣ୍ଡିଗୋ ବିମାନର ଜରୁରୀକାଳୀନ ଅବତରଣର ଏହା ଦ୍ୱିତୀୟ ଘଟଣାଛ ଏହା ପୂର୍ବରୁ ରବିବାର (୨୦ ଜୁଲାଇ) ଦିନ, ହାଇଦ୍ରାବାଦ ଯାଉଥିବା ଇଣ୍ଡିଗୋ ବିମାନଟି ଜରୁରୀକାଳୀନ ଅବତରଣ ପୂର୍ବରୁ ୪୦ ମିନିଟରୁ ଅଧିକ ସମୟ ପାଇଁ ଆକାଶରେ ଘୁରି ବୁଲୁଥିବା ବେଳେ ଆକାଶରେ ହିଁ ବିମାନରେ କିଛି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା, ଯାହା ପରେ ଏହାକୁ ତିରୁପତିରେ ଜରୁରୀକାଳୀନ ପରିସ୍ଥିତିରେ ଅବତରଣ କରିବାକୁ ପଡିଥିଲା।

# ହନିମୁନ୍ ହତ୍ୟା : ସୋନମଙ୍କୁ ଭେଟିବାକୁ ଆସୁନାହାନ୍ତି ପରିବାର ଲୋକେ

ଲକ୍ଷ୍ନୌ:ବ୍ୟବସାୟୀ ରାଜା ରଘୁବଂଶୀ ଓ ତାଙ୍କ ଧର୍ମପତ୍ନୀ ସୋନମ ରଘୁବଂଶୀ ବିବାହର କିଛିଦିନ ପରେ ମେଘାଳୟର ରାଜଧାନୀ ସିଲଂକୁ ହନିମୁନ ପାଇଁ ଯାଇଥିଲେ। ଏହି ସମୟରେ ସୋନମ ତାଙ୍କ ପ୍ରେମିକ ରାଜ କୁଶଓ୍ୱାହାଙ୍କ ସହ ମିଶି ରାଜାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ସ୍ୱାମୀ ହତ୍ୟା ଘଟଣାରେ ପୁଲିସ ସୋନମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରି ଜେଲକୁ ପଠାଇ ଦେଇଛି।

ସୋନମ ରଘୁବଂଶୀ ଜୁନ୍ ୨୧ ତାରିଖରୁ ଜେଲରେ ଥିବା ବେଳେ ଆଜିକୁ ଅର୍ଥାତ ଜୁଲାଇ ୨୧ତାରିଖକୁ ତାଙ୍କର ଜେଲରେ ରହିବା ମାସେ ପୂରି ଯାଇଛି। ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରକାଶ, ଜୁନ ୨୧ ତାରିଖରୁ ସୋନମ ଜେଲରେ ଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କୁ ଭେଟିବାକୁ ତାଙ୍କ ବାପା,ଭାଇ, ମାଆ କି ଅନ୍ୟ କୌଣସି ପରିଚିତ ବ୍ୟକ୍ତି ଆସି ନାହାନ୍ତି। ଏନେଇ ସୋନମଙ୍କ ମନରେ କେଣସି ପ୍ରକାର ଦୁଃଖ ନାହିଁଛ ସେ ଜେଲରେ ରହିବା ଦିନ ଠାରୁ କେବେବି ତାଙ୍କ ପରିବାର ସଦସ୍ୟଙ୍କ ବିଷୟରେ କାହାରିକୁ କିଛି ପଚାରି ନାହାନ୍ତି।

ସୋନମଙ୍କୁ ଜେଲରେ ଅନ୍ୟ ମହିଳା କଏଦୀମାନଙ୍କ ସହିତ ରଖାଯାଇଛି । ଜେଲ ଭିତରେ ମାସେ ବିତି ଯାଇଥିଲେ ସୁଦ୍ଧା ସୋନମ ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଅନ୍ୟ ମହିଳା କଏଦୀ କିମ୍ବା ଜେଲ ପ୍ରଶାସନ ସହିତ କେଣସି ପ୍ରକାର ଆଲୋଚନା କରି ନାହାନ୍ତି। ବର୍ତ୍ତମାନ ସୋନମଙ୍କୁ ଜେଲ ଭିତରେ କୌଣସି ବିଶେଷ କାର୍ଯ୍ୟ ଦିଆଯାଇ ନାହିଁ, କାରଣ ସେ ଏବେ ବି ଜଣେ ବିଚାରାଧୀନ କଏଦୀ ଭାବେ ଅଛନ୍ତି। ସିସିଟିଭି କ୍ୟାମେରା ମାଧ୍ୟମରେ ସୋନମଙ୍କ ଉପରେ ୨୪ ଘଣ୍ଟା ନଜର ରଖାଯାଉଛି।

ଜେଲ ନିୟମ ଅନୁଯାୟୀ, ସୋନମଙ୍କ ପାଖରେ ଟିଭି ଦେଖିବାର ସୁବିଧା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ଏବଂ କଥା ହେବାର ଅନୁମତି ମଧ୍ୟ ଅଛି। ଏହା ସତ୍ତ୍ୱେବି ଆଜି ପର୍ଯ୍ୟନ୍ତ ତାଙ୍କୁ ଭେଟିବାକୁ କେହି ଆସିନାହାଁନ୍ତି କି କେହି ତାଙ୍କ ସହିତ ଫୋନରେ ବି କଥା ହୋଇନାହାଁନ୍ତି। ସୋନମ ବି ତାଙ୍କ ପରିବାର ସହିତ କଥା ହେବାାକୁ ନେଇ ମାସକ ଭିତରେ ଥରଟେ ହେଲେ ଇଚ୍ଛା ପ୍ରକାଶ କରି ନାହାନ୍ତି।



# ଚେସ୍ ବିଶ୍ୱକପ୍ ଆୟୋଜନ କରିବ ଭାରତ

## ନକ୍ଆଉଟ୍ ଫର୍ମାଟରେ ୨୦୬ ଖେଳାଳି

ନୂଆଦିଲ୍ଲୀ: ଭାରତ ୩୦ ଅକ୍ଟୋବରରୁ ୨୭ ନଭେମ୍ବର ପର୍ଯ୍ୟନ୍ତ ବିଶ୍ୱ ଚେସର ସବୁଠାରୁ ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଗୋଟିଏ ୨୦୨୫ ଫାଇଡ ବିଶ୍ୱକପ୍ ଆୟୋଜନ କରିବ ।ଏହା ଅନ୍ତର୍ଜାତୀୟ ଚେସ୍ ଫେଡେରେସନ (ଫାଇଡ ) ସୋମବାର ଘୋଷଣା କରିଛି । ଆୟୋଜକ ସହର ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ ଏବଂ ଯଥା ସମୟରେ ନାମିତ କରାଯିବ ।

ଟୁର୍ଣ୍ଣାମେଣ୍ଟରେ ୨୦୬ ଜଣ ଖେଳାଳି ନକଆଉଟ୍ ଫର୍ମାଟରେ ପ୍ରତିଦ୍ୱନ୍ଦିତା କରିବେ ।୨୦୨୬ ପ୍ରାର୍ଥୀ ପ୍ରତିଯୋଗିତା ପାଇଁ ତିନୋଟି ସ୍ଥାନ ଉପଲବ୍ଧ - ଏହି ଇଭେଣ୍ଟ ଯାହା ବିଶ୍ୱ ଚେସ୍ ଚାମ୍ପିଅନସିପ୍ ପାଇଁ ପରବର୍ତ୍ତୀ ଚ୍ୟାଲେଞ୍ଜର ନିର୍ଣ୍ଣୟ କରେ । ୨୦୦୨ ମସିହାରୁ ବିଶ୍ୱନାଥନ ଆନନ୍ଦ ହାଇଦ୍ରାବାଦରେ ଟାଇଟଲ ଜିତିବା ପରେ ଏହା ପ୍ରଥମ ଥର ପାଇଁ ଭାରତ ବିଶ୍ୱକପ୍ ଆୟୋଜନ କରିବ ।

୨୦୨୧ ମସିହାରୁ ପ୍ରଚଳିତ ଏହି ଫର୍ମାଟରେ ଏକକ-ଏଲିମିନେସନ୍ ଗଠନ ରହିଛି । ପ୍ରତ୍ୟେକ ରାଉଣ୍ଡ ତିନି ଦିନ ବ୍ୟାପୀ - ପ୍ରଥମ ଦୁଇ ଦିନ ଶାସ୍ତ୍ରୀୟ ଖେଳ ପାଇଁ ସଂରକ୍ଷିତ, ଆବଶ୍ୟକ ହେଲେ ତୃତୀୟ ଦିନରେ ଟାଇ-ବ୍ରେକ୍ ଖେଳାଯିବ । ଶୀର୍ଷ ୫୦ ସିଡ୍ ପ୍ରଥମ ରାଉଣ୍ଡରେ ଖେଳିବେ । ପ୍ରତିଦ୍ୱନ୍ଦିତା କରିବାକୁ ଆଶା କରାଯାଉଥିବା ପ୍ରମୁଖ ନାମ ମଧ୍ୟରେ ଅଛନ୍ତି ବିଶ୍ୱ ଚାମ୍ପିଅନ ଡି ଗୁକେଶ, ୨୦୨୩ ବିଶ୍ୱକପ୍ ରନର୍ସଅପ୍ ଆର ପ୍ରଜ୍ଞାନାନନ୍ଦା ଏବଂ ବିଶ୍ୱର ପଞ୍ଚମ ସ୍ଥାନରେ ଅର୍ଜୁନ ଏରିଗାଇସି । ୨୦୨୩ରେ ଗତ ସଂସ୍କରଣ ଜିତିଥିବା ବିଶ୍ୱର ନମ୍ବର ଏକ ମ୍ୟାଗନସ୍ କାର୍ଲସେନ୍ ମଧ୍ୟ ଏହି ବର୍ଷର ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ।୨୦୨୫ ବିଶ୍ୱକପ୍‌ର ଶୀର୍ଷ ତିନି ଜଣ ଶେଷ ଖେଳାଳି ୨୦୨୬ ପ୍ରାର୍ଥୀ ଟୁର୍ଣ୍ଣାମେଣ୍ଟ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ ।

ଭାରତ ଚେସ୍ ଜଗତରେ ଏକ ବଢୁଥିବା ଶକ୍ତିଶାଳୀ ଭାବରେ ନିଜର ଖ୍ୟାତିକୁ ସୁଦୃଢ଼ କରିଛି । ସାମ୍ପ୍ରତିକ ବର୍ଷଗୁଡ଼ିକରେ ୨୦୨୨ ଚେସ୍ ଅଲିମ୍ପିଆଡ୍, ଟାଟା ଷ୍ଟିଲ୍ ଚେସ୍ ଇଣ୍ଡିଆ, ୨୦୨୪ ବିଶ୍ୱ ଜୁନିଅର ଅଣ୍ଡର୨୦ ଚାମ୍ପିଅନସିପ୍ ଏବଂ ଏହି ବର୍ଷ ଆରମ୍ଭରେ ଅନୁଷ୍ଠିତ ଫାଇଡ ମହିଳା ଗ୍ରାଣ୍ଡ ପ୍ରିର ୫ମ ପର୍ଯ୍ୟାୟ ସମେତ ଅନେକ ପ୍ରମୁଖ ଇଭେଣ୍ଟ ଆୟୋଜନ କରିସାରିଛି ।

ଆମେ ଫାଇଡ ବିଶ୍ୱକପ୍ ୨୦୨୫ ଭାରତରେ ଆଣିବାକୁ ବହୁତ ଉତ୍ସାହିତ, ଏକ ଦେଶ ଯାହା ଚେସ୍ ପାଇଁ ଗଭୀର ଆଗ୍ରହ ଏବଂ ସମର୍ଥନ ରଖିଛି । ଫାଇଡ ସିଇଓ ଏମିଲ୍ ସୁତୋଭସ୍କି କହିଛନ୍ତି ଭାରତୀୟ ଚେସ୍ ପ୍ରଶଂସକଙ୍କ ଉତ୍ସାହ ସର୍ବଦା ଉଲ୍ଲେଖନୀୟ ରହି ଏବଂ ଆମେ ସ୍ଥାନୀୟ ଚେସ୍ ପ୍ରେମୀଙ୍କ ମଧ୍ୟରେ ଅନଲାଇନ୍ ଏବଂ ଅଫଲାଇନ୍ ଉଭୟ ସ୍ଥାନରେ ଏହି ଇଭେଣ୍ଟ ପ୍ରତି ବହୁତ ଆଗ୍ରହ ଆଶା କରୁଛୁ ।

## ଭାରତ -ଇଂଲଣ୍ଡ ଚତୁର୍ଥ ଟେଷ୍ଟ

# ଆକାଶ-ଅର୍ଶଦୀପଙ୍କ ପରେ ଦଳରୁ ବାଦ୍ ପଡ଼ିଲେ ନୀତୀଶ

ନୂଆଦିଲ୍ଲୀ: ଜୁଲାଇ ୨୩ରୁ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳକୁ ଆଉ ଏକ ବଡ଼ ଝଟକା ଲାଗିଛି । ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡି ଆହତ ହେବା ପରେ ସମ୍ପୂର୍ଣ୍ଣ ସିରିଜରୁ ବାଦ୍ ପଡ଼ିଛନ୍ତି । ରବିବାର ଜିମ୍ ସେସନ୍ ସମୟରେ ନୀତୀଶଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା । ଏଥିପାଇଁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି । ଏହା ପୂର୍ବରୁ ଖବର ଆସିଥିଲା ଯେ, ଅର୍ଶଦୀପ ସିଂହଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ସେ ଚତୁର୍ଥ ଟେଷ୍ଟରୁ ବାଦ୍ ପଡ଼ିବେ । ଦ୍ରୁତ ବୋଲର ଆକାଶଦୀପ ମଧ୍ୟ ଆହତ ହୋଇ ଏବେ ବିଶ୍ରାମ ନେଉଛନ୍ତି । ଏହି କାରଣରୁ ଅଂଶୁଲ କମ୍ବୋଜଙ୍କୁ ତାଙ୍କ ସ୍ଥାନରେ ଭାରତୀୟ ଦଳରେ ସାମିଲ କରାଯାଇଛି । ଆକାଶଦୀପ ଦ୍ୱିତୀୟ ଏବଂ ତୃତୀୟ ଟେଷ୍ଟ ଖେଳିଥିବାବେଳେ ଅର୍ଶଦୀପ ଏପର୍ଯ୍ୟନ୍ତ ଏହି ସିରିଜରେ ଖେଳିପାରି ନାହାଁନ୍ତି ।

ଚତୁର୍ଥ ଟେଷ୍ଟ ପାଇଁ ଇଣ୍ଡିଆନ୍ ସ୍କ୍ୱାଡ୍: ଶୁଭମାନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉପ-ଅଧିନାୟକ ତଥା ୱିକେଟ୍ କିପର), ଯଶସ୍ୱୀ ଜୟସ୍ୱାଲ, କେ.ଏଲ୍ ରାହୁଲ, ସାଇ ସୁଦର୍ଶନ, ଈଶ୍ୱରନ୍, କରୁଣ, ରବିନ୍ଦ୍ର ଜାଦେଜା, ଧ୍ରୁଭ ଜୁରେଲ (ୱିକେଟ୍ କିପର), ୱାଶିଂଟନ୍ ସୁନ୍ଦର, ଶାରଦୁଲ ଠାକୁର, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ୍, ପ୍ରସିଦ୍ଧ କୃଷ୍ଣ, ଆକାଶ ଦୀପ, କୁଲଦୀପ ଯାଦବ ଏବଂ ଅଂସୁଲ କମ୍ବୋଜ ।




## ଐତିହାସିକ ମାଇଲ ଖୁଣ୍ଟ ଅପେକ୍ଷାରେ ରାହୁଲ

ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ୍ ଅବସରରେ ଭାରତୀୟ ଓପନର୍ କେଏଲ୍ ରାହୁଲ ଏକ ଐତିହାସିକ ମାଇଲଖୁଣ୍ଟ ଛୁଇଁବା ଦ୍ୱାର ଦେଶରେ ରହିଛନ୍ତି । ଏହି ୩୧ ବର୍ଷୀୟ ରାହୁଲ ଅନ୍ତର୍ଜାତୀୟ କ୍ରିକେଟ୍ରେ ୯,୦୦୦ ରନ୍ ପୂରଣ ପାଇଁ ମାତ୍ର ୬୦ ରନ୍ ଦୂରରେ ରହିଛନ୍ତି । ସମସ୍ତ ଫର୍ମାଟ୍ରେ ସେ ୨୧୮ ମ୍ୟାଚ୍ ଖେଳି ୩୯.୭୩ ହାରରେ ୮,୯୪୦ ରନ୍ ସଂଗ୍ରହ କରିଛନ୍ତି । ଭାରତ ସମ୍ପ୍ରତି ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି ଶୃଙ୍ଖଳାରେ ୧-୨ରେ ପଛୁଆ ରହିଛି । ରାହୁଲ କିନ୍ତୁ ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ରଥମ ୩ ଟେଷ୍ଟରୁ ୬୨.୫୦ ହାରରେ ୩୭୫ ରନ୍ ସଂଗ୍ରହ କରିଛନ୍ତି । ଏହା ଭିତରେ ୨ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି ।ଟେଷ୍ଟରେ ରାହୁଲ ୬୧ ମ୍ୟାଚରୁ ୧୦ ଶତକ ସହ ୩୫.୨୬ ହାରରେ ୩,୬୩୨ ରନ୍ ଏବଂ ଦିନିକିଆରେ ୮୫ ମ୍ୟାଚରୁ ୭ ଶତକ ସହ ୪୯.୦୮ ହାରରେ ୩,୦୪୩ ରନ୍ ସଂଗ୍ରହ କରିଛନ୍ତି । ଟ୍ୱେଣ୍ଟି -୨୦ରେ ସେ ୭୨ ମ୍ୟାଚରୁ ୩୭.୭୫ ହାରରେ ୨,୨୬୫ ରନ୍ ସଂଗ୍ରହ କରିବା ସହ ଭାରତର ଚତୁର୍ଥ ଅଗ୍ରଣୀ ବ୍ୟାଟର୍ ଅଛନ୍ତି । ମୋଟ ଉପରେ ସେ ଇଂଲଣ୍ଡରେ ୧୨ ଟେଷ୍ଟରୁ ୪୧.୨୦ ହାରରେ ୯୮୯ ରନ୍ ସଂଗ୍ରହ କରିଛନ୍ତି । ଏହା ମଧ୍ୟରେ ୪ ଶତକ ଓ ୨ ଅର୍ଦ୍ଧଶତକ ରହିଛି । ଚଳିତ ଗସ୍ତରେ ରାହୁଲ ୬୭୦ ବଲ୍ ଖେଳି ୧୯୯୦ ମସିହା ପରେ ଭରାତୀୟ ଓପନରଙ୍କ ମଧ୍ୟରେ ଚତୁର୍ଥକୁ ଉନ୍ନୀତ ହୋଇଛନ୍ତି । ୨୦୨୧ ଗସ୍ତରେ ସେ ସର୍ବାଧିକ ୭୩୫ ବଲ୍ ଖେଳିଥିବାରୁ ଏବେ ନିଜ ରେକର୍ଡକୁ ପଛରେ ପକାଇବା ସୁଯୋଗ ରହିଛି । ୨୦୧୪ରେ ମୁରଲୀ ବିଜୟ ୧୦୫୪ ବଲ୍ ଏବଂ ରୋହିତ ଶର୍ମା ୮୬୬ ବଲ୍ ଖେଳି ଶୀର୍ଷ ଦୁଇ ସ୍ଥାନରେ ଅଛନ୍ତି । ଚଳିତ ଗସ୍ତରେ ମଧ୍ୟ ରାହୁଲ ଗୋଟିଏ ଶୃଙ୍ଖଳାରୁ ସର୍ବାଧିକ ରନ୍ ସଂଗ୍ରହ ରେକର୍ଡକୁ ଟପିବା ସମ୍ଭାବନା ରହିଛି । ୨୦୧୬-୧୭ରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ ୪ ଟେଷ୍ଟରୁ ୩୯୩ ରନ୍ କରିଥିଲେ । ଅନ୍ତର୍ଜାତୀୟ କ୍ରିକେଟରେ ୧୯ ଶତକ ଓ ୫୮ ଅର୍ଦ୍ଧଶତକ ହାସଲ କରିବା ସହ ସର୍ବକାଳୀନ ଭାରତୀୟ ତାଲିକାରେ ୧୬ତମ ସ୍ଥାନରେ ରହିଛନ୍ତି । ୨୦୨୨ ଟ୍ୱେଣ୍ଟି -୨୦ ପରଠାରୁ ସେ ଏହି ସଂକ୍ଷିପ୍ତ ଫର୍ମାଟରେ ଖେଳିନାହାନ୍ତି ।

## ଟ୍ରେନରେ ମାଞ୍ଚେଷ୍ଟର୍ ପହଞ୍ଚିଲା ଟିମ୍ ଇଣ୍ଡିଆ

ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାର ଅତି ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ଟେଷ୍ଟ୍ ଖେଳିବାକୁ ଟିମ୍ ଇଣ୍ଡିଆ ରବିବାର ଟ୍ରେନ୍ ଯୋଗେ ଲଣ୍ଡନରୁ ମାଞ୍ଚେଷ୍ଟର୍ ପହଞ୍ଚିଛି । ରେଳଷ୍ଟେସନରେ ପାଦ ଥାପିବା ମାତ୍ରେ ଭାରତୀୟ ଖେଳାଳିଙ୍କୁ ସେଠାରେ ଝିପି ଝିପି ବର୍ଷା ସ୍ୱାଗତ କରିଛି । ଏଣୁ ସେମାନେ ପୂର୍ବ ନିର୍ଦ୍ଧାରିତ ଫାଟକରେ ଷ୍ଟେସନ୍ ବାହାରକୁ ନବାହାରି ପଛବାଟ ଦେଇ ହୋଟେଲକୁ ଚାଲି ଯାଇଥିଲେ । ଦଳୀୟ ବସ୍ ଧରିବା ଲାଗି ଭାରତୀୟ ଖେଳାଳି କିନ୍ତୁ ବର୍ଷାରେ ପାଖାପାଖି ୩୦୦ ମିଟର ପର୍ଯ୍ୟନ୍ତ ଚାଲିଚାଲି ଯାଇଥିଲେ । ଅଧିନାୟକ ଶୁବମନ୍ ଗିଲ୍ କିଛି କ୍ଷଣ ବାହାରେ ରହିଥିଲେ ମଧ୍ୟ ଅନ୍ୟ ଖେଳାଳିମାନେ ଦେଡ଼ାଦେଡ଼ି ହୋଇ ଦଳୀୟ ବସ୍ ଭିତରକୁ ଚାଲିଯାଇଥିଲେ । ଲର୍ଡସରେ ହୃଦୟ ଭଙ୍ଗା ପରାଜୟ ବରଣ କରିବା ପରେ ଭାରତୀୟ ଖେଳାଳିମାନେ ଆଜି ପର୍ଯ୍ୟନ୍ତ ଲଣ୍ଡନରେ ଥିଲେ । ଲଣ୍ଡନ ନିକଟସ୍ଥ ଛୋଟ ଟାଉନ୍ ବେକେନହାମରେ ଅଭ୍ୟାସ ବି କରିଥିଲେ । ସୋମବାରଠାରୁ ଭାରତୀୟ ଦଳ ଚତୁର୍ଥ ଟେଷ୍ଟ୍ ଲାଗି ମାଞ୍ଚେଷ୍ଟର୍ ଓଲ୍ଡ ଟ୍ରଫୋର୍ଡଠାରେ ଅଭ୍ୟାସ କରିବେ । ପ୍ରଥମ ଅଭ୍ୟାସ ଅଧିବେଶନ ବନ୍ଦ ଦ୍ୱାର ଭିତରେ କରାଯିବ ଏବଂ ଗଣମାଧ୍ୟମକୁ ଦୂରେଇ ରଖାଯିବ ।

## ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୁନ୍ଦରଗଡ଼ ବିଜୟୀ: ଢେଙ୍କାନାଳ ,ସୁବର୍ଣ୍ଣପୁର ମ୍ୟାଚ ଡ୍ର

କେନ୍ଦୁଝର, (ସବ୍ୟ): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ସୋମବାର ଦିନ ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ଏବଂ ସଂଘର୍ଷପୂର୍ଣ୍ଣ ଏହି ପ୍ରଥମ ଖେଳରେ ସୁନ୍ଦରଗଡ଼ ଜିଲ୍ଲା ବାଲେଶ୍ୱର ଜିଲ୍ଲା ବିପକ୍ଷରେ ୧-୦ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ସୁନ୍ଦରଗଡ଼ ଜିଲ୍ଲା ଲିଗ ପର୍ଯ୍ୟାୟରେ ସମୁଦାୟ ୩ଟି ମ୍ୟାଚ ଖେଳି ୩ଟି ବିଜୟ ସହ ସମୁଦାୟ ୯ ପଏଣ୍ଟ ହାସଲ କରି 'ଏ' ଗ୍ରୁପ ଲିଗ ଟେବୁଲରେ ଶୀର୍ଷରେ ରହିବା ସହ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି । ଆସନ୍ତା ୨୩ ତାରିଖ ବୁଧବାର ଦିନ ସୁନ୍ଦରଗଡ଼ ଜୋନାଲ ଫାଇନାଲରେ ରାଉରକେଲାକୁ ଭେଟିବ । ଦୁଇଟି ଦଳ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିବା ବେଳେ ଆଜି ଢେଙ୍କାନାଳ ଏବଂ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଖେଳର କୌଣସି ଗୁରୁତ୍ୱ ନଥିଲ । ଆଜି ଅନୁଷ୍ଠିତ ଏହି ଖେଳରେ ଉଭୟ ଦଳ ଗୋଲ ଦେବାର କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଦୁଇ ଦଳର ରାକ୍ଷଣଭାଗ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି



ସମସ୍ତ ଆକ୍ରମଣକୁ ପଣ୍ଡ କରିଥିଲେ ।ଏହି ଅନ୍ତିମ ଖେଳଟି ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ । ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସଦସ୍ୟ ଶିବ ନାରାୟଣ ମହାନ୍ତ, ବିଭୁତି ଭୂଷଣ ପ୍ରଧାନ ଏବଂ ବିଶିଷ୍ଠ ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡାଙ୍କ ସହ ଖେଳାଳିମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା । ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ , ରାଜକୁମାର ମିଶ୍ର,ସୁରେଶ ଚନ୍ଦ୍ର ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ବୀରଭଦ୍ର ପରିଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସୋମବାର ଦିନ ଅନୁଷ୍ଠିତ ପ୍ରଥମ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଶୁଭମ ପାତ୍ର ଓ ଚକ୍ରଧର ଚାଟଝର ସହାୟତା କରିଥିଲେ ୫ ଚତୁର୍ଥ ରେଫରୀ ଥିଲେ ସୁବ୍ରତ ପୁରୋହିତ । ସେହିପରି ଦ୍ୱିତୀୟ ଖେଳରେ ଉତ୍କଳମଣି ବେହେରା ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ରନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ । ।ଆସନ୍ତାକାଲି ବୁଧବାର ବିଶ୍ରାମ ଦିବସରେ ତାରିଣୀ ଫୁଟବଲ ଏକାଡେମୀ ଓ ଜେଏସଡବ୍ଲୁ ଫାଉଣ୍ଡେସନ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

# ଇତିହାସ ରଚିଲା ଭାରତୀୟ ବ୍ୟାଡମିଣ୍ଟନ ଦଳ

ଭୁବନେଶ୍ୱର : ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ମିଶ୍ରିତ ଯୁଗଳ ବ୍ୟାଡମିଣ୍ଟନ୍ ଦଳ ପ୍ରଥମ ପଦକ ଜିତି ଇତିହାସ ରଚିଛି । ଭାରତୀୟ ଦଳ ରବିବାର ଏହି ଇଭେଣ୍ଟରେ କାଂସ୍ୟ ପଦକ ଜିତି ନୂଆ ଅଧ୍ୟାୟ ଯୋଡ଼ିଛି । ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତ ଶକ୍ତିଶାଳୀ ମାଲେସିଆକୁ ୩-୨ରେ ହରାଇ ସେମିଫାଇନାଲରୁ ଯାଇଥିଲା । ସେଠାରେ ଚାଇନିଜ୍ ତାଇପେଇଠାରୁ ହାରି ଲୁଜିଂ ସେମିଫାଇନାଲିଷ୍ଟ ଭାବେ କାଂସ୍ୟ ପଦକ ହାସଲ କରିଥିଲା । ଭାରତୀୟ ବ୍ୟାଡମିଣ୍ଟନ୍ ଦଳର ଅଧିକାଂଶ ସଦସ୍ୟ କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରସ୍ତୁତ କରିବା ଏହି ସଫଳତାକୁ ଆହୁରି ଉଲ୍ଲେଖନୀୟ କରିଛି ।

ଏହି ସ୍ମରଣୀୟ ଓ ବିରଳ ସଫଳତାରେ ଖୁସି ଜାହିର କରି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତ କହିଛନ୍ତି, ଏହା କେବଳ ଭାରତ ପାଇଁ ଐତିହାସିକ ମାଇଲ




ଖୁଣ୍ଟ ନୁହେଁ, ଓଡ଼ିଶା ଓ କିଟ୍ ପାଇଁ ମଧ୍ୟ ଗେରବର ବିଷୟ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପ୍ରଥମ ବ୍ୟାଡମିଣ୍ଟନ ପଦକ ଜିତିବା ନେଇ ମୁଁ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଉଛି । ଏହି ପଦକ ବର୍ଷ ବର୍ଷର ପ୍ରସ୍ତୁତି, ଏକାଗ୍ରତା ଓ ସଂସ୍ଥାଗତ ସମର୍ଥନର ଫଳ ସୂଚନାଯୋଗ୍ୟ ଯେ ସୋମବାରଠାରୁ ଏହି ପ୍ରତିଯୋଗିତାର ଆଥଲେଟିକ୍ସ ପର୍ଯ୍ୟାୟ ଆରମ୍ଭ ହେଉଥିଲା ବେଳେ ସବୁ ନଜର ଏବେ ଦେଶର ଦ୍ରୁତତମ ଧାବକ ତଥା କିଟ୍ ଛାତ୍ର ଅନିମେଷ କୁଜୁରଙ୍କ ଉପରେ ରହିଛି । ଅନିମେଷ ୧୦୦, ୨୦୦ ଓ ୪ଗୁଣା ୧୦୦ ରିଲେ ଦେଡ଼ରେ ପ୍ରତିଦ୍ୱନ୍ଦ୍ୱିତା କରିବେଛ ଶ୍ରୀ ସାମନ୍ତ ଏଥିଲାଗି ତାଙ୍କୁ ଶୁଭକମନା ଜ୍ଞାପନ କରିଛନ୍ତି ।

## ସାହାଣୀ କପ ଫୁଟବଲ

# ଖୋର୍ଦ୍ଧା ଓ କଟକ ବିଜୟୀ

ରାଜକନିକା, : ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା ସହଯୋଗରେ ରାଜକନିକା ଠାରେ ଚାଲିଥିବା ୬୪ ତମ ସିନିଅର ଆନ୍ତ ଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ନାମେଣ୍ଟ ର ୬ଷ୍ଠ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି,ପ୍ରଥମ ମ୍ୟାଚ ଖୁର୍ଦ୍ଧା ଓ ପୁରୀ ମଧ୍ୟରେ ହୋଇଥିଲା,ଏଥିରେ ଖୁର୍ଦ୍ଧା ୫ - ୦ ଗୋଲ ରେ ବିଜୟ ଲାଭ କରିଥିଲା,ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆସୋସିଏସନ ର ଉପସଭାପତି ତଥା ପଞ୍ଚାଯାତ ସମିତି ର ପ୍ରାକ୍ତନ ଅଧକ୍ଷ କପିଳେନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଦସ୍ୟ ବେଣୁଧର ପରିଡା, ରଙ୍ଗାଧର ବେହୁରା,ଓ ଶରତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ,ସେହିପରି ଦ୍ୱିତୀୟ ମ୍ୟାଚ କଟକ ଓ ପାରାଦ୍ୱୀପ ମଧ୍ୟରେ ହୋଇଥିଲା ,ଏଥିରେ କଟକ ୬ - ୦ ଗୋଲରେ ବିଜୟ ଲାଭ କରିଥିଲା, ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆସୋସିଏସନ ର ସଭାପତି ତଥା ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ,ସମ୍ମାନିତ ଅତିଥି ଭାବେ ବରିଷ୍ଠ ଉପସଭାପତି ପ୍ରଫେସର ବୈକୁଣ୍ଠ ନାଥ ପରିଡା, ଯୁଗ୍ମ ସମ୍ପାଦକ ଡ.ଫକୀର ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ,କାର୍ଯ୍ୟକାରୀ ସଦସ୍ୟ ବିଜୟ କୁମାର ଭୂୟାଁ ଓ ଅକ୍ଷୟ କୁମାର ନାଥ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ,ଏହି ଅବସରରେ ଅନୁଷ୍ଠାନ ର ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପଦେଷ୍ଟା ଆଦିକନ୍ଦ ଦାସ,ବାସୁଦେବ ବେହେରା, କେତନ ଦାସ,ପ୍ରମୁଖ ଉପସ୍ଥିତ ଥିଲେ, ଆଲୋକ ଦେହୁରୀ ଓ ଶଶିକାନ୍ତ ଦାସିଆ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ ,ପ୍ରଥମ ମ୍ୟାଚରେ ଖୁର୍ଦ୍ଧା ଦଳର ଜଳଧର ନାୟକ ଓ ଦ୍ୱିତୀୟ ମ୍ୟାଚରେ କଟକ ଦଳର ଦୀନବନ୍ଧୁ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ, ଚିନ୍ମୟ ରଞ୍ଜନ ଦାସ, ଶ୍ରୀନିବାସ ପ୍ରଧାନ,ଗୋଲକିହାରୀ ମଲ୍ଲିକ, ପର୍ଶୁରାମ ସାହୁ,ଶରତ ଜେନା,ବିଶ୍ୱ ଭୂଷଣ ପ୍ରଧାନ, ଜୟନ୍ତ ମଥାନ,ସୋମ୍ୟ କାନ୍ତ ନାୟକ,ବିଶ୍ୱନାଥ ଦାଶ ବିଶ୍ୱ ରଞ୍ଜନ ପଢ଼ିଆରୀ ଆଦି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ,୨୨ ତାରିଖ ବିଶ୍ରାମ ଦିବସ ଥିବାବେଳେ ୨୩ ତାରିଖ କଟକ ଓ ଝାରସୁଗୁଡା ମଧ୍ୟରେ ଜୋନ ଫାଇନାଲ ଖେଳ ହେବବୋଲି ସାଧାରଣ ସମ୍ପାଦକ ଅଜୟ କୁମାର ନାୟକଙ୍କ ଠାରୁ ପ୍ରକାଶ

## ଫ୍ରିଷ୍ଟାଇଲ୍ ଚେସ୍ ଗ୍ରାଣ୍ଡସ୍ଲାମ୍

# ଜିତିଲେ ଆରୋନିଆନ୍ : ଏରିଗାସି, ପ୍ରଜ୍ଞାନାନନ୍ଦ ଷଷ୍ଠ ଓ ସପ୍ତମ ସ୍ଥାନରେ



ଲାସ୍ ଭେଗାସ : ଲସ୍ ଭେଗାସରେ ଅନୁଷ୍ଠିତ ଫ୍ରିଷ୍ଟାଇଲ୍ ଚେସ୍ ଗ୍ରାଣ୍ଡସ୍ଲାମରେ ଲେଭନ୍ ଆରୋନିଆନ୍ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଜିତିଲେ ଏବଂ ୨୦୦,୦୦୦ ଡଲାର ନଗଦ ପୁରସ୍କାର ପାଇଲେ ।

ଉଭୟ ଭାରତୀୟ ଯଥାକ୍ରମେ ୪୦,୦୦୦ ଏବଂ ୩୦,୦୦୦ ଡଲାର ଜିତିଥିଲେ । ଭାରତର ଶ୍ରେଷ୍ଠ ଚେସ୍ ପ୍ରତିଭା, ଅର୍ଜୁନ ଏରିଗାଇସି ଏବଂ ଆର ପ୍ରଜ୍ଞାନନ୍ଦା ସୋମବାରଲାସ୍ ଭେଗାସରେ ଅନୁଷ୍ଠିତ ଫ୍ରିଷ୍ଟାଇଲ୍ ଚେସ୍ ଗ୍ରାଣ୍ଡ ସ୍ଲାମରେ ଯଥାକ୍ରମେ ଷଷ୍ଠ ଏବଂ ସପ୍ତମ ସ୍ଥାନରେ ରହିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଲେଭନ୍ ଆରୋନିଆନ୍ ଜିତିଥିଲେ, ଯିଏ ଫାଇନାଲରେ ନିଜର ସାହସକୁ ଜାବୁଡ଼ି ଧରି ଟାଇଟଲ୍ ଏବଂ ୨୦୦,୦୦୦ ଡଲାର ପୁରସ୍କାର ଜିତିଥିଲେ ।

ଆରୋନିଆନ୍ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ହାନ୍ସ ମୋକେ ନିମାନଙ୍କୁ ୧.୫-୦.୫ ରେ ପରାସ୍ତ କରି ବିଜୟ ସୁନିଶ୍ଚିତ କରିଥିଲେ । ତୃତୀୟ ସ୍ଥାନ ପାଇଁ ପ୍ଲେଅଫରେ, ବିଶ୍ୱର ନମ୍ବର ୱାନ୍ ମ୍ୟାଗନସ୍ କାର୍ଲସେନ୍ ଖରାପ ଆରମ୍ଭରୁ ଫେରି ହିକାରୁ ନାକାମୁରାଙ୍କୁ ସମାନ ବ୍ୟବଧାନରେ ପରାସ୍ତ କରିଥିଲେ ।

ଭାରତୀୟ ଖେଳାଳିମାନଙ୍କ ମଧ୍ୟରେ ଏରିଗାଇସି ଫାବିଆନୋ କାରୁଆନାଙ୍କଠାରୁ ୦-୨ ରେ ପରାଜୟ ସହିତ ତାଙ୍କ ଅଭିଯାନ ଶେଷ କରିଥିଲେ । ସାମଗ୍ରିକ ଭାବରେ ଷଷ୍ଠ ସ୍ଥାନରେ ରହି ୪୦,୦୦୦ ଡଲାର ଅର୍ଜନ କରିଥିଲେ । ତଥାପି, ପ୍ରଜ୍ଞାନନ୍ଦ ଉଚ୍ଚ ପ୍ରଦର୍ଶନ କରି ୱେସ୍ଲି ସୋକୁ ୧.୫-୦.୫ ରେ ପରାସ୍ତ କରି ସପ୍ତମ ସ୍ଥାନ ଏବଂ ୩୦,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ପାଇଲେ ।ପ୍ରଜ୍ଞାନନ୍ଦ ତାଙ୍କ ଶେଷ ମ୍ୟାଚ୍ ରେ ବିଶେଷ ପ୍ରଭାବଶାଳୀ ଥିଲେ ।

ଫ୍ରିଷ୍ଟାଇଲ୍ ଚେସ୍ ଗ୍ରାଣ୍ଡ ସ୍ଲାମ୍ ଶେଷ ହେବା ସହିତ, ଅର୍ଜୁନ ଏବଂ ପ୍ରଜ୍ଞାନନ୍ଦ ଉଭୟଙ୍କ ପାଇଁ ଏକ ଭରା କ୍ୟାଲେଣ୍ଡର ରହିଛି ।ସେମାନେ ଏବେ କିଛି ଦିନ ମଧ୍ୟରେ ଆରମ୍ଭ ହେଉଥିବା ଇ-ସ୍ପୋର୍ଟସ୍ ବିଶ୍ୱକପ୍ ପାଇଁ ସାଉଦି ଆରବର ରିୟାଦ ଯାତ୍ରା କରିବେ । ଏହା ପରେ ଅର୍ଜୁନ ଅଗଷ୍ଟ ପ୍ରାରମ୍ଭରେ ଚେନ୍ନାଇ ଗ୍ରାଣ୍ଡମାଷ୍ଟର୍ସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ସ୍ୱଦେଶ ଯିବେ, ଯେତେବେଳେ ପ୍ରଜ୍ଞାନନ୍ଦା ସେଣ୍ଟ ଲୁଇସରେ ଦୁଇଟି ପଛକୁ ପଛ ଗ୍ରାଣ୍ଡ ଚେସ୍ ଟୁର୍ ଇଭେଣ୍ଟ ପାଇଁ ଆମେରିକା ଫେରିବାକୁ ଯାଉଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି